NITIDIN

# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
5 FEBRUARY 2026
ଗୁରୁବାର
୫ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 259 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୬୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ମହାପ୍ରଭୁଙ୍କ ଶରଣରେ ମହାମହିମ





**ପୁରୀ,୪।୨/ଏନ୍ଏନ୍ଏସ୍:**

### ଶ୍ୱେତଗଙ୍ଗାରେ କଲେ ପିଣ୍ଡ ଦାନ

### ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ

### ବାଇଶି ପାହାଚରେ ବସି ମହାପ୍ରଭୁଙ୍କୁ କଲେ ସ୍ମରଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ବୁଧବାର ଥିଲା ତୃତୀୟ ଦିନ। ପୁରୀରେ ପହଞ୍ଚିବା ପରେ ଆଜି ଶ୍ୱେତଗଙ୍ଗାରେ ପ୍ରଥମେ ପିଣ୍ଡଦାନ କରିଥିଲେ ରାଷ୍ଟ୍ରପତି। ଏହାପରେ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ। ମହାମହିମ ସକାଳେ ଲୋକ ଭବନରୁ ବାହାରି ଭିଆଇପି ରୋଡ଼, ମେଡିକାଲ୍ ଛକ, କାକୁଡିଖାଇ ଛକ ଦେଇ ତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପହଞ୍ଚିଥିଲେ। ସକାଳ ୭ ଟାରେ ସେଠାରେ ପହଞ୍ଚିବା ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ରାଷ୍ଟ୍ରପତି ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଏବଂ ପିଣ୍ଡଦାନ କରିଥିଲେ। ପରେ ଏମାର ମଠ ଚକଡ଼ା ଦେଇ ସକାଳ ୭ଟା ୪୦ ରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ପୁଲିସ ଆଇଜି ଅରୁଣ କୁମାର ସାହୁ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପରେ ରାଷ୍ଟ୍ରପତି ପାଦ ପ୍ରକ୍ଷାଳନ କରି ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚି ପ୍ରଣାମ କରିଥିଲେ। ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଚଢ଼ି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ। ପରେ ଗର୍ଭଗୃହରେ ମହାପ୍ରଭୁଙ୍କୁ ଦର୍ଶନ ▶▶ ୫

### ରାଇରଙ୍ଗପୁରରେ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

## ‘ଆଦିବାସୀଙ୍କ ଆର୍ଥିକ ବିକାଶ ପାଇଁ କେନ୍ଦ୍ର ପ୍ରୟାସରତ’

### ଏସ୍ଏସ୍‌ଡି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ

### ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତିର କଲେ ଲୋକାର୍ପଣ

### ପୁର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ମାରିଲେ ଝାଡ଼ୁ




**ବାରିପଦା,୪।୨/ଏନ୍ଏନ୍ଏସ୍:**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଇରଙ୍ଗପୁରଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଉଦଘାଟନ କରିଛନ୍ତି। ଏଥିସହିତ ସେ ଆୟୁଷ ହସ୍ପିଟାଲ ତଥା ଆୟୁର୍ବେଦିକ କଲେଜ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ଧନୁର୍ବିଦ୍ୟା କେନ୍ଦ୍ର, ସହର ସୌନ୍ଦର୍ଯ୍ୟକରଣ ଏବଂ ଜଳ ନିଷ୍କାସନ ଉନ୍ନତିକରଣ ପ୍ରକଳ୍ପ, ପ୍ରେକ୍ଷାଳୟ ଓ ସାଂସ୍କୃତିକ କେନ୍ଦ୍ର, ଛାତ୍ରୀନିବାସ ଏବଂ ନିଶା ନିବାରଣ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ଭାରତ ସରକାରଙ୍କ ପୂର୍ବୋଦୟ ଦୃଷ୍ଟିକୋଣ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇଥାଏ। ମୟୂରଭଞ୍ଜ ଜିଲ୍ଲା ଏହି ଦୃଷ୍ଟିକୋଣରୁ ଯଥେଷ୍ଟ ଲାଭ ପାଉଛି। ଏହି ବିକାଶମୂଳକ ପ୍ରକଳ୍ପ, ପ୍ରତିଷ୍ଠାନ ଏବଂ ଯୋଜନାଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ଲାଭାନ୍ୱିତ କରିବ ଏବଂ ଏଠାକାର ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଥିଲେ।

ରାଷ୍ଟ୍ରପତି ଆହୁରି କହିଥିଲେ ଯେ ଭାରତ ସରକାର ଆଦିବାସୀ ଭାଇଭଉଣୀମାନଙ୍କ ଆର୍ଥିକ ବିକାଶ ପାଇଁ ବିଶେଷ ପ୍ରୟାସ କରୁଛି। ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା ମାଧ୍ୟମରେ ୯୦ ରୁ ଅଧିକ କ୍ଷୁଦ୍ର ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି। କ୍ଷୁଦ୍ର ଋଣ ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ସଦସ୍ୟମାନଙ୍କୁ ଋଣ ଯୋଗାଇ ଦିଆଯାଉଛି। ସେହିପରି ଅନୁସୂଚିତ ଜନଜାତି ମହିଳା ସଶକ୍ତିକରଣ ଯୋଜନା ଅଧୀନରେ ଆଦିବାସୀ ମହିଳାଙ୍କୁ କମ୍ ସୁଧରେ ଋଣ ପ୍ରଦାନ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ। ସରକାର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି। ପିଭିଟିଜି ସମ୍ପ୍ରଦାୟଗୁଡ଼ିକର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ-ଜନମନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ବିଦ୍ୟୁତକରଣ କରାଯାଇଛି ଏବଂ ଦୁର୍ଗମ ଅଞ୍ଚଳରେ ଫୋର୍ ଜି ଇଣ୍ଟରନେଟ୍ ସଂଯୋଗ ଯୋଗାଇ ଦିଆଯାଇଛି। ଏହି ପ୍ରୟାସ ସହିତ, ଆଦିବାସୀ ଅଞ୍ଚଳରେ ସାମଗ୍ରିକ ବିକାଶର ଧାରା ପ୍ରବାହିତ ହେଉଛି। ସେହିପରି ରାଷ୍ଟ୍ରପତି କହିଥିଲେ ଯେ ଆଦିବାସୀ ସମ୍ପ୍ରଦାୟର ବିକାଶ ମାଧ୍ୟମରେ ▶▶ ୫

### ଅନ୍‌ଲାଇନ୍ ଗେମ୍ ନିଶା

## ଆତ୍ମହତ୍ୟା କଲେ ୩ ଭଉଣୀ

**ଗାଜିଆବାଦ,୪।୨/ଏଜେନ୍ସି:**

ଅନଲାଇନ୍ ଗେମ୍ ନେଇଛି ୩ ଜୀବନ। ଉତ୍ତରପ୍ରଦେଶ ଗାଜିଆବାଦରେ ୩ ଜଣ ନାବାଳିକା ଭଉଣୀ ବିଲ୍ଡିଂର ନବମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକମାନେ ହେଲେ ପାଖି(୧୨), ପ୍ରାଚୀ(୧୪) ଓ ବିଶିକା(୧୬)। ଏହି ୩ ଭଉଣୀ ଅନଲାଇନରେ କୋରିଆନ ଟାସ୍କ ଭିତ୍ତିକ ଗେମିଂ ଆପରେ ସବୁବେଳେ ବୁଡ଼ି ରହୁଥିଲେ। ଖାସ୍ ଏହି କାରଣରୁ ସେମାନେ ଜୀବନ ହାରିଥିବା ଅଭିଯୋଗ ହୋଇଛି।ମଙ୍ଗଳବାର ରାତି ପାଖିପାଖି ୨ଟା ସମୟରେ ୩ ଭଉଣୀ ସେମାନଙ୍କ ବାଲକୋନୀକୁ ଯାଇଥିଲେ। ବାହାର ପଟୁ ଏହାକୁ ବନ୍ଦ କରିବା ପରେ ସିଧା ଗୋଟିଏ ଝରକା ପଟେ ତଳକୁ ଜଣଙ୍କ ପରେ ଜଣେ ଡେଇଁପଡ଼ିଥିଲେ। ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ୩ ଭଉଣୀ କୋରିଆ ଲଭ ଗେମ୍‌ରେ ବୁଡ଼ି ରହିଥିଲେ। ସେମାନେ ଏତେ ମାତ୍ରାରେ ଗେମ ନିଶାରେ ପଡ଼ିଥିଲେ ଯେ କୌଣସି କାମ କିମ୍ବା ପାଠ ପଢୁ ନଥିଲେ। ପ୍ରାୟ ୨ ବର୍ଷ ହେବ ସେମାନେ ସ୍କୁଲ ଯିବା ମଧ୍ୟ ବନ୍ଦ କରି ଦେଇଥିଲେ। ଅନଲାଇନ୍ ଗେମ୍‌ରୁ ନିବୃତ୍ତ ରହିବାରୁ ବାପା ମା’ ଆକଟ କରିବାରୁ ଏପରି ଚରମ ନିଷ୍ପତ୍ତି ନେଇଛନ୍ତି ୩ ନାବାଳିକା ଉଭଣୀ। ସେମାନଙ୍କ ବାପା ଚେତନ କୁମାରଙ୍କ କହିବା କଥା ଯେ ୩ ଝିଅ ▶▶ ୫

### ଓଡ଼ିଶା ପୁଲିସ୍‌ର ‘ଅପରେସନ ଅନ୍ୱେଷଣ-୨’

## ୫୪୫୧ ନିଖୋଜ ବ୍ୟକ୍ତି ଉଦ୍ଧାର

**ଭୁବନେଶ୍ୱର,୪।୨/ଏନ୍ଏନ୍ଏସ୍:**

ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୁଲିସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ ରୁ ୩୦.୦୧.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ‘ଅପରେସନ୍ ଅନ୍ୱେଷଣ–୨’ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ରେକର୍ଡ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ୭୭ ଜଣ ନାବାଳକ, ୭୦୯ ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି। ପୁରୀ ଜିଲ୍ଲା ପୁଲିସ ସର୍ବାଧିକ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲ୍ଲା ପୁଲିସ ୫୦୧, ଭଦ୍ରକ ଜିଲ୍ଲା ପୁଲିସ ୪୨୯ ଜଣ ଉଦ୍ଧାର କରିଛନ୍ତି। ସେହିପରି ଗଞ୍ଜାମ ୪୧୩ ଜଣ, କେନ୍ଦ୍ରାପଡ଼ା ୩୪୬ ଜଣ, ଯାଜପୁର ୨୭୧ ଜଣ, ବରଗଡ଼ ୨୩୬ ଜଣ, ଅନୁଗୁଳ ୨୧୦ ଜଣ, ଢେଙ୍କାନାଳ ୨୦୬ ଜଣ, ଜଗତସିଂପୁର ୧୭୭ ଜଣ, ନୂଆପଡ଼ା ୧୭୩ ଜଣ, ବ୍ରହ୍ମପୁର ୧୭୦ ଜଣ, ▶▶ ୫

## କ୍ୟାଡର୍ ମାଓବାଦୀର ଆତ୍ମସମର୍ପଣ

**ମାଲକାନଗିରି,୪।୨/ଏନ୍ଏନ୍ଏସ୍:**



ମାଲକାନଗିରି ପୁଲିସ ନିକଟରେ କ୍ୟାଡର ମାଓବାଦୀ ସୁଖରାମ ମାଡକମ ଓରଫ ସୁରେଶ ଓରଫ ଯୋଗେଶ(୩୨) ଆତ୍ମସମର୍ପଣ କରିଛି। ସୁଖରାମ ମୁଣ୍ଡ ଉପରେ ଥିଲା ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଓଡ଼ିଶା, ଛତିଶଗଡ଼ରେ ବିଭିନ୍ନ ହିଂସାକାଣ୍ଡରେ ସାମିଲ ଥିଲା ସୁଖରାମ। ମାଲକାନଗିରି ଏସପି ବିନୋଦ ପାଟିଲ କହିଛନ୍ତି ଯେ ୧୬ ବର୍ଷ ଧରି ସୁଖରାମ ବିଭିନ୍ନ ହିଂସାକାଣ୍ଡରେ ସମ୍ପୃକ୍ତ ଥିଲା। ସୁଖରାମ କାଙ୍ଗେର ଘାଟି ଏରିଆ କମିଟିର କମାଣ୍ଡର ଏବଂ ଛତିଶଗଡ଼ର ସୁକମା ଜିଲ୍ଲାର ପୁଷ୍ପାଲ ଥାନା ଅନ୍ତର୍ଗତ ଗୋବିନ୍ଦପାଲ ଗ୍ରାମର ବାସିନ୍ଦା ଅଟେ। ଆତ୍ମସମର୍ପଣ ସମୟରେ ସୁଖରାମ ନିକଟରୁ ଗୋଟିଏ ଏସଏଲ ଆର୍ ରାଇଫଲ୍, ୧୨ ରାଉଣ୍ଡ ୭. ୬୨ ଏମଏମ ଗୁଳି, ଗୋଟିଏ ମାଗାଜିନ୍, ଦୁଇଟି ଆଇଇଡି (୨କିଲୋ), ୧୦ ମିଟର କୋଡେକ୍ସ ତାର, ୬ଟି କ୍ରାକର, ଗୋଟିଏ ଇଲେକ୍ଟ୍ରିକ୍ ତାର, ଗୋଟିଏ ହାଭରସ୍ୟାକ୍, ଗୋଟିଏ ହ୍ୱିସିଲ୍ କୋଡ୍, ଗୋଟିଏ ▶▶ ୫

### ପର୍ଯ୍ୟଟନ ‘କାରାଭାନ୍’ ଲୋକାର୍ପିତ

## ଭ୍ୟାନ୍‌ରେ ଷ୍ଟାର୍ ହୋଟେଲ୍‌ର ମଜା





**ଭୁବନେଶ୍ୱର,୪।୨/ଏନ୍ଏନ୍ଏସ୍:**

ଓଡ଼ିଶାରେ କାରାଭାନ ପର୍ଯ୍ୟଟନର ମଜା ଉଠାଇ ପାରିବେ ପର୍ଯ୍ୟଟକ। ଓଡ଼ିଶାରେ ଆରମ୍ଭ ହୋଇଛି ଅତ୍ୟାଧୁନିକ କାରାଭାନ ଟୁରିଷ୍ଟ ସେବା ବ୍ୟବସ୍ଥା। ବସ ଭିତରେ ତାରକା ହୋଟେଲର ମଜା ପାଇପାରିବେ ପର୍ଯ୍ୟଟକ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ କାରାଭାନକୁ ଲୋକାର୍ପିତ କରିଛନ୍ତି। ଶାନ୍ତିସ୍ତୂପ ଧଉଳି ଠାରେ ଏହି ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାରାଭାନ ମାଧ୍ୟମରେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ଭ୍ରମଣ କରିବାର ମଜା ନେଇପାରିବେ। ନିଜେ କିମ୍ବା ନିଜ ପରିବାର ଓ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ସେଠାକାର ଖାଦ୍ୟପେୟ, ସଂସ୍କୃତି ଏବଂ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବାର ସୁଯୋଗ ପାଇପାରିବେ। ଏହାକୁ ଉଦଘାଟନ କରି ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଏହି କାରାଭାନ୍ ଟୁରିଜିମ୍ ୟୁରୋପୀୟ ଦେଶରେ ମଧ୍ୟ ଖୁବ୍ ଲୋକପ୍ରିୟ ଏବଂ ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ ଏବଂ ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟକପ୍ରେମୀଙ୍କୁ ଆକର୍ଷିତ କରିବ। ଏହି କାରାଭାନ୍ ଯାତ୍ରା ବିଶେଷ ▶▶ ୫

## ଟ୍ରେଲର୍‌କୁ ପିଟିଲା ଟ୍ରକ୍, ୨ମୃତ

**ସୋର,୪।୨/ଏନ୍ଏନ୍ଏସ୍:**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଟ୍ରେଲରକୁ ପଛରୁ ଏକ ଆଇଚର ଟ୍ରକ ଧକ୍କା ଦେବା ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ଆଇଚର ଟ୍ରକ ଭୁବନେଶ୍ୱରରୁ ଘରୋଇ ସାମଗ୍ରୀ ଲୋଡ଼ କରି ରାଞ୍ଚି ଅଭିମୁଖେ ଆସୁଥିବା ବେଳେ ତଳନଗର ନିକଟରେ ଆଗରେ ଯାଉଥିବା ଏକ ଟ୍ରେଲର ପଛରୁ ଧକ୍କା ଦେଇଥିଲା। ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବିହାର ପାଟଣା ଅଞ୍ଚଳର ଶ୍ରମିକ ସଞ୍ଜୟ ଯାଦବ, ଅନିଲ ଯାଦବ, ରାଞ୍ଚି ହରମୋ, ବିଦ୍ୟାନଗର ଅଞ୍ଚଳର ପଙ୍କଜ କୁମାର ରୟ, ବୈଶାଳି ଜିଲ୍ଲା ରାଘବପୁର, ହଜପରୁଆ ଅଞ୍ଚଳର ରାକେଶ ଯାଦବ (୩୨) ଟ୍ରକ ମଧ୍ୟରେ ଚାପି ହୋଇ ରହିଥିଲେ। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ, ସୋର ଥାନା ଏସଆଇ ପ୍ରୀତିଜିତ ମହାନ୍ତି, ଏଏସଆଇ ସୁନୀଲ ରାଜ, ମୀନକେତନ ପାଢ଼ୀ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ଦମକଳ ବାହିନୀ ସହାୟତାରେ ସମସ୍ତଙ୍କୁ ଉଦ୍ଧାର ▶▶ ୫

## ୟୁପିଏସ୍‌ସି ନିୟମରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୪।୨/ଏଜେନ୍ସି:**

### ସରର୍ଭ ସେବା ଆବଣ୍ଟନ, ସ୍ନାତକ ପ୍ରମାଣପତ୍ର ଦାଖଲ ନକରି ଦେଇପାରିବେ ମେନ୍ ପରୀକ୍ଷା

ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ୍ (ୟୁପିଏସ୍‌ସି) ସିଭିଲ୍ ସେବା ପରୀକ୍ଷାରେ (ସିଏସ୍‌ସି) ୨୦୨୬ ପାଇଁ ନିୟମରେ କେତେକ ପରିବର୍ତ୍ତନ କରିଛି, ଯାହା ପରୀକ୍ଷାରେ ଯୋଗ ଦେବାକୁ ଥିବା ପ୍ରାର୍ଥୀମାନଙ୍କୁ ପ୍ରଭାବିତ କରିବ। ନୂଆ ନିୟମ ଅନୁସାରେ ଯେଉଁ ପ୍ରାର୍ଥୀମାନେ ପୂର୍ବ ପରୀକ୍ଷା ଆଧାରରେ ଭାରତୀୟ ପୁଲିସ୍ ସେବା (ଆଇପିଏସ୍)ରେ ମନୋନୀତ କିମ୍ବା ନିଯୁକ୍ତ ହୋଇଛନ୍ତି ସେମାନେ ସିଏସ୍‌ସି ୨୦୨୬ ଫଳାଫଳ ଆଧାରରେ ପୁନର୍ବାର ଆଇପିଏସ୍ ଚୟନ ପାଇଁ ଯୋଗ୍ୟ ହେବେ ନାହିଁ କିମ୍ବା ସେମାନଙ୍କୁ ଏହା ଆବଣ୍ଟିତ କରାଯିବ ନାହିଁ।

ଏହି ନୂଆ ନିୟମ ଅନୁସାରେ ସିଏସ୍‌ସି ୨୦୨୬ ମାଧ୍ୟମରେ ସେବା ଆବଣ୍ଟିତ ପ୍ରାର୍ଥୀମାନେ କେବଳ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଲିମରେ ଯୋଗଦାନରୁ ଏକକାଳୀନ ଛାଡ଼ ପାଇଲେ ହିଁ ୨୦୨୭ରେ ପୁଣିଥରେ ପରୀକ୍ଷା ଦେଇପାରିବେ। ସେହିପରି ସିଏସ୍‌ସି ୨୦୨୬ ମାଧ୍ୟମରେ ଆଇପିଏସ୍ କିମ୍ବା ଯେକୌଣସି ସର୍ଭିସ୍ ଗ୍ରୁପ୍-ଏ’କୁ ଆବଣ୍ଟିତ ପ୍ରାର୍ଥୀମାନଙ୍କୁ କେତେକ ସର୍ତ୍ତାବଳୀ ଅନୁଯାୟୀ ୨୦୨୭ ପରୀକ୍ଷାରେ ପୁନର୍ବାର ବସିବାକୁ ଅନୁମତି ମିଳିବ। ତେବେ ବିଭିନ୍ନ ବର୍ଗ ପାଇଁ ପ୍ରୟାସ (ଆଟେମ୍ପ୍ଟ) ସଂଖ୍ୟା ସମାନ ରହିଛି। ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ୬ଟି ପ୍ରୟାସ, ଓବିସି ଏବଂ ପିଡବ୍ଲ୍ୟୁବି ପ୍ରାର୍ଥୀଙ୍କ ପାଇଁ ୯ଟି ପ୍ରୟାସ ଏବଂ ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ଅସୀମିତ ପ୍ରୟାସ ଅନୁମତି ଦିଆଯାଇଛି।

କମିଶନ୍ ପ୍ରିଲିମ୍ ପରୀକ୍ଷା ପାଇଁ ଏକ ଅସ୍ଥାୟୀ ଉତ୍ତର କୀ’ ମଧ୍ୟ ପ୍ରଚଳନ କରିଛି। ଏଥିରେ ପ୍ରାର୍ଥୀମାନେ ଚୂଡ଼ାନ୍ତ କୀ’ ପ୍ରକାଶନ ପୂର୍ବରୁ ଆପତ୍ତି ଉଠାଇବାକୁ ଅନୁମତି ପାଇପାରିବେ। ଏହା ବ୍ୟତୀତ ଶେଷ ବର୍ଷର ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କର ସ୍ନାତକ ପ୍ରମାଣପତ୍ର ଦାଖଲ ନକରି ମେନ୍ ପରୀକ୍ଷା ଦେଇପାରିବେ।

### ସୁପ୍ରିମ୍‌କୋର୍ଟରେ ପଶ୍ଚିମବଙ୍ଗ ଏସ୍‌ଆଇଆର୍ ମାମଲାର ଶୁଣାଣି

## ନିଜ ପକ୍ଷ ନିଜେ ରଖିଲେ ମମତା

### କୌଣସି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଓକିଲାତି କରିବା ପ୍ରଥମ ଘଟଣା



**ନୂଆଦିଲ୍ଲୀ, କୋଲକାତା, ୪।୨/ଏଜେନ୍ସି:**

ପଶ୍ଚିମବଙ୍ଗ ଏସ୍‌ଆଇଆର୍ ମାମଲା ଉପରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ତେବେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଶାସକ ଦଳ ତୃଣମୂଳ କଂଗ୍ରେସର ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଆଜି ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିଥିଲା। ମମତା ନିଜ ଆଡଭୋକେଟ୍ ମଣ୍ଡଳୀଙ୍କ ସହ ସାମିଲ ହୋଇ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠଙ୍କ ସମ୍ମୁଖରେ ନିଜ ପକ୍ଷ ରଖିବା ସହ ନିଜେ ଯୁକ୍ତି ବାଢ଼ିଛନ୍ତି। ମମତା ଜଣେ ଆଡଭୋକେଟ୍‌ଙ୍କ ଭଳି କଳା ଗାଉନ୍ ପରିଧାନ କରିଥିଲେ ଏବଂ ସୁପ୍ରିମକୋର୍ଟରେ ନିଜ ଦଳର ଯୁକ୍ତିକୁ ନିଜେ ଉପସ୍ଥାପନ କରିଥିଲେ। ଅବଶ୍ୟ ଏପରି କରିବା ପାଇଁ ସେ ସୁପ୍ରିମକୋର୍ଟଙ୍କ ଠାରୁ ବହୁ ପୂର୍ବରୁ ଅନୁମତି ନେଇଥିଲେ। ତେବେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଏପ୍ରକାର କୌଣସି ମାମଲାରେ ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ନିଜେ ଯୁକ୍ତି ବାଢ଼ିବା ଦେଶର ତଥା ସୁପ୍ରିମକୋର୍ଟ ଇତିହାସରେ ପ୍ରଥମ ଘଟଣା ସାଜିଛି। ମମତାଙ୍କ ଏଭଳି ସାହସୀ ପଦକ୍ଷେପକୁ ଏବେ ଚାରିଆଡୁ ପ୍ରଶଂସା କରାଯାଉଛି। ସାଧାରଣତଃ, ମୁଖ୍ୟମନ୍ତ୍ରୀଙ୍କ ଓକିଲ କିମ୍ବା ପରାମର୍ଶଦାତା କୋର୍ଟରେ ହାଜର ହୋଇଥାନ୍ତି।

ମମତା ଆଜି ଖଣ୍ଡପୀଠଙ୍କ ସମ୍ମୁଖରେ ନିଜ ଅଭିଯୋଗକୁ ପୁନର୍ବାର ଦୋହରାଇଥିଲେ। ମମତା, ଖଣ୍ଡପୀଠଙ୍କ ସମ୍ମୁଖରେ ଅନେକ ▶▶ ୫

## ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ

### ଶପଥ ନେଲେ ନୂଆ ମୁଖ୍ୟମନ୍ତ୍ରୀ ୟୁମ୍‌ନାମ୍ ଖେମ୍‌ଚାନ୍ଦ୍

**ନୂଆଦିଲ୍ଲୀ, ଇମ୍ଫାଲ, ୪।୨/ଏଜେନ୍ସି:**



ଶେଷରେ ମଣିପୁରରୁ ରାଷ୍ଟ୍ରପତି ଶାସନ ହଟିଛି। ଦୀର୍ଘ ୩୫୬ ଦିନ ପରେ ବିଜେପିର ପ୍ରୟାସକ୍ରମେ ମଣିପୁରରେ ଏକ ସ୍ଥାୟୀ ସରକାର ଗଠନ ସମ୍ଭବ ହୋଇଛି। ସିଧାସଳଖ କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦିନରେ ରାଜ୍ୟରେ ୩୫୬ ଦିନ ଧରି ଜାରି ଥିବା ନିଜ ନିୟନ୍ତ୍ରଣାଧୀନ ଶାସନବ୍ୟବସ୍ଥାକୁ

### କୁକି ଓ ନାଗା ସମ୍ପ୍ରଦାୟରୁ ୨ ବ୍ୟକ୍ତିଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ

ପ୍ରତ୍ୟାହାର କରିନେଇଛନ୍ତି। ଯାହାଫଳରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ଏଠାରେ ବହୁମତ ସହ ସରକାର ଗଠନ କରିଛି। ଏଥିସହ ମଣିପୁରକୁ ୟୁମ୍‌ନାମ ଖେମ୍‌ଚାନ୍ଦ ସିଂଙ୍କ ରୂପରେ ୧୩ତମ ମୁଖ୍ୟମନ୍ତ୍ରୀ ମଧ୍ୟ ମିଳିଛି। ଗତକାଲି ୟୁମ୍‌ନାମ୍‌ଙ୍କୁ ବିଧାୟକ ଦଳ ନେତା ଭାବେ ନିର୍ବାଚିତ କରାଯାଇଥିବା ବେଳେ ଆଜି ସେ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଇମ୍ଫାଲର ଲୋକଭବନରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଖେମ୍‌ଚାନ୍ଦଙ୍କୁ ଶପଥ ପାଠ କରାଇଛନ୍ତି। ତେବେ ମୈତେଇ ସମ୍ପ୍ରଦାୟରୁ ପ୍ରତିନିଧିତ୍ୱ କରୁଥିବା ୟୁମନାମ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିଥିବା ବେଳେ କୁକି ସମ୍ପ୍ରଦାୟର ଅଗ୍ରଣୀ ମହିଳା ନେତ୍ରୀ ନେମଚା କିପଗେନ୍ ଏବଂ ନାଗା ସମ୍ପ୍ରଦାୟର ଲୋଧି ଦିଖୋଙ୍କୁ ରାଜ୍ୟର ଦୁଇ ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ୟୁମନାମ୍‌ଙ୍କ ସହ ଏହି ଦୁଇ ଜଣ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବିଜେପି ନେତ୍ରୀ ନେମ୍‌ଚା ▶▶ ୫

## ରୋମାନିଆ ଯିବେ କିସ୍‌ର ୧୦ ଛାତ୍ରଛାତ୍ରୀ



**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ ନାଟ୍ୟକାର ସେକ୍‌ସପିଅରଙ୍କ ନାଟକ। ରୋମାନିଆରେ ଏହି ନାଟକ ପରିବେଷଣ କରିବେ କିସ୍‌ର ଛାତ୍ରଛାତ୍ରୀ। ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ଏଥିରେ ସାମିଲ ହୋଇଛନ୍ତି କିସ୍‌ର ୧୦ଜଣ ପିଏଚ୍‌ଡି, ସ୍ନାତକ, ସ୍ନାତକୋତ୍ତର ଓ ବିବିଏ ପଢୁଥିବା ଛାତ୍ରଛାତ୍ରୀ। ଆସନ୍ତା ମେ' ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସେକ୍‌ସପିଅର୍ ମହୋତ୍ସବରେ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ସେକ୍‌ସପିଅରଙ୍କ ନାଟକକୁ ଜନଜାତି ଭାଷାରେ ପରିବେଷଣ କରିବେ। ବିଶ୍ୱ ରଙ୍ଗମଞ୍ଚରେ କିସ୍ ଛାତ୍ରଛାତ୍ରୀ ସେମାନଙ୍କ ନିଜସ୍ୱ ଭାଷାରେ ୩ଟି ସେକ୍‌ସପିଅର ନାଟକ ପରିବେଷଣ କରିବେ। ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି। ଏବେ ଛାତ୍ରଛାତ୍ରୀମାନେ ନାଟକ ଅଭ୍ୟାସ ଆରମ୍ଭ କରିଛନ୍ତି। ଦୀର୍ଘ ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ। କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ସେକ୍‌ସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ। ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ। ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ।

### ବୁଣାକାରଙ୍କ ପାଇଁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

## ସୁସ୍ଥ ଦୃଷ୍ଟି, ସଶକ୍ତ ବୁଣାକାର: ମନ୍ତ୍ରୀ



**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ମାଣିଆବନ୍ଧ ବୁଦ୍ଧବିହାରଠାରେ ବୁଣାକାରଙ୍କ ପାଇଁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି ଶିବିରକୁ ଉଦ୍‌ଘାଟନ କରି କହିଥିଲେ ଯେ ବସ୍ତ୍ରର ଉତ୍କୃଷ୍ଟତା ବୁଣାକାରଙ୍କ ଉତ୍ତମ ଦୃଷ୍ଟିଶକ୍ତି ଉପରେ ଅନେକ କ୍ଷେତ୍ରରେ ନିର୍ଭରଶୀଳ। ସୁସ୍ଥ ଦୃଷ୍ଟି, ସଶକ୍ତ ବୁଣାକାର। ତେଣୁ ବୁଣାକାରମାନଙ୍କୁ ସେମାନଙ୍କ ଚକ୍ଷୁର ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବା ପାଇଁ ଏହା ଲୋକଙ୍କ ସରକାରଙ୍କର ଗୋଟିଏ ଛୋଟ ପ୍ରୟାସ। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ୫୦୦ରୁ ଅଧିକ ବୁଣାକାର ସାମିଲ ହୋଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ ଏବଂ ଆବଶ୍ୟକୀୟ ବୁଣାକାରଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡାକ୍ତରମାନେ ଚକ୍ଷୁର ଯତ୍ନ ନେବା ପାଇଁ ବୁଣାକାରମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ ଦଳବେହେରା, ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମାଜସେବୀ ସୁକାନ୍ତ କୁମାର ବିଶ୍ୱାଳ, ସାଇଟସେଭରସ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ସୁଦତ୍ତା ଖୁଣ୍ଟିଆ, କଳିଙ୍ଗ ହସପିଟାଲ୍‌ର ଅଧ୍ୟକ୍ଷ ସାରଙ୍ଗଧର ସାମଲ, ରୋଟାରୀ ହସପିଟାଲ୍‌ର ଶୁଭେନ୍ଦୁ ପରିଡ଼ା, ୟୁଏନ୍‌ଡିପିର ଆଭା ମିଶ୍ର, ବୁଣାକାର ଓ କାରିଗର ପ୍ରମୁଖ ଉପସ୍ଥିତ ଥିଲେ।

## 'ସତର୍କ ରହିଲେ କର୍କଟ ଦୂରେଇ ହେବ'

**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ଏମ୍‌ଆର୍‌ଆଇ ଥ୍ରୀ ଡିମେନ୍ସନାଲ କନ୍‌ଫର୍ମାଲ ରେଡିଓଥେରାପି, ରେଡିଏସନ ଥେରାପି, କେମୋଥେରାପି, ଅସ୍ତ୍ରୋପଚାର ଆଦିକୁ ଶୁଣି ନଥିବା ଲୋକ କର୍କଟ ରୋଗରେ ପୀଡ଼ିତ ହେଉଛନ୍ତି। ରୋଗ ପରେ ବିଭିନ୍ନ ପରୀକ୍ଷା ଓ ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନୟାନ୍ତ ହେଉଛନ୍ତି। ତେବେ ସତର୍କ ରହିଲେ ଏହି ରୋଗ ପାଖ ମାଡ଼ିବନି ବୋଲି ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଭୁବନେଶ୍ୱର ସର୍କିଟ୍ ହାଉସ୍ ସଦ୍‌ଭାବନା ହଲଠାରେ ଏସିଆଇସି ସହଯୋଗରେ ଆୟୋଜିତ ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଡ଼ ବିପିନ ବିହାରୀ ମିଶ୍ର ଏଥିରେ ସଭାପତିତ୍ୱ କରି କହିଥିଲେ ଯେ, କର୍କଟ ରୋଗୀ ପଲିଥିନ୍‌ରେ ଖାଇବା ପିଇବା ଦୂରାଇବା ସହ ନିଶାଦ୍ରବ୍ୟଠୁ ଦୂରେଇ ରହିବା ଏଥି ସହ ବିଭିନ୍ନ ପୁରୁଣା ପଦ୍ଧତିରେ ଚଳିବା ଦ୍ୱାରା ଓ ସତର୍କ ରହିଲେ କର୍କଟ ପାଖକୁ ଆସିବନି। ଚିକିତ୍ସା ପାଇଁ ମୁମ୍ବାଇ ଯାଉଥିବା ରୋଗୀଙ୍କୁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ପକ୍ଷରୁ ରହିବା ଖାଇବା ସୁବିଧା ଯୋଗାଇ ଦିଆଯାଉଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇଂ ବିପିନ ବିହାରୀ ନାୟକ, ରବୀନ୍ଦ୍ର ରାଉତରାୟ, ଡ଼ ଅଶୋକ କୁମାର ମହାପାତ୍ର, ବିଶ୍ୱଜିତ କାନୁନଗୋ, ଦ୍ୱାରିକାନାଥ ଶତପଥୀ, ନିଶାକର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଯେଉଁ ଅଞ୍ଚଳରେ ଅଧିକ କର୍କଟ ରୋଗୀ ଅଛନ୍ତି ସେହି ଅଞ୍ଚଳରେ ଅଧିକ ସଚେତନତା କରାଯିବ ବୋଲି ଘୋଷଣା ହୋଇଥିଲା।

### ବିଶ୍ୱ କ୍ୟାନ୍‌ସର୍ ଦିବସ

# 'ଧୈର୍ଯ୍ୟର ସହ ମୁକାବିଲା କଲେ କ୍ୟାନ୍‌ସର୍‌ରୁ ମୁକ୍ତି ମିଳିପାରେ'

**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ସମଗ୍ର ବିଶ୍ୱରେ କ୍ୟାନସର ଭଳି ଦୁରାରୋଗ୍ୟ ବ୍ୟାଧିକୁ ନେଇ ଉଦବେଗ୍ ରହିଥିବାବେଳେ ଧୈର୍ଯ୍ୟର ସହ ମୁକାବିଲା କଲେ ଏଭଳି ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ମିଳିପାରିବ ବୋଲି ପୂର୍ବ ଭାରତର ସର୍ବବୃହତ କ୍ୟାନସର ହସ୍ପିଟାଲ ଭାବେ ଜଣାଶୁଣା ବାଗଚୀ ଶ୍ରୀ ଶଙ୍କରା କ୍ୟାନସର ସେଣ୍ଟର ଓ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ବିଶ୍ୱ କ୍ୟାନସର ଦିବସ ପାଳନ ଅବସରରେ ବିଶିଷ୍ଟ କ୍ୟାନ୍‌ସର୍ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।




ସୂଚନାଯୋଗ୍ୟ ଯେ ମାତ୍ର ୨ ବର୍ଷ ତଳେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନେଇ ପ୍ରତିଷ୍ଠା ହୋଇଥିବା ବାଗଚୀ ଶ୍ରୀ ଶଙ୍କରା ହସ୍ପିଟାଲରେ ଏବେ ଦୈନିକ ୫୦୦ରୁ ଉର୍ଦ୍ଧ୍ୱ ରୋଗୀ ଭାରତର ବିଭିନ୍ନ ପ୍ରାନ୍ତରୁ ଚିକିତ୍ସା ହେବା ପାଇଁ ଆସୁଛନ୍ତି। କ୍ୟାନ୍‌ସର୍ ଭଳି ଦୁରାରୋଗ୍ୟ ବ୍ୟାଧିର ଉପଶମ ପାଇଁ ଏଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ବିଶେଷ ଡାକ୍ତରଙ୍କ ଉପସ୍ଥିତି ଏହି ସେଣ୍ଟରକୁ ପ୍ରତିଷ୍ଠା ହେବାର ଅଳ୍ପ ଦିନ ମଧ୍ୟରେ ଭାରତ ବର୍ଷରେ ବେଶ୍ ପ୍ରସିଦ୍ଧି କରାଇପାରିଛି। 'ବିଶ୍ୱ କ୍ୟାନସର ଦିବସ' ପାଳନ ଅବସରରେ ଏହି ଅନୁଷ୍ଠାନ ପକ୍ଷରୁ କ୍ୟାନ୍‌ସର୍‌ରେ ପୀଡ଼ିତ ହୋଇ ଆରୋଗ୍ୟ ଲାଭ କରିଥିବା ଏକାଧିକ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ରହି ସେମାନଙ୍କର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ।

କ୍ୟାନ୍‌ସର୍‌କୁ ଡରିଗଲେ ଯୁଦ୍ଧ ଜିତି ହେବ ନାହିଁ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଦୀପକ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ବାଗଚୀ ଶ୍ରୀ ଶଙ୍କରା ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିଃଶୁଳ୍କ କ୍ୟାନ୍‌ସର୍ ସଚେତନତା ଓ ଚିହ୍ନଟ ଶିବିର ଆୟୋଜିତ କରାଯାଇଥିଲା। ଡକ୍ଟର ତ୍ରିବିକ୍ରମ ପଣ୍ଡା, ଡକ୍ଟର ଉତ୍କର୍ଷ ଦାସ, ଡକ୍ଟର ସରୋଜ ରଞ୍ଜନ ସାହୁ, ଡକ୍ଟର ରବିଶଙ୍କର ଦାସ, ଡକ୍ଟର ଇତିଶ୍ରୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# କର୍ମଚାରୀଙ୍କୁ ବିଶିଷ୍ଟ ରେଳ ସେବା ପୁରସ୍କାର

**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ପକ୍ଷରୁ ଆଜି ଭୁବନେଶ୍ୱରର ରେଳ ଅଡିଟୋରିୟମ୍‌ଠାରେ ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୫ ମହୋତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୪୯ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇ ସ୍ୱୀକୃତି ଦିଆଯିବା ସହିତ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ୍‌ଗୁଡ଼ିକର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଛି।




ଦୃଷ୍ଟାନ୍ତମୂଳକ ସେବା, ସାଧୁତା ଏବଂ ବୃତ୍ତିଗତ ଉତ୍କର୍ଷତା ପାଇଁ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗ ଏବଂ ମଣ୍ଡଳର ୪୯ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ପରିଚାଳନା, ଇଞ୍ଜିନିୟରିଂ, ଯାନ୍ତ୍ରିକ, ବୈଦ୍ୟୁତିକ, ସିଗ୍ନାଲ୍ ଏବଂ ଟେଲିକମ୍ୟୁନିକେସନ୍, ବାଣିଜ୍ୟିକ, ସୁରକ୍ଷା ଏବଂ ଅନ୍ୟାନ୍ୟ ଆଗଧାଡ଼ିର ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ଅଛନ୍ତି। ଯେଉଁମାନେ ଉତ୍କୃଷ୍ଟ କର୍ତ୍ତବ୍ୟ ସମ୍ପାଦନ, ନବସୃଜନ, ନେତୃତ୍ୱ, ସୁରକ୍ଷା ପଦକ୍ଷେପ ଏବଂ ସାଂଗଠନିକ ଦକ୍ଷତାରେ ନିରନ୍ତର ଯୋଗଦାନ ମାଧ୍ୟମରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ, ସେମାନଙ୍କର ପ୍ରତିବଦ୍ଧତା, କର୍ତ୍ତବ୍ୟ ପ୍ରତି ସମର୍ପଣ ଏବଂ ସାଂଗଠନିକ ଉଦ୍ଦେଶ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏକ ମହତ୍ତ୍ୱପୂର୍ଣ୍ଣ ସଫଳତାରେ ଓ୍ୱାଲ୍‌ଟେୟାର୍ ଏବଂ ସମ୍ବଲପୁର ଡିଭିଜନକୁ ଉଚ୍ଚମାନର କାର୍ଯ୍ୟ, ସୁରକ୍ଷା ଏବଂ ସେବା ବଜାୟ ରଖିବାରେ ସେମାନଙ୍କର ଉଦାହରଣୀୟ ଆଦର୍ଶ ପ୍ରଦର୍ଶନକୁ ସ୍ୱୀକୃତି ଦିଆଯାଇ ମିଳିତ ଭାବରେ ସାମଗ୍ରିକ ଦକ୍ଷତା ସିଲ୍ଡ ଦ୍ୱାରା ସମ୍ମାନିତ କରାଯାଇଛି। ସମ୍ବଲପୁର ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ସମ୍ବଲପୁର ଷ୍ଟେସନ୍ ଏବଂ ବରପାଲି ଷ୍ଟେସନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇଛି। ସମ୍ବଲପୁର ଷ୍ଟେସନକୁ ବଡ଼ ଷ୍ଟେସନ୍ ସ୍ୱଚ୍ଛତା ସିଲ୍ଡ ଏବଂ ବରପାଲି ଷ୍ଟେସନକୁ ଛୋଟ ଷ୍ଟେସନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ରେଳବାଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ରେଳ କର୍ମଚାରୀଙ୍କୁ ସେମାନଙ୍କର ଅତୁଳନୀୟ ପ୍ରତିବଦ୍ଧତା ଏବଂ ସେମାନଙ୍କ ଦାୟିତ୍ୱ ପୂରଣ କରିବାରେ ଅତୁଳନୀୟ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଶ୍ରୀ ଫୁଙ୍କଓ୍ୱାଲ ଗୁରୁତ୍ୱାରୋପ କରିଥିଲେ ଏବଂ କାର୍ଯ୍ୟକ୍ଷମତା ହାସଲ କରିବାରେ ନିରନ୍ତର ଉତ୍ସର୍ଗୀକୃତ ରହିବାକୁ କର୍ମଚାରୀ ମାନଙ୍କୁ ଉପଦେଶ ଦେଇଥିଲେ।

### ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ରର ଅନୁଦାନ

## ୩ ବର୍ଷରେ ଓଡ଼ିଶାକୁ ମିଳିଛି ୨,୭୮୭.୩ କୋଟି

**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ଜନଜାତିଙ୍କ ବିକାଶ ପାଇଁ ଭାରତ ସରକାର ଗତ ୩ ବର୍ଷରେ ଓଡ଼ିଶାକୁ ଦେଇଛନ୍ତି ୨,୭୮୭.୩ କୋଟି ଟଙ୍କା। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ମୋଟ୍ ୯୫ ଲକ୍ଷ ୯୦ ହଜାର ୭୫୬ ଆଦିବାସୀ ଏହି ଅର୍ଥ ବ୍ୟୟ ହେଉଛି। ସଂସଦରେ ଏହି ତଥ୍ୟ ରଖିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ବୁଧବାର ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାର ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ୧୧ ଯୋଜନା ଅନ୍ତର୍ଗତ ରାଜ୍ୟକୁ ପାଣ୍ଠି ପ୍ରଦାନ କରୁଛନ୍ତି। ଏକଲବ୍ୟ ମଡେଲ ରେସିଡେନ୍‌ସିଆଲ୍ ସ୍କୁଲ, ସମ୍ବିଧାନର ୨୭୫ଧାରା ଅନୁଯାୟୀ ଗ୍ରାଣ୍ଟ, ଧରତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ, ଏସ୍‌ସିଏ ଟୁ ଟିଏସ୍‌ଏସ୍, ଜନଜାତିଙ୍କ କଲ୍ୟାଣ ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରଧାନମନ୍ତ୍ରୀ ଜନଜାତୀୟ ବିକାଶ ମିଶନ୍, ଜନଜାତି ବିକାଶ ଯୋଜନା, ଏନ୍‌ଏସ୍‌ଟିଏଫ୍‌ଡିସି, ସପୋର୍ଟ ଟୁ ଟିଆର୍‌ଆଇ ଭଳି ଯୋଜନାରେ ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ଅନୁଦାନ ଦେଇଆସୁଛନ୍ତି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ଦୁଇରୁ ତିନି ଦଶନ୍ଧି ମଧ୍ୟରେ ଭାରତ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବ: ମୁକେଶ ଅମ୍ବାନୀ

**ମୁମ୍ବାଇ,୪।୨/ଏଜେନ୍ସି:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ କହିଛନ୍ତି ଯେ ଆଗାମୀ ୨୦-୩୦ ବର୍ଷ ମଧ୍ୟରେ ଭାରତ ୨୫ ରୁ ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ସମ୍ଭାବନା ରଖିଛି ଏବଂ ଏହି ସମୟ ଦେଶର ଯୁବ ପିଢ଼ି ପାଇଁ ଏକ ବଡ଼ ନିବେଶ ସୁଯୋଗ ହେବ। ମୁମ୍ବାଇରେ ଅନୁଷ୍ଠିତ ଜିଓ-ବ୍ଲାକରକ୍ କାର୍ଯ୍ୟକ୍ରମ 'ଇନଭେଷ୍ଟିଂ ଫର୍ ଏ ନ୍ୟୁ ଏରା'ରେ ବ୍ଲାକରକ୍ ସିଇଓ ଲାରି ଫିଙ୍କଙ୍କ ସହିତ ଏକ ଫାୟାରସାଇଡ ଆଲୋଚନାରେ, ଅମ୍ବାନୀ ଭାରତର ବିକାଶ ଯାତ୍ରାର ଏକ ସ୍ପଷ୍ଟ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ।



ଜିଓବ୍ଲାକରକ୍ ଇଭେଣ୍ଟରେ, ମୁକେଶ ଅମ୍ବାନୀ କହିଛନ୍ତି ଯେ ଭାରତ ପାରମ୍ପରିକ ଭାବରେ ସଞ୍ଚୟର ଦେଶ ରହିଛି, କିନ୍ତୁ ବର୍ତ୍ତମାନ ନିବେଶ କରି ଦେଶର ପ୍ରଗତିରୁ ଲାଭ ଉଠାଇବାର ସମୟ ଆସିଛି। ସଞ୍ଚୟକୁ ନିବେଶରେ ପରିଣତ କରାଯିବା ଉଚିତ। ପୁଞ୍ଜି ବଜାରରେ ସଞ୍ଚୟ ଅର୍ଥ ନିବେଶ କରିବା ଦ୍ୱାରା କେବଳ ପରିବାରର ସମ୍ପତ୍ତି ବୃଦ୍ଧି ହେବ ନାହିଁ ବରଂ ଦେଶର ଆର୍ଥିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହେବ। ଲାରି ଫିଙ୍କ୍ ମଧ୍ୟ ଏହି ବିଚାରକୁ ସମର୍ଥନ କରି କହିଥିଲେ ଯେ ଭାରତ ଭଳି ଦ୍ରୁତ ଅଭିବୃଦ୍ଧିଶୀଳ ଦେଶରେ ଦୀର୍ଘକାଳୀନ ଇକ୍ୱିଟି ନିବେଶ ସମ୍ପତ୍ତି ସୃଷ୍ଟିର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହୋଇପାରିବ। ଅମ୍ବାନୀ କହିଥିଲେ ଯେ ଭାରତର ଅଭିବୃଦ୍ଧିର ମୂଳରେ ରହିଛି ମଜଭୁତ ନୀତି, ରାଜନୈତିକ ସ୍ଥିରତା, ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ ଏବଂ ଡିଜିଟାଲ୍ କ୍ରାନ୍ତି। ୫ଜି, ଡିଜିଟାଲ୍ ଇଣ୍ଡିଆ ଏବଂ ପୁଞ୍ଜି ବଜାରର ବିସ୍ତାର ବଳରେ ଭାରତ ଦୀର୍ଘକାଳୀନ ନିବେଶ ପାଇଁ ଏକ ଆକର୍ଷକ କେନ୍ଦ୍ର ଭାବେ ଉଭା ହୋଇଛି। କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱାରୋପ କରି ଅମ୍ବାନୀ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିବ। ସେ କହିଛନ୍ତି ଯେ ଏଆଇ ମାଧ୍ୟମରେ ୧୪୦ କୋଟି ଲୋକଙ୍କ ପାଇଁ ଉଚ୍ଚମାନର ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ପ୍ରଭାବଶାଳୀ ସାର୍ବଜନୀନ ସେବା ସୁଲଭ ଏବଂ ସୁଗମ କରାଯାଇପାରିବ। କାର୍ଯ୍ୟକ୍ରମରେ, ବ୍ଲାକରକ୍ ସିଇଓ ଲାରି ଫିଙ୍କ୍ ଭାରତକୁ 'ଭାରତର ଯୁଗ' ଭାବରେ ବର୍ଣ୍ଣନା କରିଥିଲେ, ଯାହାକୁ ନେଇ ଅମ୍ବାନୀ କହିଥିଲେ ଯେ ଯେଉଁମାନେ ଭାରତର ଦୀର୍ଘକାଳୀନ ଅଭିବୃଦ୍ଧିରେ ବିଶ୍ୱାସ କରିବେ ସେମାନେ ଆଗାମୀ ଦଶନ୍ଧିଗୁଡ଼ିକରେ ସବୁଠାରୁ ଅଧିକ ଲାଭ ପାଇବେ।

# ଏଆଇ-ଆଧାରିତ ରେଳ ରୋବୋକପ୍ 'ଏଏସସି ଅର୍ଜୁନ'ର ଐତିହାସିକ ସଫଳତା

**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ବିଶାଖାପଟଣା ରେଳ ଷ୍ଟେସନ୍ ଯାତ୍ରୀ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଦିଗରେ ଐତିହାସିକ ସଫଳତା ହାସଲ କରିଛି। ରେଳ ରୋବୋକପ୍ 'ଏଏସସି ଅର୍ଜୁନ'ର ଏଆଇ- ଅର୍ଥାତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଫେସିଆଲ୍ ରିକଗ୍ନିସନ୍ ସିଷ୍ଟମ୍ (ଏଫ୍‌ଆର୍‌ଏସ୍) ମାଧ୍ୟମରେ ବାସ୍ତବ-ସମୟ ଚିହ୍ନଟ ଆଧାରରେ ଅଭ୍ୟାସଗତ ଅପରାଧୀଙ୍କ ଆଶଙ୍କା ସହିତ ସଫଳତାର ସହିତ ଧରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି।



ଗତ ୨ ତାରିଖ ରାତି ପ୍ରାୟ ୮ଟା ୧୦ରେ ନିରୀକ୍ଷଣ ଏବଂ ପାଟ୍ରୋଲିଂ ପାଇଁ ନିୟୋଜିତ ରେଳ ରୋବୋକପ୍ 'ଏଏସସି ଅର୍ଜୁନ' ଜଣେ ସନ୍ଦିଗ୍ଧଙ୍କୁ ତାଙ୍କ ମୁହଁର ପ୍ରତିଛବିକୁ ଜଣାଶୁଣା ଅପରାଧୀଙ୍କ ପୂର୍ବରୁ ଲୋଡ୍ ହୋଇଥିବା ଡାଟାବେସ୍ ସହିତ ମେଳ କରି ଚିହ୍ନଟ କରିଥିଲା। ଏହି ବ୍ୟବସ୍ଥା ତୁରନ୍ତ ବିଶାଖାପାଟଣାର ରେଳ ସୁରକ୍ଷା ବଳ ସିସିଟିଭି ନିୟନ୍ତ୍ରଣ କକ୍ଷକୁ ସତର୍କ କରିଥିଲା। ସତର୍କ ସୂଚନା ପାଇବା ପରେ ଡ୍ୟୁଟିରେ ଥିବା ସିସିଟିଭି କର୍ମଚାରୀ ହେଡ୍ କନ୍‌ଷ୍ଟେବଲ ବି. ଏସ୍. ନାରାୟଣ ଲାଇଭ୍ ସିସିଟିଭି ଫିଡ୍ ବିଶ୍ଳେଷଣ କରିଥିଲେ ଏବଂ ତୁରନ୍ତ ଷ୍ଟେସନରେ ଉପସ୍ଥିତ ଥିବା ଓ୍ୱାଲ୍‌ଟେୟାର ଡିଭିଜନର ଅପରାଧ ପ୍ରତିରୋଧ ଓ ନିରୋଧ ଦଳ (ସିପିଡିଏସ୍) ଦଳ ସହିତ ଡ୍ୟୁଟିରେ ଥିବା ଅଧିକାରୀ ସବ୍ ଇନ୍ସପେକ୍ଟର ଭି. କୀର୍ତ୍ତି ରେଡ୍ଡୀଙ୍କୁ ସୂଚନା ଦେଇଥିଲେ। ସତର୍କ ସୂଚନା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦଳ ଏକ ସମନ୍ୱିତ ଯାଞ୍ଚ କରିଥିଲା ଏବଂ ଜଣେ ଅଭ୍ୟାସଗତ ଅପରାଧୀ, ହଡପା ଶିବ (୩୯) ଏବଂ ତାଙ୍କ ସହଯୋଗୀ ଜି. ଭାଙ୍ଗାରୁଙ୍କୁ ସଫଳତାର ସହ ଗିରଫ କରିଥିଲା। ଉଭୟ ବ୍ୟକ୍ତି କୌଣସି ବୈଧ ଯାତ୍ରା ଟିକେଟ୍ ଦେଖାଇବାରେ ବିଫଳ ହୋଇଥିଲେ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନଙ୍କୁ ବିଶାଖାପାଟଣାର ଆରପିଏଫ୍ ପୋଷ୍ଟକୁ ଅଣାଯାଇଥିଲା। ସେମାନଙ୍କର ପୂର୍ବ ତଥ୍ୟ ଯାଞ୍ଚରୁ ଜଣାପଡ଼ିଥିଲା ଯେ ଉଭୟ ବ୍ୟକ୍ତି ଅଭ୍ୟାସଗତ ଅପରାଧୀ ଯାହାଙ୍କର ରାୟଗଡା ପୁଲିସ ଷ୍ଟେସନରେ ବ୍ୟାପକ ଅପରାଧିକ ରେକର୍ଡ ପଞ୍ଜିକୃତ ହୋଇଛି, ଯେଉଁମାନେ ଅନେକ ବର୍ଷ ଧରି ଚୋରି, ଡକାୟତି, ଆକ୍ରମଣ ଏବଂ ଅସ୍ତ୍ରଶସ୍ତ୍ର ସମ୍ବନ୍ଧୀୟ ଏକାଧିକ ଗୁରୁତର ଅପରାଧ ସହିତ ଜଡ଼ିତ। ଗିରଫଦାରୀ ସମ୍ପର୍କରେ ତୁରନ୍ତ ଜିଆର୍‌ପି ବିଶାଖାପାଟଣାକୁ ଅବଗତ କରାଯାଇଥିଲା। ଆରପିଏଫ୍, ଜିଆରପି ଏବଂ ସେମାନଙ୍କ ଦଳ ଦ୍ୱାରା ମିଳିତ ପଚରାଉଚରା କରାଯାଇଥିଲା। ବିସ୍ତୃତ ତଦନ୍ତ ପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ସନ୍ଦିଗ୍ଧମାନେ ବୈଧ ଟିକେଟ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଷ୍ଟେସନ ଅଞ୍ଚଳରେ ପ୍ରବେଶ କରିଥିଲେ ଏବଂ ରେଳ ରୋବୋକପ୍ 'ଏଏସସି ଅର୍ଜୁନ'ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଫେସିଆଲ୍ ରିକଗ୍ନିସନ୍ ସିଷ୍ଟମ୍ ଦ୍ୱାରା ପ୍ରବେଶ ସମୟରେ ହିଁ ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ଉଭୟ ଅପରାଧୀ ବିନା ଟିକେଟରେ ଯାତ୍ରା କରୁଥିବା ଜଣାପଡ଼ିବାରୁ, ଭାରତୀୟ ରେଳ ଆଇନ ୧୯୮୯ (ସଂଶୋଧିତ ୨୦୦୩) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ରାୟଗଡା ପୁଲିସକୁ ମଧ୍ୟ ଏହି ମାମଲା ସମ୍ବନ୍ଧରେ ଅବଗତ କରାଯାଇଛି। ରେଳ ରୋବୋକପ୍ 'ଏଏସସି ଅର୍ଜୁନ'ର ସଫଳତାକୁ ପ୍ରଶଂସା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ କହିଛନ୍ତି ଯେ ଯାତ୍ରୀ ସୁରକ୍ଷା ବୃଦ୍ଧି କରିବାରେ ଏହି ଘଟଣା ଏକ ପ୍ରଭାବଶାଳୀ ବୈଷୟିକ ହସ୍ତକ୍ଷେପ ବୋଲି ପ୍ରମାଣିତ ହୋଇଛି। ବିଶାଖାପାଟଣା ରେଳ ଷ୍ଟେସନରେ ଥିବା ରୋବୋକପ୍ 'ଏଏସସି ଅର୍ଜୁନ', ଉନ୍ନତ ନିରୀକ୍ଷଣ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ-ଆଧାରିତ ବିଶ୍ଳେଷଣର ଲାଭ ଉଠାଇ ଅଭ୍ୟାସଗତ ଅପରାଧୀମାନଙ୍କୁ ଚିହ୍ନଟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯାହା ଦ୍ୱାରା ରେଳ ସୁରକ୍ଷା ଏଜେନ୍ସିମାନଙ୍କୁ ସମୟୋଚିତ କାର୍ଯ୍ୟାନୁଷ୍ଠାନରେ ସହାୟତା କରିଥିଲା। ବିଶାଖାପାଟଣା ରେଳ ଷ୍ଟେସନରେ ସକାରାତ୍ମକ ଫଳାଫଳ ଦ୍ୱାରା ଉତ୍ସାହିତ ହୋଇ ପୂର୍ବତଟ ରେଳପଥ ଯାତ୍ରୀ ମାନଙ୍କ ଲାଭ ପାଇଁ ଏହିପରି ଉନ୍ନତ ସୁରକ୍ଷା ସମାଧାନର ଅନୁସନ୍ଧାନ ଏବଂ ବିସ୍ତାର ଜାରି ଜାରି ରଖିବ ବୋଲି ସେ କହିଛନ୍ତି।

## ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ମାନର ପ୍ରତୀକ ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତୀୟତାର ଜନକ ତଥା ନବଜାଗରଣର ପ୍ରବର୍ତ୍ତକ। ତାଙ୍କରି ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା। ଧୈର୍ଯ୍ୟ-ସହିଷ୍ଣୁତା, ସଂଗ୍ରାମ-ସାଧନାକୁ ପାଥେୟ କରି ଜାତିପ୍ରେମ ବହ୍ନି ପ୍ରଜ୍ୱଳିତପୂର୍ବକ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ମଧୁବାବୁ ସଦା ଚେଷ୍ଟିତ ଥିଲେ। ସମାଜ, ସାହିତ୍ୟ, ଶିକ୍ଷା, ଅର୍ଥନୀତି ଓ ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ଏହି ଜନନାୟକଙ୍କର ପ୍ରେରଣା ଉତ୍କଳୀୟ ଜୀବନରେ ନବସୂର୍ଯ୍ୟୋଦୟ ସମ୍ଭବ କରାଇଥିଲା। ଯଥାର୍ଥରେ ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଉତ୍କଳୀୟ ଜାତୀୟତାର ମନ୍ତ୍ରଦାତା, ଶତାବ୍ଦୀର ସୂର୍ଯ୍ୟ ଉତ୍କଳଗୌରବ ମଧୁସୂଦନ ଦାସ ପ୍ରତ୍ୟେକ ଓଡ଼ିଆ ପାଇଁ ଚିରବନ୍ଦନୀୟ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଲୋକଭବନ ଛକରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥଳରେ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ବିଭାଗର ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମୋଦିନୀ ଟେଟେ, ଲୋକସମ୍ପର୍କ ଅଧିକାରୀ ଏମ୍. ଅଭିଷେକ ତଥା ଅନ୍ୟାନ୍ୟ ବରେଣ୍ୟ ଅତିଥିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ।






# ପୁରୀ ଓ ରାଇରଙ୍ଗପୁରରେ ମହାମହିମ







ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ବୁଧବାର ଥିଲା ତୃତୀୟ ଦିନ। ପୁରୀରେ ପହଞ୍ଚିବା ପରେ ଆଜି ଶ୍ୱେତଗଙ୍ଗାରେ ପ୍ରଥମେ ପିଣ୍ଡଦାନ କରିଥିଲେ ରାଷ୍ଟ୍ରପତି। ଏହାପରେ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ। ଶ୍ରୀଜିଉଙ୍କ ଦର୍ଶନ ପରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ଜନ୍ମମାଟି ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।









### ରାଷ୍ଟ୍ରପତିଙ୍କ ଦ୍ୱାରା ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

# ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ପାଇଁ ମିଳିଛି ବିକାଶର ଗ୍ୟାରେଣ୍ଟି: ମୁଖ୍ୟମନ୍ତ୍ରୀ

## କର୍ମଭୂମିରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ମୋ ପାଇଁ ଗର୍ବର ବିଷୟ: ମୋହନ

**ଭୁବନେଶ୍ୱର,ରାଇରଙ୍ଗପୁର,୪।୨/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ତଥା ସାରା ଓଡ଼ିଶାର ନିରନ୍ତର ବିକାଶ ପ୍ରତି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରତିବଦ୍ଧତାର ବିଭିନ୍ନ ପ୍ରକଳ୍ପ ଯୋଗୁଁ ହୋଇଛି ପ୍ରତିଫଳନ। ଏହି ପ୍ରକଳ୍ପଗୁଡ଼ିକ କେବଳ ସାମାନ୍ୟ କୋଠା କିମ୍ବା ଭିତ୍ତିଭୂମି ନୁହେଁ, ଏହା ହେଉଛି ଉନ୍ନତ ମାନବ ସମ୍ବଳ ସୃଷ୍ଟିରେ ଆମର ନିବେଶ। ବିଶେଷକରି ଆମର ଯୁବପିଢ଼ି, ଚାଷୀ, ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳାଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏହା ପଥ ପ୍ରସ୍ତୁତ କରିବ। ମହାମହିମ ରାଷ୍ଟ୍ରପତି, ଯେଉଁ ମାଟିର ଝିଅ, ସେ ମାଟି କେବେହେଲେ ଅବହେଳିତ ରହିପାରିବ ନାହିଁ। ଯେଉଁ ଦିନ ଠାରୁ ଆମ ସମସ୍ତଙ୍କର ସମ୍ମାନନୀୟା ଦ୍ରୌପଦୀ ମୁର୍ମୁଜୀ ଦେଶର ପ୍ରଥମ ନାଗରିକ ହୋଇଛନ୍ତି, ସେହିଦିନ ଠାରୁ ମୟୂରଭଞ୍ଜ ଜିଲ୍ଲା ବାସୀଙ୍କ ପାଇଁ ବିକାଶର ଗ୍ୟାରେଣ୍ଟି ମିଳିଛି।

ମୟୂରଭଞ୍ଜରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାଛଡ଼ା ସେ କହିଛନ୍ତି ଯେ ମୟୂରଭଞ୍ଜ ଜିଲ୍ଲାର ପ୍ରାଣକେନ୍ଦ୍ର ରାଇରଙ୍ଗପୁର ତଥା ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମମାଟି ଓ ପ୍ରଥମ କର୍ମଭୂମିରେ, ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା, ମୋ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଗତ ନଭେମ୍ବର ୨୭ରେ ମୋ ସହିତ ଓଡ଼ିଶାର ସମସ୍ତ ମନ୍ତ୍ରୀ ଓ ବିଧାୟକମାନେ ମହାମହିମ ରାଷ୍ଟ୍ରପତିଙ୍କୁ ରାଜ୍ୟ ବିଧାନସଭାରେ ସ୍ୱାଗତ କରିଥିଲୁ। ରାଷ୍ଟ୍ରପତି ଆମ ଭଳି ଜନପ୍ରତିନିଧିମାନଙ୍କୁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ବୁଧବାର ପୁଣି ତାଙ୍କୁ ସ୍ୱାଗତ କରିବାର ସୁଯୋଗ ମିଳିଛି। ତାଙ୍କର ଉପସ୍ଥିତି ଏହି ଅବସରକୁ ଐତିହାସିକ କରିଛି ଏବଂ ଏହି ଅଞ୍ଚଳର ଲୋକଙ୍କ ପାଇଁ ପ୍ରେରଣାଦାୟକ ସାଜିଛି। ଓଡ଼ିଶା ସରକାର ଏବଂ ରାଜ୍ୟବାସୀଙ୍କ ପକ୍ଷରୁ, ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଆନ୍ତରିକ କୃତଜ୍ଞତା ଜଣାଉଛି। ସେ କହିଛନ୍ତି ଯେ, ଆଜି ମୟୂରଭଞ୍ଜ ପାଇଁ ଏକ ଐତିହାସିକ ଦିନ। ଏଠାରେ ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେଉଛି। ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ମୟୂରଭଞ୍ଜ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ଜଙ୍ଗଲ, ପାହାଡ଼, ନଦୀ, ସମୃଦ୍ଧ ଜୈବ ବିବିଧତା ଏବଂ ସ୍ପନ୍ଦନଶୀଳ ଆଦିବାସୀ ପରମ୍ପରାର ଭୂମି। ଏହା ଦେଶକୁ ମହାନ୍ ନେତା, ସ୍ୱାଧୀନତା ସଂଗ୍ରାମୀ, କଳାକାର, କ୍ରୀଡାବିତ୍, ପ୍ରଶାସକ ଏବଂ ବିଶେଷକରି ଭାରତକୁ ପ୍ରଥମ ନାଗରିକ ଉପହାର ଦେଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦୀର୍ଘ ଦିନ ଧରି, ଏହି ଅଞ୍ଚଳର ଆକାଂକ୍ଷା ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆଧୁନିକ ସୁବିଧା ପାଇଁ ପ୍ରବେଶର ଦ୍ୱାର ସୀମିତ ଥିଲା। ଆଜି ଆମେ ସେହି ସ୍ୱପ୍ନକୁ ବାସ୍ତବତାରେ ପରିବର୍ତ୍ତନ କରିବା ପାଇଁ ସାମୂହିକ ଭାବରେ କାର୍ଯ୍ୟ କରୁଛୁ। ଆମର ବିକାଶ ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ଶିକ୍ଷା। ଆୟୁଷ ହସ୍ପିଟାଲ୍ ଓ ଆୟୁର୍ବେଦିକ୍ କଲେଜ୍, ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର କ୍ୟାମ୍ପସ, ବିଶ୍ୱବିଦ୍ୟାଳୟରେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ, ଧନୁର୍ବିଦ୍ୟା ଏକାଡେମୀ ଗୁଡ଼ିକର ପ୍ରତିଷ୍ଠା ଉତ୍ତର ଓଡ଼ିଶାର ଦୃଶ୍ୟପଟକୁ ପରିବର୍ତ୍ତନ କରିବ। ବିଶେଷକରି ଆଜିର ଦିନଟି ବିଜ୍ଞାନ, ପ୍ରଯୁକ୍ତି ଓ କ୍ରୀଡାରେ ଶିକ୍ଷାପାଇଁ ଏକ ଐତିହାସିକ ଦିନ। ମୟୂରଭଞ୍ଜ, ଏବଂ ଏହାର ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ଆଉ ଦୂର ଯାତ୍ରା କରିବାକୁ ପଡ଼ିବ ନାହିଁ। ଏହା ସହିତ ରାଇରଙ୍ଗପୁର ସହରର ବିକାଶ କ୍ଷେତ୍ରରେ ଏକ ନୂଆ ମାଇଲଷ୍ଟୋନ୍ ପଡିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୃଷି ଆମର ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି। ନୂତନ ଓୟୁଏଟି କ୍ୟାମ୍ପସ୍ ସ୍ଥାନୀୟ ପରିସ୍ଥିତି ସହିତ ଉପଯୁକ୍ତ କୃଷି ଶିକ୍ଷା, ଗବେଷଣା ଏବଂ ଗୁଣାତ୍ମକ ସେବାକୁ ପ୍ରୋତ୍ସାହିତ କରିବ। ଏହା ଚାଷୀମାନଙ୍କୁ ଉନ୍ନତ ଚାଷ ପଦ୍ଧତି ଗ୍ରହଣ କରିବାରେ, ଉତ୍ପାଦକତା ବୃଦ୍ଧି କରିବାରେ ଏବଂ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏକ ସମୃଦ୍ଧ ସମାଜ ପାଇଁ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରୀ ଆୟୁର୍ବେଦିକ କଲେଜର ଭିତ୍ତିପ୍ରସ୍ତର ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ପ୍ରବେଶକୁ ଉନ୍ନତ କରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆ କେନ୍ଦ୍ର ବଜେଟର ପ୍ରାବଧାନ ଅନୁଯାୟୀ କ୍ୟାନସର ଓ ଡାଏବେଟିସ୍ ପରି ଅନେକ ଜଟିଳ ରୋଗର ଔଷଧ ଶସ୍ତା ହେବ। ଯାହା ଆମ ଗରିବ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କ ପାଇଁ ଖୁବ୍ ମଙ୍ଗଳକର ହେବ। କେୟାର ଇକୋନୋମି ଏବଂ ନିଯୁକ୍ତି ମାଧ୍ୟମରେ ଦେଶରେ ୧.୫ ଲକ୍ଷ ମଲ୍‌ଟି ସ୍କିଲ୍‌ଡ କେୟାର୍ ଗିଭର୍ସଙ୍କୁ ତାଲିମ୍ ଦେବାପାଇଁ ଯୋଜନା ହେଉଛି, ଫଳରେ ଏହା ସମଗ୍ର ଓଡ଼ିଶାର ଯୁବକ ଯୁବତୀ ମାନଙ୍କ ପାଇଁ ସେବା କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟରେ ଆଜି ଟେକ୍ନୋଲୋଜି କ୍ୟାମ୍ପସ୍ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମୟୂରଭଞ୍ଜର ପିଲାମାନେ ଆଧୁନିକ ଓଁଚ କ୍ଷେତ୍ରରେ ମଧ୍ୟ ଦକ୍ଷତା ହାସଲ କରିପାରିବେ । ଆମର ଲକ୍ଷ୍ୟ ହେଉଛି, ଆମ ଯୁବବର୍ଗଙ୍କୁ ସ୍କିଲ୍ ଟ୍ରେନିଙ୍ଗ ଜରିଆରେ ଦକ୍ଷ କରି ଆଧୁନିକ ଶିଳ୍ପ ପାଇଁ ନିଯୁକ୍ତି ଯୋଗ୍ୟ କରିବା। ଯଦି କଲେଜ୍ ?ରୁ ପିଲାମାନେ ଦକ୍ଷ ହୋଇ ବାହାରିବେ, ତେବେ ତାଙ୍କୁ ଆଉ ଅତିରିକ୍ତ ଟ୍ରେନିଙ୍ଗ ଦରକାର ନାହିଁ। କଲେଜରୁ ପାସ୍‌କରି ସେମାନେ ସିଧାସଳଖ ନିଯୁକ୍ତି ପାଇପାରିବେ। ଏହି ଆଇଟି କ୍ୟାମ୍ପସ୍ ଆମର ବିଶ୍ୱସ୍ତରୀୟ ଦକ୍ଷତା ସୃଷ୍ଟିର ଲକ୍ଷ୍ୟକୁ ପୂରଣ କରିବ। କ୍ରୀଡ଼ା ସର୍ବଦା ମୟୂରଭଞ୍ଜ ପାଇଁ ଗର୍ବର ଏକ ଉତ୍ସ ହୋଇଆସିଛି। ଫୁଟବଲ୍ ଠାରୁ ଆରମ୍ଭ କରି ତୀରନ୍ଦାଜୀ ଏବଂ କ୍ରୀଡାବିତ୍ ପର୍ଯ୍ୟନ୍ତ, ଏହି ଜିଲ୍ଲାର ଯୁବକମାନେ ଓଡ଼ିଶା ଏବଂ ଭାରତ ପାଇଁ ଗୌରବ ଆଣିଛନ୍ତି। ଧନୁର୍ବିଦ୍ୟା ଏକାଡେମୀ ଆଦିବାସୀ ଏବଂ ଗ୍ରାମୀଣ ପୃଷ୍ଠଭୂମିର ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଆଧୁନିକ ସୁବିଧା ପ୍ରଦାନ କରିବ। ଆମ ସରକାର ବିଶ୍ୱାସ କରନ୍ତି ଯେ କ୍ରୀଡା କେବଳ ଚାମ୍ପିଅନ ସୃଷ୍ଟି କରେ ନାହିଁ ବରଂ ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଏକତା ମଧ୍ୟ ସୃଷ୍ଟି କରେ।

ମହିଳା ସଶକ୍ତିକରଣ ହେଉଛି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ପ୍ରମୁଖ ଆଭିମୁଖ୍ୟ। ବିକଶିତ ଭାରତ ଗଠନ ପାଇଁ ମହିଳା ମାନଙ୍କୁ ସଶକ୍ତ କରିବା ଏକ ଜରୁରୀ ଆବଶ୍ୟକତା। ଚଳିତ କେନ୍ଦ୍ର ବଜେଟ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ She-Marts ସ୍ଥାପନ କରିବା ପାଇଁ ପ୍ରାବଧାନ ରଖାଯାଇଛି। ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସେମାନଙ୍କର ଉତ୍ପାଦ ଏହି ମାର୍ଟ ଜରିଆରେ ସାରା ବିଶ୍ୱର ବଜାରରେ ପହଞ୍ଚାଇ ପାରିବେ। ଓଡ଼ିଶାର ଏସ୍‌ଏଚଜି ମହିଳା ମାନେ ଏବଂ ଲକ୍ଷପତି ଦିଦିମାନଙ୍କ ପାଇଁ ଏହା ଖୁବ୍ ସହାୟକ ହେବ। ସେମାନଙ୍କ ରୋଜଗାର ବଢ଼ିବ। ସାରା ଭାରତ ବର୍ଷରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନ ହାସଲ କରିଛି।

### ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି

# ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ

**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନ ଥିଲା ଏକ ଜୀବନ୍ତ ଇତିହାସ। ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ପୁରୋଧା ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ଦୂରଦୃଷ୍ଟି ଓ ଜାତୀୟ ଦୃଷ୍ଟି ପାଇଁ ସେ ଚିରକାଳ ପାଇଁ ଓଡ଼ିଶାବାସୀଙ୍କ ହୃଦୟରେ ବଞ୍ଚିରହିବେ। ଓଡ଼ିଶାର ହସ୍ତଶିଳ୍ପ ଓ ସ୍ୱଦେଶୀ କାରିଗରୀ ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ଆଣିବା ସହ ଓଡ଼ିଶାର ଖ୍ୟାତିକୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ତାଙ୍କର ଉଦ୍ୟମ ପ୍ରଣିଧାନଯୋଗ୍ୟ। ଓଡ଼ିଆ ଲୋକଟିଏ ଯେତେବେଳେ କିଛି ନୂଆ କରିବାକୁ ଚେଷ୍ଟା କରିବ ସେତିକିବେଳେ ମଧୁବାବୁଙ୍କ ପ୍ରେରଣା ତାଙ୍କୁ ପ୍ରୋତ୍ସାହିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। "ଓଡ଼ିଆ ଅସ୍ମିତା ଏବଂ ମଧୁବାବୁ" ବିଷୟବସ୍ତୁକୁ ନେଇ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ନବଜାଗରଣ ପାଇଁ ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ। ସେ ମଧୁବାବୁଙ୍କୁ ପ୍ରଥମ ରାଜନୈତିଜ୍ଞ ପୁରୁଷ ବୋଲି ସମ୍ବୋଧନ କରି କହିଥିଲେ ଯେ ମଧୁବାବୁ ହେଉଛନ୍ତି ଆଧୁନିକ ଓଡ଼ିଶାର ରାଜନୈତିକ ଇତିହାସର ଅଗ୍ରଗଣ୍ୟ ଓ ଅନନ୍ୟ ବ୍ୟକ୍ତିତ୍ୱ। ବ୍ୟକ୍ତିଗତ ସଫଳତାକୁ ପ୍ରାଧାନ୍ୟ ନଦେଇ ଓଡ଼ିଶାର ପରିଚୟକୁ ବିଶ୍ୱବିଦିତ କରିବାକୁ ସେ ସବୁବେଳେ ଚେଷ୍ଟା କରୁଥିଲେ ବୋଲି ଶ୍ରୀ ମହାପାତ୍ର ମତପ୍ରକାଶ କରିଛନ୍ତି। ଅତିଥି ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂହ ମଧୁବାବୁଙ୍କ ଓଡ଼ିଆ ଅସ୍ମିତାର ଯୁଗ ପୁରୁଷ ବୋଲି ବିବେଚିତ କରି କହିଛନ୍ତି ଯେ ମଧୁସୂଦନ ଦାସଙ୍କ ନୀତି ଆଦର୍ଶକୁ ଆଜିର ଦିନରେ ଆମେ କେତେ ଦୂର ପ୍ରତିଫଳିତ କରିପାରିଛେ, ତାହାର ଆତ୍ମଚିନ୍ତନର ଆବଶ୍ୟକତା ରହିଛି। ୧୮୪୮ରେ ଜନ୍ମ ଓ ୧୯୩୪ ଫେବୃଆରୀ ୪ରେ ପରଲୋକ ଗମନ କରିଥିବା ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ବିକାଶ ସହ ଜନଜାତି ଓ ନାରୀ ଶିକ୍ଷା ସହ ସେମାନଙ୍କର ଉତଥାନ ପାଇଁ ମଧୁବାବୁଙ୍କର ଅବଦାନ ଅବିସ୍ମରଣୀୟ ବୋଲି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡଃ ଭାରତୀ ପାଲ କହିଛନ୍ତି ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅତିଥିମାନଙ୍କ ସହ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନୁହେଁ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାର ପ୍ରତିଷ୍ଠା ଓ ପରିଚିତି ନିମନ୍ତେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବହୁମୁଖୀ ଅବଦାନ ପ୍ରାତଃସ୍ମରଣୀୟ ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବିଭାଗର ଅନୁଶାସନ ସଚିବ ସୁଶ୍ରୀ ମୌସୁମୀ ଦାସ ଅତିଥି ପରିଚୟ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ସହକାରୀ ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ ଉପସ୍ଥିତ ଥିଲେ।

# ଲିଙ୍ଗରାଜ ମହାପ୍ରଭୁଙ୍କ ରୀତିନୀତି ନେଇ ଆଲୋଚନା

- ଜାଗର ସମୟରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ
- ଭିଡ଼ ରୋକିବାକୁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ରୋଡ୍ ମ୍ୟାପ୍
- ଦକ୍ଷ ଅଧିକାରୀଙ୍କୁ ଦିଆଯିବ ଅତିରିକ୍ତ ଦାୟିତ୍ୱ




**ଭୁବନେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଯେ ଲିଙ୍ଗରାଜ ମହାପ୍ରଭୁ ସାରା ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆରାଧ୍ୟ ଦେବତା। ତେଣୁ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ଫେବୃଆରୀ ୧୫ ତାରିଖରେ ଜାଗର ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଉତ୍ସବରେ ଅନେକ ଭିଡ଼ ହେବାର ସମ୍ଭାବନା ରହିଛି। ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡ଼କୁ ଆୟତ୍ତ କରିବା ଏବଂ ସମସ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିବା ଏକ ବଡ ଆହ୍ୱାନ। ଏହି ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି। ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ। ତେଣୁ ଚଳିତ ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନ୍‌ର ବ୍ୟବସ୍ଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ସମୟ ଅନୁସାରେ ରୀତିନୀତିର ତଥ୍ୟ ବିଭିନ୍ନ ଟିଭି, ରେଡ଼ିଓ, ମୁଦ୍ରଣ ଗଣମାଧ୍ୟମ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରସାରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଜାଗର ଉତ୍ସବକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂର୍ବ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବା ବିଷୟ ଆଲୋଚନରେ ସ୍ଥାନ ପାଇଥିଲା। ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରପୁରରେ ଜବରଦଖଲ ଉଚ୍ଛେଦ



**ସୋର,୪।୨/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ଛତ୍ରପୁର ଛକରୁ ବ୍ଲକ୍ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜାଗାରେ ହୋଇଥିବା ଜବରଦଖଲକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ଜବରଦଖଲ କାରଣରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ବୁଧବାର ମଧ୍ୟାହ୍ନରେ ସୋର ତହସିଲଦାର୍ ଦୈତାରି ମଲ୍ଲିକ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ଉପସ୍ଥିତ ରହି ଜବରଦଖଲକୁ ଉଚ୍ଛେଦ କରିଥିଲେ । ଏହି ସମୟରେ ଅନେକ ଘର ଭଙ୍ଗା ଯାଇଥିବାବେଳେ ୪ଟି ଘରକୁ ନେଇ ଲୋକେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବାରୁ ଆଗାମୀ ୬ ସପ୍ତାହ ମଧ୍ୟରେ ଏହାର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ରହିଛି । ଉକ୍ତ ୪ଟି ଘରକୁ ଛାଡ଼ି ବାକି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏହି ସମୟରେ ପୌର କର୍ମଚାରୀ, ତହସିଲ୍ କର୍ମଚାରୀ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ ଓ ସୋର ପୁଲିସ୍ ସହଯୋଗ କରିଥିବାବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା ।

## ୨୪ ବର୍ଷ ଦେଶସେବା ପରେ ଜନ୍ମମାଟିକୁ ଫେରିଲେ ବୀର ଯବାନ



**ଧାମନଗର,୪।୨/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ କଣ୍ଟିଦୋଳ ଗ୍ରାମର ପବିତ୍ର ମୋହନ ନାୟକ ଭାରତୀୟ ସ୍ଥଳସେନାରେ ଦୀର୍ଘ ୨୪ ବର୍ଷ ନିଷ୍ଠାର ସହ ସେବା କରିବା ପରେ ଗତ ଫେବୃଆରୀ ୩ ତାରିଖରେ ଅବସରଗ୍ରହଣ କରି ନିଜ ଗ୍ରାମକୁ ଫେରିଛନ୍ତି । ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ସମୟରେ ଗ୍ରାମରେ ଏକ ଆନନ୍ଦର ଲହରୀ ଖେଳିଯାଇଛି । ଛାତ୍ର ଅବସ୍ଥାରୁ ଦେଶ ମାତୃକାର ସେବା ପାଇଁ ସେନାରେ ଯୋଗ ଦେଇଥିବା ପବିତ୍ର ସମଗ୍ର ଚାକିରି କାଳ ମଧ୍ୟରେ ଅତ୍ୟନ୍ତ ଦକ୍ଷତା ଓ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି । ସେ ତାଙ୍କ ଗ୍ରାମରେ ପହଞ୍ଚିବା ପରେ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ, ଗ୍ରାମବାସୀ ଓ ପରିବାର ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସମୟରେ ତାଙ୍କ ପିତା ଅକ୍ଷୟ ନାୟକ, ମାତା ଅନ୍ନପୂର୍ଣ୍ଣା ନାୟକ, ଭଉଣୀ ନିରୁପମା ଓ ଲତା ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଚାକିରିରୁ ଅବସର ନେବା ପରେ ବି ପବିତ୍ରଙ୍କ ମନରେ ସେବା ମନୋଭାବ ଅତୁଟ ରହିଛି । ଅବଶିଷ୍ଟ ସମୟ ସେ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗ କରିବେ ବୋଲି ପ୍ରକାଶ କରିଛନ୍ତି । ବିଶେଷକରି ଗରିବ ଓ ଅସହାୟ ଲୋକଙ୍କ ସେବା କରିବାର ସଙ୍କଳ୍ପ ନେଇ ସେ ନିଜର ଏହି ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି ।

## ବିଶ୍ୱ ଆର୍ଦ୍ର ଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

**ବୈଶିଙ୍ଗା,୪।୨/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚବିଦ୍ୟାଳୟରେ ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଇକୋ କ୍ଲବ୍ ସଂଯୋଜକ ଅଜିତ କୁମାର ଜେନାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ପରିବେଶ ସୁରକ୍ଷା ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକ ଓ ଛାତ୍ରଛାତ୍ରୀ ଆର୍ଦ୍ରଭୂମି ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସମୂହ ଶପଥପାଠ କରିଥିଲେ । ପରେ ଆର୍ଦ୍ରଭୂମି ସଂରକ୍ଷଣ ଓ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ୍ ଦେଇ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ । ପ୍ରଧାନଶିକ୍ଷକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ୍ଲ କୁମାର ମିଶଆର୍ଦ୍ର ଭୂମିର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ ।

## ଯୋଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି

**ଯୋଡ଼ା,୪।୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଯୋଡ଼ା ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଯୋଡ଼ା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାନିସ୍ ବେହେରା, ଯୋଡ଼ା ପୌରନିର୍ବାହୀ ଅଧିକାରୀ ଶ୍ୱେତାପଦ୍ମ ଧଳ, ଉପନଗରପାଳ ସନ୍ଧ୍ୟାରାଣୀ ପାତ୍ର, ପୂର୍ବତନ ଯୋଡ଼ା ନଗରପାଳ ତଥା ସାଂସଦ ପ୍ରତିନିଧି ଆର୍‌କେ ଦାସ, ବିଜେପି ନଗର ସଭାପତି ସାରଥୀ ଷଡ଼ଙ୍ଗୀ ଓ ଯୋଡ଼ା ସାଂସଦ ପ୍ରତିନିଧି ବିଚିତ୍ରା ନନ୍ଦ ଦାସ ଯୋଗଦେଇ ମହୋତ୍ସବ ପ୍ରସ୍ତୁତି ନେଇ ସମସ୍ତଙ୍କ ମତାମତ ଲୋଡ଼ିଥିଲେ । ଯୋଡ଼ା ପୌରପାଳିକା ବିଭିନ୍ନ ୱାର୍ଡର କାଉନସିଲର୍, ଯୁବକ ସଂଘ, ବୁଦ୍ଧିଜୀବୀ, ନାଗରିକ, ବ୍ୟବସାୟିକ ସଂଘ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଯୋଗଦେଇ ଯୋଡ଼ା ପରି ଏକ ଉପାନ୍ତ ଅଞ୍ଚଳରେ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଭାଷା ଓ ପ୍ରତିଭାକୁ ବଞ୍ଚାଇ ରଖିବା ପାଇଁ ଯୋଡ଼ା ମହୋତ୍ସବ ଆୟୋଜନ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମତାମତ ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ବିଜେପି ନେତା ଚର୍ଚ୍ଚିଲ ମହାକୁଡ଼, ସୁଶାନ୍ତ କୁମାର ବେବର୍ତ୍ତା, ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବୋହିଦାର ଓ ୨ ନମ୍ବର ୱାର୍ଡ କାଉନସିଲର୍ ସୌଦାମିନି ନାଏକ ଉପସ୍ଥିତ ରହି ମହୋତ୍ସବ ଆୟୋଜନ କରିବା ପାଇଁ ସରକାରୀସ୍ତରରେ ସହଯୋଗ କରିବା ପାଇଁ ନବେଦନ କରିବା ସହିତ ଏହି ମହୋତ୍ସବ ଯୋଡ଼ାର ଏକ ପରିଚୟ ସୃଷ୍ଟି କରିଆସୁଛି । ଏଣୁ ଏହାକୁ ଆୟୋଜନ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ । ଆର୍‌କେ ଦାସ ଏକ ଶୃଙ୍ଖଳିତ କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ । ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ଆଗାମୀ ଦିନରେ ସୂଚନା ଦିଆଯିବ ବୋଲି ବୈଠକରେ କୁହାଯାଇଥିଲା ।

## ଶୁଦ୍ଧିକ୍ରିୟା ପାଇଁ ଆଞ୍ଚଳିକ ବ୍ରାହ୍ମଣ ସମିତିର ସହଯୋଗ

**ଖଇରା,୪।୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତର୍ଗତ ବଣପାରିଆ ଗ୍ରାମର ସନାତନ ପଣ୍ଡା କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିବା ପରେ ପରିବାର ଶୁଦ୍ଧିକ୍ରିୟା ପାଇଁ ଚିନ୍ତାରେ ଥିଲା । ଏହି ପରିପ୍ରେକ୍ଷୀରେ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ବିପଦର ବନ୍ଧୁ ସାଜି ମୃତ ସନାତନଙ୍କ ପତ୍ନୀ ଗୀତାଞ୍ଜଳିଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସେହିପରି ବଟେଶ୍ୱର ଗ୍ରାମର ସ୍ୱର୍ଗତ ଚିନ୍ତାମଣି ଦାସଙ୍କ ପତ୍ନୀ ବିୟୋଗରେ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ପ୍ରଦାନ ସମୟରେ ସମିତିର ବରିଷ୍ଠ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ, ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଖଇରା ପଞ୍ଚାୟତ ସମ୍ପାଦକ ପଦ୍ମନାଭ ପଣ୍ଡା, ସଂଗଠନ ସମ୍ପାଦକ ଦୀନବନ୍ଧୁ ଦାଶ ଓ ଅଭିମନ୍ୟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ବିଶ୍ୱ କର୍କଟ ଦିବସ

## ‘ସଥଳ ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ଦ୍ୱାରା କର୍କଟ ଆରୋଗ୍ୟସାଧ୍ୟ’

**ବାଲେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ତଥା ଡିଏମ୍‌ଓ ଅମୂଲ୍ୟ କୁମାର ଦାସଙ୍କ ସଭାପତିତ୍ୱରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି । ଏନେଇ ‘ଅନନ୍ୟ ଓ ସମ୍ମିଳିତ ପ୍ରୟାସ ଉପଯୋଗରେ କର୍କଟ ରୋଗର ନିରାକରଣ’ ବିଷୟ ଉପରେ ଏକ ସଚେତନତା ସଭା ହୋଇଥିଲା । ଏଥିରେ ସହରାଞ୍ଚଳ ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ଓ ତାଲିମ୍ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଦୀପ କୁମାର କର ଯୋଗଦେଇ ସଥଳ ଚିହ୍ନଟ ଓ ସମ୍ପୂର୍ଣ୍ଣ



ଚିକିତ୍ସା ଦ୍ୱାରା କର୍କଟ ରୋଗ ଆରୋଗ୍ୟସାଧ । ଏହା ପାଇଁ ସଚେତନତା ଆବଶ୍ୟକ । ଏପରିକି ଏକ ତୃତୀୟାଂଶ କର୍କଟ ରୋଗ ଆରୋଗ୍ୟସାଧ ବୋଲି ଶ୍ରୀ କର କହିଥିଲେ । ଡ଼ାକ୍ତର ଅରୂପ ଅଭିଷେକ କହିଥିଲେ ଯେ ମଦ୍ୟପାନ କରିବା, ମେଦବହୁଳତା, ଶାରୀରିକ ପରିଶ୍ରମ ନକରିବା, ତମାଖୁ ସେବନ କରିବା ଓ କର୍ମ ପରିବେଶ ଆଦି ଉପରେ ଦୃଷ୍ଟି ଦେଲେ କର୍କଟ ରୋଗରୁ ଦୂରେଇ ରହିପାରିବା ବୋଲି କହିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ କର୍କଟ ରୋଗ ନହେବା ପାଇଁ କ’ଣ ପ୍ରତିଷେଧକ ବ୍ୟବସ୍ଥା ରହିଛି ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ଆଶାଙ୍କୁ ଗୋଷ୍ଠୀସ୍ତରରେ ଅଧିକ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ । ମୌସୁମୀ ସାମଲ ଧନ୍ୟବାଦ ଜଣାଇଥିଲେ ।

■ **ବାରିପଦା:** ବାରିପଦାରେ ବିଶ୍ୱ କର୍କଟ ଦିବସ ପାଳନ କରାଯାଇଛି । ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାରିପଦା ସହର ପରିକ୍ରମା କରି ମୁଖ, ସ୍ତନ ଓ ଜରାୟୁ କର୍କଟ ରୋଗ ସମ୍ବନ୍ଧରେ ସଚେତନ କରିଥିଲା । ତମାଖୁର ବ୍ୟବହାର ଓ ଏହାର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବା ସହିତ ନିଜ ପରିବାରବର୍ଗଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଟାଣି ନେଇଥାନ୍ତି ସେ ବିଷୟରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ । ଏହାସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା ସଭାର ମଧ୍ୟ ଆୟୋଜନ କରାଯାଇଥିଲା । ଏଥିରେ କର୍କଟ ବିଭାଗର ନୋଡାଲ୍ ଅଫିସର୍ ଡାକ୍ତର ଶାନ୍ତନୁ ଦାସ ବିଭିନ୍ନ କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଘାସିରାମ ମୁର୍ମୁ ମୁଖଗହ୍ୱର କର୍କଟର ଭୟାବହତା ବିଷୟରେ ଆଲୋକପାତ କରିଥିଲେ । ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି କିଭଳି କର୍କଟ ରୋଗର ସହଜ ଚିହ୍ନଟ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଏଥିରେ ସରକାରୀ ଏଏନ୍‌ଏମ୍ ଟିସିର ଛାତ୍ରଛାତ୍ରୀ ଓ ସିଏଚ୍‌ଓମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁଳିଅଣା, ଠାକୁରମୁଣ୍ଡା ଓ



ବଦମପହଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ, ସ୍ତନ ଓ ଜରାୟୁ କର୍କଟ ରୋଗର ଚିହ୍ନଟୀକରଣ ଲାଗି ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଅନୁଷୟ ମହନ୍ତ, ଭାରତୀ ଆରୁଖ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

■ **ତେଲକୋଇ:** ତେଲକୋଇରେ ମଦର୍ ଏନ୍‌ଜିଓ ଦ୍ୱାରା ବିଭିନ୍ନ ଜାଗାରେ କର୍କଟ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଏନ୍‌ଜିଓର କୋର୍ଡିନେଟର୍ ମିତା ବାରିକ୍ ପରିଚାଳନା କରିଥିଲେ । ଏଥିରେ ଏନ୍‌ଏମ୍ ଗୀତାଞ୍ଜଳି ମହାନ୍ତ, ଓରୀଆ ଏମ୍‌ବିକେ ମାନିନୀ ହାସଦା ଓ ଆଶା ରଜନୀ ବେହେରା ସହଯୋଗ କରିଥିଲେ । ତେଲକୋଇ ବଜାରର ବିଭିନ୍ନ ଜାଗାରେ କର୍କଟ ବିଷୟରେ ଲୋକଙ୍କୁ ବୁଝାଇଥିଲେ ।



## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

### ସରକାରୀ ସହାୟତା ଯୋଗାଇବାକୁ ଦାବି

**ସୋର,୪।୨/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ଘୋଡ଼ାସାହି ଗ୍ରାମରେ ଅଗ୍ନିକାଣ୍ଡରେ ଚାରି ବଖରା ଜଳିଯାଇଥିବା ଜଣାପଡ଼ିଛି । ବୁଧବାର ମଧ୍ୟାହ୍ନରେ ସୋର ପୌରପାଳିକା ଅନ୍ତର୍ଗତ ଘୋଡ଼ାସାହି ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଚାଳ ଘର ମରାମତି କରାଯାଉଥିବାବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବରପାଇ ସୋର ଅଗ୍ନିଶମ ବିଭାଗ କର୍ମଚାରୀମାନେ ୨ଟି ଦମକଳ ସହ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ଚାରି ବଖରା ସମେତ ଆସବାବପତ୍ର ପୋଡ଼ିଜଳି ପାଉଁଶ ହୋଇଯାଇଥିଲା । ରାମଚନ୍ଦ୍ର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ ।



### କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ତାଲିକା ଜାରି

## ଟିପିଏନ୍‌ଓଡିଏଲ୍ ଶ୍ରେଷ୍ଠ ବିଦ୍ୟୁତ୍ ବିତରକ ସଂସ୍ଥା



**ବାଲେଶ୍ୱର,୪।୨/ଏନ୍‌ଏନ୍‌ଏସ୍:** ଜାତୀୟସ୍ତରରେ ଏକ ଉତ୍କର୍ଷ ବିଦ୍ୟୁତ୍ ବିତରଣ ସଂସ୍ଥା ଭାବେ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡ଼ିଏଲ) ସ୍ଥାନିତ ହୋଇଛି । କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଂ ରିପୋର୍ଟରେ ସାରା ଦେଶରେ ନବମ ଏବଂ ରାଜ୍ୟରେ ପ୍ରଥମ ସ୍ଥାନ ଦଖଲ କରିଛି । ୫୪ଟି ବିଦ୍ୟୁତ୍ ବିତରଣ ସଂସ୍ଥା ମଧ୍ୟରୁ ଟିପିଏନ୍‌ଓଡିଏଲ୍ ସମ୍ମାନଜନକ ଏ+ ମୂଲ୍ୟାଙ୍କ ହାସଲ କରିଛି । ଓଡ଼ିଶାରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଦ୍ୟୁତ୍ ଆବଣ୍ଟନ ଦାୟିତ୍ୱ ନେଇଥିବା ଟିପିଏନ୍‌ଓଡିଏଲ୍ ଏଥିରେ ୯୪.୭୭ ସ୍କୋର୍ ହାସଲ କରିଛି । ଟିପିଏନ୍‌ଓଡିଏଲ୍ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ସହ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଂଗଠିତ କରିଛି । ସମନ୍ୱିତ ବାଣିଜ୍ୟିକ ଓ ସଞ୍ଚାରଣ (ଏଟିଏଣ୍ଡସି) କ୍ଷତି ୨୫.୧୭ ପ୍ରତିଶତରୁ ୧୨.୬୪ ପ୍ରତିଶତରେ ପହଞ୍ଚି ଥିବାବେଳେ ୫,୫୦୦ ସର୍କିଟ୍ କିମିରୁ ଅଧିକ ନୂଆ ୧୧କେଭି ଲାଇନ୍ ସଂଯୁକ୍ତ ହୋଇଛି । ଉପଭୋକ୍ତାଙ୍କ ସଂଖ୍ୟା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୦ହଜାର ୭ଶହରୁ ଅଧିକ ବିତରଣ ଟ୍ରାନ୍ସଫର୍ମର୍ ଓ ୭୮ଟି ନୂଆ ପିଟିଆର୍ ସ୍ଥାପନ କରାଯାଇଛି । ଏହାସହ ଅତ୍ୟାଧୁନିକ ପାୱାର୍ ସିଷ୍ଟମ୍ କଣ୍ଟ୍ରୋଲ୍ ସେଣ୍ଟର୍(ପିଏସସିସି) ‘ସ୍କାଡା’ ଦ୍ୱାରା ପିଏସ୍‌ଏସ୍ ଗ୍ରୀଡ୍ ଗୁଡ଼ିକ ସଞ୍ଚାଳିତ ହେଉଥିବାବେଳେ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନୀକରଣ କରାଯିବା ସହ ବୈଷୟିକ ତ୍ରୁଟି ସଜାଡ଼ିବା ପ୍ରକ୍ରିୟା ସହଜ ଓ ସରଳ ହୋଇଛି । ଉଲ୍ଲେଖନୀୟ ବିଷୟ ହେଲା ପୂର୍ବରୁ ବିପଦଜନକ ସ୍ଥିତିରେ ଥିବା ବିଦ୍ୟୁତ୍ ସବ୍-ଷ୍ଟେସନ୍ ଓ ଟ୍ରାନ୍ସଫର୍ମର୍ ଗୁଡ଼ିକର ଏବେ ରୂପାନ୍ତରଣ ହୋଇଛି । ୧୧ କେଭିଠାରୁ ଆରମ୍ଭ କରି ଏଲ୍‌ଟି ତଥା ୩୩ କେଭି ପର୍ଯ୍ୟନ୍ତ ବିଦ୍ୟୁତ୍ ତାର ଓ ଖୁଣ୍ଟ ଗୁଡ଼ିକ ଆଦି ଭିତ୍ତିଭୂମି କ୍ରମଶଃ ସଶକ୍ତ ହେବାରେ ଲାଗିଛି । ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମରଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରୁଛନ୍ତି । ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି । ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି । ଓଡ଼ିଶାରେ ବିଦ୍ୟୁତ୍ ସଂସ୍କାର କ୍ଷେତ୍ରରେ ଏହା ଏକ ଉଦାହରଣ ସୃଷ୍ଟି କରିଛି । ତେବେ ଏ ସମ୍ପର୍କରେ ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି ଯେ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଗୁଣାତ୍ମକ ସେବା ଓ ନିରାପତ୍ତା କ୍ଷେତ୍ରରେ ଅନେକ ସଂସ୍କାର ଆସିଛି ଏବଂ ରୂପାନ୍ତରଣର ଧାରା ମଧ୍ୟ ଜାରି ରହିଛି । କର୍ମଚାରୀଙ୍କ ନିଷ୍ଠାପରତା, ଉପଭୋକ୍ତାଙ୍କ ଆମ ଉପରେ ଆସ୍ଥା ସର୍ବୋପରି ସରକାର ତଥା ଜନସାଧାରଙ୍କ ସହଯୋଗ ଯୋଗୁ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଂରେ ଟିପିଏନ୍‌ଓଡିଏଲ୍ ଉତ୍କର୍ଷତା ପ୍ରତିପାଦନ କରିଥିବା ସେ ଦର୍ଶାଇଛନ୍ତି ।

## ଲିପିପୁଷ୍ପା ଫକୀରମୋହନ ବିଶ୍ୱବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ୍

**ତିହିଡ଼ି,୪।୨/ଏନ୍‌ଏନ୍‌ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟସ୍ତରରେ ଲିପିପୁଷ୍ପା ଗୁଇଁ ବିଜ୍ଞାନ ଓ ଗଣିତ ବିଭାଗରେ ଶ୍ରେଷ୍ଠତା ହାସଲ କରି ‘ବେଷ୍ଟ ଗ୍ରାଜୁଏଟ୍’, ‘ଶ୍ରେଷ୍ଠ ମହିଳା ସ୍ନାତକ’, ‘ବେଷ୍ଟ ଗ୍ରାଜୁଏଟ ଇନ୍ ସାଇନସ୍ ଏଣ୍ଡ ମେଥ୍ ଷ୍ଟ୍ରିମ୍’ ଓ ଶ୍ରେଷ୍ଠ ବିଜ୍ଞାନ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି । ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ସେ ୪ଟି ପ୍ରମାଣପତ୍ର ସହ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି । ଲିପିପୁଷ୍ପାଙ୍କ ଭଳି ଜଣେ ପ୍ରତିଭାବାନ ଛାତ୍ରୀଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବା ସମଗ୍ର ତିହିଡ଼ିବାସୀଙ୍କ ପାଇଁ ଗର୍ବର ବିଷୟ ହୋଇଥିବାବେଳେ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ସେ ପ୍ରେରଣାର ଉତ୍ସ ସାଜିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ମାଆ ତନୁଜା ଗୁଇଁ, ବାପା ମନୋଜ ଗୁଇଁ, କକା ସୁଶାନ୍ତ କୁମାର ଗୁଇଁଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ପରିବାରର ଆଶୀର୍ବାଦ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ମାର୍ଗଦର୍ଶନ ତାଙ୍କୁ ସଫଳ ହେବାରେ ସହାୟକ ହୋଇଛି ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏହି ସଫଳତା ପାଇବା ପରେ ତିହିଡ଼ି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ଲିପିପୁଷ୍ପାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।



## ରାଜ୍ୟସ୍ତରୀୟ ରଚନା ପ୍ରତିଯୋଗିତାରେ ସନିତା ସିଂ ଦ୍ୱିତୀୟ

**ବାରିପଦା,୪।୨/ଏନ୍‌ଏନ୍‌ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ଓଡ଼ିଆ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାରିପଦାସ୍ଥିତ ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଗାଇଡ୍ ଶିକ୍ଷକ ମନୋଜ କୁମାର ପରିଡ଼ାଙ୍କ ନେତୃତ୍ୱରେ ଦଶମ ଶ୍ରେଣୀର ଛାତ୍ରୀ ସନିତା ସିଂ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । କଟକସ୍ଥିତ ପିଏମ୍‌ଶ୍ରୀ ରେଭେନ୍ସା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସନିତାଙ୍କୁ ମଧୁସୂଦନ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି ।



## ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

**ରଙ୍ଗେଇଲୁଣ୍ଡା,୪।୨/ଏନ୍‌ଏନ୍‌ଏସ୍:** ଚିକିଟି ନିର୍ବାଚନ ମଣ୍ଡଳୀର ହୃତ ଗୌରବକୁ ଫେରେଇ ଆଣିବା ପାଇଁ ମହାଆଡମ୍ବରରେ ଆରମ୍ଭ ହୋଇଛି ସୁନାପୁର ବେଳାଭୂମି ମହୋତ୍ସବ। ଉଦ୍‌ଘାଟନୀ ସଭାରେ ରାଜ୍ୟ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଞ୍ଚମାତୃକାଙ୍କୁ ପ୍ରମାଣ ଜଣାଇବା ସହ ସୁନାପୁର ସମେତ ଗଞ୍ଜାମ ଜିଲ୍ଲାର ବେଳାଭୂମି ଗୁଡିକର ସୌନ୍ଦର୍ଯ୍ୟ ତାଙ୍କୁ ବାଲ୍ୟକାଳରୁ ଆଜି ପର୍ଯ୍ୟନ୍ତ ଅଭିଭୂତ କରି ଆସିଛି ବୋଲି କହିଥିଲେ। କଳା ଓ ସଂସ୍କୃତି ସମ୍ପନ୍ନ ଗଞ୍ଜାମ ମାଟିକୁ ଆସିଲେ ବହୁତ ଗର୍ବ ଅନୁଭବ ହୁଏ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ। ଏ ବର୍ଷର କେନ୍ଦ୍ର ବଜେଟରେ ଓଡିଶାର ବେଳାଭୂମିର ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ ଦିଆଯାଇଛି। ଗଞ୍ଜାମରେ ପ୍ରାୟ ୧୦୦ କିମିରୁ ଊର୍ଦ୍ଧ୍ୱ ବେଳାଭୂମି ରହିଛି। ତେଣୁ, ଇକୋ ଟୁରିଜିମ ସହିତ ମେଡିକାଲ ଟୁରିଜିୟମକୁ ପ୍ରାଧାନ୍ୟ ଦେବା ସହ ଆମକୁ ଆମ ଲୋକ କଳା ଓ ଲୋକ ସଂଗୀତକୁ ଯଥେଷ୍ଟ ଭଲ ପାଇବା ଦେବାକୁ ପଡିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ । ଗଞ୍ଜାମ ତଥା ଚିକିଟିବାସୀଙ୍କ ଲୁକାୟିତ ପ୍ରତିଭାର ପରିପ୍ରକାଶ ପାଇଁ ତଥା ସ୍ଥାନୀୟ କଳା ଓ ସଂସ୍କୃତିର ସମୃଦ୍ଧି ପାଇଁ ସୋନପୁର ବେଳାଭୂମି ଏକ ପ୍ରକୃଷ୍ଟ ମଞ୍ଚ। ସ୍ଥାନୀୟ ଅଞ୍ଚଳବାସୀ ଓ ଅନ୍ୟ ସମସ୍ତ ଅଂଶୀଦାରଙ୍କ ସହଯୋଗରେ ଏହି ମଞ୍ଚକୁ ଏକ ଅନ୍ତର୍ଜାତୀୟ ମଞ୍ଚରେ ପରିଣତ କରିବା ତାଙ୍କର ସ୍ୱପ୍ନ ବୋଲି ଚିକିଟି ବିଧାୟକ ତଥା ମହୋତ୍ସବର ସଭାପତି ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଲ୍ଲେଖ କରିଥିଲେ। ମହୋତ୍ସବରେ ଦିଗପହଣ୍ଡି ବିଧାୟକ ତଥା ସିନେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସାଂସଦଙ୍କ ପ୍ରତିନିଧି ମିନା ଦ୍ୟାନ ସାମନ୍ତରା, ଶାସକ ଦଳର ପ୍ରବକ୍ତା ମନୋଜ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ୱାଗତ ଭାଷଣ ଦେଇ ସୁନାପୁର ବ୍ଲୁ ଫ୍ଲାଗ ବେଳାଭୂମିର ମାନ୍ୟତା, ଗଞ୍ଜାମର ସମୃଦ୍ଧ କଳା ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରହ୍ମପୁର ମହାନିଗମର ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଧନ୍ୟବାଦ ଦେଇଥିଲେ। ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଅଧ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ ଦଳର ପାରମ୍ପରିକ ଲୋକ ନୃତ୍ୟ ତଥା ଆଧୁନିକ ନୃତ୍ୟ ତା ସହିତ ଓଡିଶାର ସୁପରିଚିତ ଗାୟିକା ଅସୀମା ପଣ୍ଡାଙ୍କ ସଂଗୀତ ଜନସାଧାରଣଙ୍କୁ ବିମୋହିତ କରିଥିଲା।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ



**ବ୍ରହ୍ମପୁର,୪।୨/ଏନ୍‌ଏନ୍‌ଏସ୍:** ଓଡ଼ିଆ ସ୍ୱାଭିମାନର ପ୍ରତୀକ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ ତମ ତିରୋଧାନ ଦିବସ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀନଗର ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମଞ୍ଚ ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ସମାଜସେବୀକା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କୁନି କୁମାରୀ ଦେବୀ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଜାତୀୟ ଆନ୍ଦୋଳନର ଅଗ୍ରଣୀ ପୁରୋଧା ଥିଲେ ବୋଲି ବକ୍ତାମାନେ କହିଥିଲେ। ସେ ଓଡ଼ିଆ ଭାଷା, ସଂସ୍କୃତି ଓ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପାଇଁ ଅବିରତ ସଂଘର୍ଷ କରିଥିଲେ। ଉତ୍କଳ ସମ୍ମିଳନୀ ଗଠନ କରି ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଦାବିକୁ ସଂଗଠିତ ରୂପ ଦେଇଥିଲେ। ଓଡ଼ିଆ ଭାଷାର ସ୍ୱାଭିମାନ ଓ ଅଧିକାର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସମାଜସେବୀ ମନୋଜ କୁମାର ତରାଇ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ, ଚାଷୀ ନେତା ବୃନ୍ଦାବନ ଖଟେଇ, ଶିକ୍ଷକ ସଂଗଠନ ନେତା ଅଶୋକ କୁମାର ଦଳାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅର୍ଚ୍ଚନା ପଣ୍ଡା, ଆୟାଂଶ ଅରିଜିତ ପାଣିଗ୍ରାହୀ, ଆଇନଜୀବୀ ରାଜେନ୍ଦ୍ର ଦାସ, ଦିନବନ୍ଧୁ ଶ୍ରୀପଲ୍ଲଭ ପ୍ରମୁଖ ଉପସ୍ଥିତ ଥିଲେ।

## କୁମାରପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଶେରଗଡ,୪।୨/ଏନ୍‌ଏନ୍‌ଏସ୍:** ଶେରଗଡ ବ୍ଲକ କୁମାରପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପରିଛାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସରପଞ୍ଚ ଉଦୟ ନାଥ ପ୍ରଧାନ, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, କାହ୍ନୁ ଚରଣ ପଟ୍ଟନାୟକ, ପ୍ରଧାନଶିକ୍ଷକ ଦଣ୍ଡପାଣି ପ୍ରଧାନ, ଭାସ୍କର ଚନ୍ଦ୍ର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରାମ୍ୟ କମିଟି ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ‘ମିଳିମିଶି ସଚେତନ କଲେ କର୍କଟ ମୁକ୍ତ ଭାରତ ଗଠନ ସମ୍ଭବ’




**ବ୍ରହ୍ମପୁର,୪।୨/ଏନ୍‌ଏନ୍‌ଏସ୍:** ବିଶ୍ୱ କର୍କଟ ଦିବସ ଅବସରରେ ‘ମିଳିମିଶି ସଚେତନ କଲେ, କର୍କଟ ମୁକ୍ତ ଭାରତ ଗଠନ ସମ୍ଭବ’ ବୋଲି ବାର୍ତ୍ତା ଦେଇ ଏକ ସଚେତନତା କାର୍ଯ୍ୟକ୍ରମ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ବ୍ରହ୍ମପୁର ନିକଟସ୍ଥ ଶୀତଳାପଲ୍ଲୀ ସ୍ଥିତ ସମ୍ ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼. ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଶୀତଳାପଲ୍ଲି ସମ୍ ହସପିଟାଲର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଆଯୋଧ୍ୟାନାଥ ପାଢୀ, ଆସିଷ୍ଟାଣ୍ଟ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରୀୟଜିତ୍ ପାଣିଗ୍ରାହୀ, ମେଡ଼ିକାଲ ଓଙ୍କୋଲଜୀ ଡାକ୍ତର ଶିବଶଙ୍କର ମହାପାତ୍ର, ସର୍ଜିକଲ୍ ଓଙ୍କୋଲଜୀ ଡାକ୍ତର ସାଇ ରୁଦ୍ର ପୂହାନ, ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାଶ, କ୍ରାନ୍ତି ଅନୁଷ୍ଠାନର ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ ଓ ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର ସାବତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କରିଥିଲେ। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ସଭା ଓ ପଦଯାତ୍ରାରେ ବହୁ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। କର୍କଟ ରୋଗ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଠିକ୍ ସଚେତନ ନଥିବାରୁ, ଏହି ରୋଗରେ ପୀଡିତମାନେ ମୃତ୍ୟୁ ସୁନିଶ୍ଚିତ ବୋଲି ଭାବି ନିଅନ୍ତି । ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। କର୍କଟ ରୋଗର ଚିକିତ୍ସା ବର୍ତ୍ତମାନ ସମୟରେ ଅତ୍ୟନ୍ତ ସହଜ ଓ ଉପଯୁକ୍ତ ଚିକିତ୍ସା ମିଳିଲେ ଏଥିରୁ ରୋଗୀ ବଞ୍ଚିପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ଶପଥ କରାଇ ତମାଖୁ ଛାଡ଼ନ୍ତୁ ଜୀବନ ବାଛନ୍ତୁ ଏହି ମନ୍ତ୍ର ସଂକଳ୍ପ କରାଯାଇଥିଲା। ସଚେତନତା ପଦଯାତ୍ରାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀମାନଙ୍କ ସହ ସାମନ୍ତରାୟ ଏକାଡେମୀ, ଆର୍ଯ୍ୟନ ଗୁରୁକୁଳ ରେସିଡେଣ୍ଟ ମହାବିଦ୍ୟାଳୟ, କେ.ସି. ପବ୍ଲିକ ସ୍କୁଲ, ସରକାରୀ ଆଇଟିଆଇ ବ୍ରହ୍ମପୁର, ଗିରିରୋଡ ବାଳିକା ବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ଏସଏସଭିଏମ ରାମହରିନଗର, ଖଲ୍ଲିକୋଟ ଏକକ ବିଶ୍ୱିଦ୍ୟାଳୟ, ସେଣ୍ଟ ଜାଭିୟର୍ସ ସ୍କୁଲ, ସିଦ୍ଧ ଭୈରବୀ ହାୟର ସେକେଣ୍ଡାରୀ ସ୍କୁଲ, ବ୍ରହ୍ମପୁର ପୋଲିସ ବାହିନୀ ଓ ସମ୍ ହସପିଟାଲ ନର୍ସିଂ ଷ୍ଟାଫର କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ।

## ଆସିକା ସୁଗର ଟାଉନ୍ ଜେସିସ୍‌ର ୨୨ତମ ଅଧିଷ୍ଠାନ ଉତ୍ସବ




**ଆସିକା,୪।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଲାୟନ୍ସ କମ୍ୟୁନିଟି ହଲ୍ ପରିସରରେ ଆସିକା ସୁଗର ଟାଉନ୍ ଜେସିସ୍‌ର ୨୨ତମ ଅଧିଷ୍ଠାନ ଦିବସ ପୂର୍ବତନ ସଭାପତି ଜେସି ବି.ଶିବଶଙ୍କର ପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଯୁବପିଢୀମାନେ ଆଗକୁ ଆସି ସମାଜର କଲ୍ୟାଣ ଓ ଉନ୍ନତି କରିବା ସହିତ ନିଜର ବ୍ୟକ୍ତିତ୍ୱର ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଆସିକା ସୁଗରଟାଉନ୍ ଜେସିସ୍ ବର୍ଷ ତମାମ କାର୍ଯ୍ୟକାରୀ କରୁଥିବା ବହୁବିଧ ଜନସଚେତନତା ତଥା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଭୂୟସୀ ପ୍ରଶଂସା କରିଥିଲେ। ଆଗାମୀ ଏକବର୍ଷ ପାଇଁ ଜେସି ଜଗନ୍ନାଥ ପଢିଆରୀଙ୍କୁ ଆସିକା ସୁଗର ଟାଉନ୍ ଜେସିର ନୂତନ ସଭାପତି, ସଂପାଦକ ରୂପେ ଜେସି କାର୍ତ୍ତିକ ପାତ୍ର, କୋଷାଧ୍ୟକ୍ଷ ରୂପେ ଜେସି ଏସ.ସତ୍ୟନାରାୟଣ ପାତ୍ରଙ୍କୁ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସଦସ୍ୟ କିରଣ କୁମାର ପାଢୀ, ସନ୍ତୋଷ କୁମାର ନାୟକ, ସୁବୋଧ ରଂଜନ ନାହାକ, ସୁରେଶ ପାତ୍ର, ଏ.ଶିବଶଙ୍କର ପାତ୍ର, ୟୁ.ସଂଜୟ କୁମାର ପାତ୍ର, ଗୌରବ ପାତ୍ର, ଜିତେନ୍ଦ୍ର କୁମାତ୍ର ପାତ୍ର, ବସନ୍ତ ଭଂଜ, ରାଜା ପାତ୍ର, ଅନିଲ୍ କୁମାର ପୃଷ୍ଟି, ଶୁଭମ୍ ପାତ୍ର, କେ.ସତ୍ୟନାରାୟଣ ପାତ୍ର, ସୋମଦେବ ପାତ୍ର, ସୁନିଲ୍ ମହାନ୍ତି, ଟି.ରୋଶନ୍ ପାତ୍ର, ପ୍ରତୀକ୍ ଆଚାରୀ, ପ୍ରଦୀପ କୁମାର ପାତ୍ର, ଭାଗ୍ୟଶ୍ରୀ ପାତ୍ର, ରଂଜିତା ନାୟକ, ସାଇଶ୍ୱରୀ ପାତ୍ର, ରୂପଶ୍ରୀ ପୃଷ୍ଟି, ସୁସ୍ମିତା ପାତ୍ର, ସସ୍ମିତା ପାଢୀ, ପବିତ୍ରା ପାତ୍ର, ଲିପ୍ସା ପାତ୍ର, ହୃଷି ପଢିଆରୀଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ଆସିକା ସୁଗରଟାଉନ ଜେସିସ୍‌ର ପୂର୍ବତନ ସଭାପତି ଅନିଲ୍ କୁମାର ପୃଷ୍ଟି, କିରଣ କୁମାର ପାଢୀ, ପି.ଗୌରବ ପାତ୍ର, ସୁରେଶ କୁମାର ପାତ୍ର, ଜିତେନ୍ଦ୍ର ପାତ୍ର, ୟୁ.ସଂଜୟ କୁମାର ପାତ୍ର, ସନ୍ତୋଷ କୁମାର ପାତ୍ର, ସୁବୋଧ ରଂଜନ ନାହାକ, ଏ.ଶିବଶଙ୍କର ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିଷ୍ଠାନ ଅଧିକାରୀ ରୂପେ ଜୋନ୍-୨୭ର ଜେଏଫ୍‌ପିସିଏ ସଭାପତି ପ୍ରଣବ ଲାଠ୍ ଓ ଉପସଭାପତି ଜେସି ସେନ୍ ମହେଶ୍ ଅଗ୍ରୱାଲ୍ ଯୋଗଦେଇ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଶପଥପାଠ କରାଯାଇଥିଲା।

## ବିଜେଡି ଘରଭଙ୍ଗା ତଦନ୍ତ କମିଟିର ସଚେତନତା କାର୍ଯ୍ୟକ୍ରମ

**ଫୁଲବାଣୀ,୪।୨/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ଘରଭଙ୍ଗା ତଦନ୍ତ କମିଟିର ଅଧ୍ୟକ୍ଷ ଆଇନଜୀବୀ ପ୍ରତାପ ପାତ୍ରଙ୍କ ନେତୃତ୍ୱରେ ଆଜି ପୌରରିଷଦର ତିନି ନମ୍ବର ୱାର୍ଡରେ ଆଇନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଜବରଦଖଲ କରି ଦୀର୍ଘ ବର୍ଷ ଧରି ବସ ବାସ କରି ରହି ଆସୁଥିବା ଜନସାଧାରଣଙ୍କ ନ୍ୟାର୍ଯ୍ୟ ଦାବି ବିଷୟରେ ଆଲୋଚନା କରିଥଲେ । ବିଜୁ ଜନତା ଦଳ ସରକାର ଜନସାଧାରଣଙ୍କୁ ଶାନ୍ତିରେ ବସବାସ କରିବାକୁ ଦେଇ ଜବର ଦଖଲ କରି ରହି ଆସୁଥିବା ଜନସାଧାରଣଙ୍କୁ ପଟା ଦେଉଥିଲେ। ପର୍ଯ୍ୟାୟକ୍ରମେ ତାହା ପୂରଣ କରିବାକୁ



ପ୍ରତିଶ୍ରୁତି ବଦ୍ଧ ଥିଲେ। ହେଲେ ବିଜେପି ସରକାର ଘର ଭଙ୍ଗାଯିବାକୁ ନୋଟିସ୍ ହେଇଛି ଯାହାଫଳରେ ବିଜୁ ଜନତାଦଳ ପକ୍ଷରୁ ଜନସାଧାରଣଙ୍କ ଦୁଃଖ ବେଳେ ଥିଲା ଓ ଅଛି ବୋଲି ଦଳ ପକ୍ଷରୁ କୁହା ଯାଇଥିଲା । ନୋଟିସ୍‌ର ଜବାବ୍ ଆଇନ ଅନୁଯାୟୀ ଦଳର ଆଇନ ପରାମର୍ଶ ଦିଆଯିବ ଏଥିପାଇଁ ଦଳ ଏକ ସଚେତନତା ପାଇଁ ପ୍ରଚାର ପତ୍ର ମାଧ୍ୟମ ରେ କୁହାଯାଇଛ। ଏମିତି ପ୍ରତ୍ୟେକ ୱାର୍ଡ, ବସ୍ତି ବାସିନ୍ଦାଙ୍କ ନିକଟକୁ ଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ଅବିଦା ମହାନ୍ତି, ପ୍ରକାଶ ସାହୁ, ଅନ୍ତର୍ଯ୍ୟାମି ବେହେରା, ଅମୀୟ ନାୟକ, ନାରୀ ନେତ୍ରୀ ସାବିତ୍ରୀସେଠୀ, ସତ୍ୟଭାମା ନାୟକ, ମିଳନ ନାୟକ ଓ ବିଜୁ ଜନତା ଦଳ କନ୍ଧମାଳ ଜିଲ୍ଲା ସଧାରଣ ସମ୍ପାଦକ ସତ୍ୟ ନାରାୟଣ ବେହେରା, ସଂପାଦକ କ୍ଷୀରୋଦ କୁମାର ସାହାଣୀ ଉପସ୍ଥିତ ଥିଲେ।

## ଟେକ୍‌ନିକାଲ୍ ହାଇସ୍କୁଲ୍‌ର ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆସିକା,୪।୨/ଏନ୍‌ଏନ୍‌ଏସ୍:** ଆସିକା ବ୍ଲକ କଲେଜ ଛକସ୍ଥିତ ସରକାରୀ ଟେକନିକାଲ୍ ହାଇସ୍କୁଲର ଦଶମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଦେବାକୁ ଥିବା ବେଳେ ଏହି ଅବସରରେ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସରକାରୀ ଟେକନିକାଲ୍ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା, ସହକାରୀ ଶିକ୍ଷକ ରାମଚନ୍ଦ୍ର ପ୍ରଧାନ, କୈଳାଶ ଗୌଡ, ଲକ୍ଷ୍ମୀ ଜେନା, ଦେବାଶିଷ୍ ପାଣିଗ୍ରାହୀ, ସର୍ମିଷ୍ଠା ସାହୁ, ଗାୟତ୍ରୀ ବେହେରା, ସୁମିତ୍ରା କାର୍ଜି, ରୁଚି ନାହାକ, ଇପ୍ସିତା ମଲିକ, ମିତାଞ୍ଜଳୀ ପଣ୍ଡା, ଭଗବାନ ସ୍ୱାଇଁ, ବଳରାମ ବେହେରା, ରାହୁଲ ପଟ୍ଟନାୟକ, ସୁଭାଶିଷ୍ ନାହାକ, ସିଦ୍ଧାନ୍ତ ସେଠୀ, କିରାଣୀ ଅନିଲ୍ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହେବା ସହ ଶିକ୍ଷାନୁଷ୍ଠାନର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ବିଦ୍ୟାର୍ଥୀ ଭକ୍ତ ପ୍ରସାଦ ମହାନ୍ତି, ରୂପାଲୀ ଭଂଜ, ରାମେଶ୍ୱରୀ ନାହାକ, ଜି.ସ୍ୱାତୀ ପାତ୍ର ପ୍ରମୁଖ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା ଓ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସଦାସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ପ୍ରାଚୀ ଗୌଡ, ରୁଦ୍ରପ୍ରସାଦ ମହାନ୍ତି, ସ୍ୱର୍ଣ୍ଣପ୍ରଭା ମହାନ୍ତି, ବିରାଜି ଗମାଙ୍ଗୋ, ମନୋନୀତା ଗମାଙ୍ଗୋ, ପାୟଲ୍ ବେହେରା, ଆୟୁଷ୍ ବାହାଦୁର, ବିଭୁପ୍ରସାଦ ମହାନ୍ତି, ସୋନାଲି ରଣା, ଏ.ମାମାଲି ପାତ୍ର, ଆଦ୍ୟାଶା ମହାରଣା, ସ୍ୱର୍ଣ୍ଣମଂଜରୀ ବେହେରା, ଦୀପକ ଶବରଙ୍କ ସମେତ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।



## ଦୁର୍ଘଟଣା ରୋକିବାକୁ ଟିମ୍ ହେଲ୍‌ପିଂ ହ୍ୟାଣ୍ଡ୍‌ର ପ୍ରୟାସ

**ଆସିକା,୪।୨/ଏନ୍‌ଏନ୍‌ଏସ୍:** ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ସଡକ ଦୁର୍ଘଟଣା ହ୍ରାସ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ରୋକିବା ପାଇଁ ଆସିକା ବ୍ଲକ ଅନ୍ତର୍ଗତ ଦେବଭୂମୀ ଗ୍ରାମ ସ୍ଥିତ ଟିମ୍ ହେଲପିଂ ହ୍ୟାଣ୍ଡ ପକ୍ଷରୁ ନିଆରା ପ୍ରୟାସ ଆରମ୍ଭ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ବି.ଶ୍ରୀକାନ୍ତ ପାତ୍ରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଅମର ପ୍ରସାଦ ମୁନି, ଓମ୍ ନାରାୟଣ ନାୟକ, କର୍ଣ୍ଣ ସ୍ୱାଇଁ, ଅର୍ଜୁନ ସ୍ୱାଇଁ, ଭୀମ ପ୍ରଧାନ, ଅରବିନ୍ଦ ମଣ୍ଡଳ, ସୁଦାମ ନାୟକ, ନାରାୟଣ ପାତ୍ର, ବାବୁ ମହାରଣା, ରାଜୀବ ସେଠୀ, ଧିରେନ୍ ଗୌଡ, ୟସମନ୍ତ ନାୟକଙ୍କ ସମେତ ବହୁ ସମାଜସେବୀ ଭୋର ୩ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଆସିକା ଦେବଭୂମୀ ଗ୍ରାମ ଛକରେ ଉପସ୍ଥିତ ରହି



ବ୍ରହ୍ମପୁର, ଭୁବନେଶ୍ୱର, ନୟାଗଡ, ଫୁଲବାଣୀ ଅଭିମୁଖେ ଯାଉଥିବା ଭାରିଯାନ ଓ ଅଟୋଚାଳକମାନଙ୍କୁ ମାଗଣାରେ ଚାହା ପିଆଇ ସେମାନଙ୍କ ମୁହଁକୁ ବିଶୁଦ୍ଧ ପାଣିରେ ଧୋଇବା ଲାଗି ପରାମର୍ଶ ଦେଇଥିଲେ। ରାତ୍ରରେ ଅଧିକାଂଶ ଭାରିଯାନ ଡ୍ରାଇଭରମାନେ ରାତି ଅନିଦ୍ରା ହୋଇ ଅବିଶ୍ରାନ୍ତ ଭାବେ ଗାଡି ଚଳାଉଛନ୍ତି । ଯେଉଁଥି ପାଇଁ ଅଧିକାଂଶ ଗାଡି ଚାଳକଙ୍କ ଆଖି ରାସ୍ତରେ ଲାଗିଯିବା ସହ ସଡକ ଦୁର୍ଘଟଣାର ଯଥେଷ୍ଟ ସମ୍ଭାବନା ରହିଛି । ଏହାକୁ ରୋକିବା ଲାଗି ଟିମ୍ ହେଲପିଂ ହ୍ୟାଣ୍ଡର ଅଭିନବ ପ୍ରୟାସକୁ ସଚେତନ ନାଗରିକ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଅତୀତରେ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ମାଗଣା ଚକ୍ଷୁ ଚିକତ୍ସା ଶିବିର, ମାଗଣା ମଧୁମେହ ଓ ରକ୍ତ ପରୀକ୍ଷା ଶିବିର, ପରିବେଶର ସୁରକ୍ଷା ଲାଗି ଚାରାରୋପଣ, ଗରୀବ ଓ ଅସହାୟଙ୍କୁ ଖାଦ୍ୟ ବଣ୍ଟନ ସମେତ ବହୁବିଧ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରାଯାଇଛି।

## ସହରରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନ

# ୧୬ ଦିନରେ ୨୬୭ କୁକୁରଙ୍କ ସଫଳ ବନ୍ଧ୍ୟାକରଣ ଅସ୍ତ୍ରୋପଚାର



**ବ୍ରହ୍ମପୁର,୪।୨/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ସହରରେ ବୁଲା କୁକୁର ସମସ୍ୟାକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ଆଶଙ୍କା ଓ ଅସନ୍ତୋଷ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଥିବା ବୁଲା କୁକୁର ବଂଶ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏବିସି ପ୍ରୋଗ୍ରାମ) ସହରବାସୀଙ୍କ ମନରେ ଆଶ୍ୱସ୍ତି ଆଣିଛି। ଗତ ଜାନୁଆରୀ ୧୬ ତାରିଖରୁ ମେୟର ସଂଘମିତ୍ରା ଦଳେଇ ଓ ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ଗତ ୧୬ ଦିନ ମଧ୍ୟରେ ସମୁଦାୟ ୨୮୪ଟି ବୁଲା କୁକୁରକୁ ଧରାଯାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୧୧୧ଟି ମାଈ ଓ ୧୫୬ଟି ପୁରୁଷଙ୍କୁ ମିଶାଇ ମୋଟ ୨୬୭ଟି କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ ହୋଇଛି। ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପରେ ଅପସାରଣ କରାଯାଇଥିବା ପୁନରୁତ୍ପାଦନ ଅଙ୍ଗଗୁଡ଼ିକର ସଠିକ୍ ଯାଞ୍ଚ ଓ ନିୟମାନୁସାରେ ବିନାଶ ପାଇଁ ଅଙ୍ଗ ଯାଞ୍ଚ ଓ ଅଙ୍ଗ ବିନାଶ କମିଟି ଗଠନ କରାଯାଇଥିଲା। କମିଟିର ଅଧ୍ୟକ୍ଷ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସ ଥିବା ବେଳେ ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା ଓ ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସଦସ୍ୟମାନଙ୍କ ଉପସ୍ଥିତିରେ ଯାଞ୍ଚ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପରେ ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି। ଦୈନିକ ୨୦ରୁ ୨୫ଟି କୁକୁରଙ୍କୁ ଧରି ବନ୍ଧ୍ୟାକରଣ ସହ ଜଳାତଙ୍କ (ରେବିଜ୍) ଓ ଅନ୍ୟାନ୍ୟ ରୋଗ ପ୍ରତିରୋଧ ପାଇଁ ଟିକାକରଣ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ସହରର ୪୨ଟି ୱାର୍ଡ ମଧ୍ୟରୁ ୧୫ଟି ୱାର୍ଡରେ ଏହି ଅଭିଯାନ ଚାଲିଥିବା ବେଳେ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ବଜାର ଓ ଭିଡ଼ଭାଡ଼ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି। ବେଙ୍ଗାଲୁରୁସ୍ଥିତ ଏନିମାଲ ୱେଲଫେୟାର ଅର୍ଗାନାଇଜେସନ୍ (ଆଶ୍ରା) ନାମକ ଘରୋଇ ସଂସ୍ଥା ସହ ବିଇଏମ୍‌ସି ଚୁକ୍ତି କରି ସହରରେ ଥିବା ପ୍ରାୟ ୧୧ ହଜାରରୁ ଅଧିକ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ଲକ୍ଷ୍ୟ ରଖାଯାଇଛି।

ପ୍ରତିମାସରେ ପାଖାପାଖି ୫ ଶହରୁ ୬ ଶହ କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅସ୍ତ୍ରୋପଚାର ପରେ କୁକୁରଙ୍କ କାନରେ ସ୍ୱତନ୍ତ୍ର ଚିହ୍ନ ଦିଆଯାଇ ୩ ଦିନ ପରେ ସେମାନଙ୍କୁ ପୁଣି ନିଜ ନିଜ ଅଞ୍ଚଳରେ ଛାଡ଼ି ଦିଆଯାଉଥିବା ଜଣାପଡିଛି।

## ୬ରୁ ମା’ ରାମଚଣ୍ଡୀ ମହୋତ୍ସବ



**ଛତ୍ରପୁର,୪।୨/ଏନ୍‌ଏନ୍‌ଏସ୍:** ଗଞ୍ଜାମର ପ୍ରସିଦ୍ଧ ଶକ୍ତି ପୀଠ ମା ରାମଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ତୃତୀୟ ବର୍ଷ ଉପଲକ୍ଷେ ରାମଚଣ୍ଡୀ ମହୋତ୍ସବ ଅନୁଷ୍ଠିତ ହେବ। ରାମଚଣ୍ଡୀ ମନ୍ଦିର ପରିବାର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଆସନ୍ତା ତା ୬ ତାରିଖ ଠାରୁ ୮ ରିଖ ପର୍ଯ୍ୟନ୍ତ ଏହି ଉତ୍ସବରେ ସ୍ଥାନୀୟ ଲୋକ କଳା, ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ମା’ଙ୍କ ନିକଟରେ ଚଣ୍ଡୀପାଠ ଓ ରାମ ଚରିତ ମାନସ ପରାୟଣ କରାଯିବ। ଏହି ଉତ୍ସବରେ ବହୁ ଭକ୍ତ ଓ ଜନସାଧାରଣ ଯୋଗ ଦେଇ ମା’ଙ୍କ କୃପା ଲାଭ କରିବା ପାଇଁ ମନ୍ଦିର ପରିବାର ପକ୍ଷରୁ ଅନୁରୋଧ କରାଯାଇଛି। ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ନାୟକ, ପୂଜା କମିଟି ସଭାପତି ସି ହେଚ୍ ଦୟାନନ୍ଦ ରେଡ୍ଡୀ, ସଂଯୋଜକ କାମଳ କୁମାର ପଣ୍ଡା, ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ତ୍ରିପତି ବାଲାଜୀ ମିଶ୍ର, ତୁଷାର ଶତପଥୀ ଓ ସୁଧୀର ମହାରଣାଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

**ନିତି ଭାରତୀ**

ପ୍ରଥମ ବିଜୟ ପରେ ବିଶ୍ରାମ ନିଅନାହିଁ, କାରଣ ଦ୍ୱିତୀୟ ବାଜିରେ ତୁମେ ଯଦି ହାରିଯିବ, ତା'ହେଲେ ଭାଗ୍ୟ ବଳରୁ ତୁମେ ବିଜୟ ଲାଭ କରିଥିଲ ବୋଲି କହିବାକୁ ଅନେକ ଲୋକ ଚାହିଁ ବସିଥାନ୍ତି।

- ଡକ୍ଟର ଏପିଜେ ଅବ୍ଦୁଲ୍ କଲାମ୍



ନିତିଦିନ
NITIDIN
ଗୁରୁବାର, ୫ ଫେବୃଆରୀ ୨୦୨୬

# ନୂଆ ୟୁଜିସି ଆଇନ ଓ ଏହାର ପ୍ରତିବନ୍ଧକ



ଗଦାଧର ବଳ

ସାଧାରଣରେ ଗୋଟିଏ ଧାରଣା ରହିଛି ଯେ ବିଜେପି ଦଳ ଉଚ୍ଚ ଜାତି ବା ବର୍ଗର ସମର୍ଥକମାନଙ୍କ ଦଳ। ଦଳିତ ଆଦିବାସୀ, ସଂଖ୍ୟାଲଘୁ ଲୋକମାନେ ଏ ଦଳକୁ ସମର୍ଥନ କରନ୍ତି ନାହିଁ, ବରଂ କଂଗ୍ରେସକୁ କିମ୍ବା ଅନ୍ୟ ରାଜନୈତିକ ଦଳକୁ ସମର୍ଥନ ଦିଅନ୍ତି। ତେବେ ଦେଶ ତମାମ ଉଚ୍ଚ ବର୍ଗର ଲୋକମାନେ ବିଜେପି ବିରୁଦ୍ଧରେ ଆନ୍ଦୋଳନ କରିବା ଓ ଏହାକୁ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ପହଞ୍ଚିବା ଓ ସର୍ବୋଚ୍ଚ ଅଦାଲତ ଏହା ଉପରେ ରୋକ୍ ଲଗେଇବା ଏବେ ଦେଶ ତମାମ୍ ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

ଅମେ ଜାଣିଛେ, ଭାରତ ସରକାର ଦେଶରେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପରିଚାଳନା କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି ଗଠନ କରିଛନ୍ତି। ଚଳିତ ମାସ ୧୩ ତାରିଖରେ ଭାରତବର୍ଷର ରାଜପତ୍ର ବା ଗେଜେଟ ଜରିଆରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି ଦ୍ୱାରା ପ୍ରଣୀତ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ ୨୦୨୬ ବା 'ପ୍ରମୋସନ ଅଫ ଇକ୍ୟୁଇଟି ଇନ ହାୟର ଏଜୁକେସନ ଇନିଷ୍ଟିଚ୍ୟୁଟ ରେଗୁଲେସନ, ୨୦୨୬' ଆଇନ ଲାଗୁ ପାଇଁ ନିୟାମକ ପ୍ରସ୍ତୁତ କରି ପ୍ରକାଶନ କରି ଅଛନ୍ତି। ଏହା ଏକ କେନ୍ଦ୍ରୀୟ ଆଇନ ହୋଇଥିବାରୁ ଓ କେନ୍ଦ୍ରରେ ବିଜେପି କ୍ଷମତାରେ ଥିବାରୁ ସେହି ଦଳର ସହଯୋଗୀ ସଂଗଠନ ଯଥା ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ଓ ଅନ୍ୟ କେତେକ ସହଯୋଗୀ ସଂଗଠନ ଏହାର ପ୍ରତିବାଦ କରିବା ଆରମ୍ଭ କରି ଦେଇଛନ୍ତି।

ତେବେ ଏହି ଆଇନ କ'ଣ ପାଇଁ ଏତେ ବିବାଦୀୟ ଜାଣିବା ଆଗରୁ ଆସନ୍ତୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି କ'ଣ ଜାଣିବା। ବିଶ୍ୱବିଦ୍ୟାଳୟ ସ୍ତରରେ କଲେଜଗୁଡ଼ିକୁ ଶୃଙ୍ଖଳିତ ତଥା ବ୍ୟବସ୍ଥିତ କରି ପରିଚାଳନା କରିବାକୁ ୧୯୫୩ ମସିହା ଡିସେମ୍ବର ମାସ ୨୮ ତାରିଖରେ ଭାରତରେ ୟୁଜିସି ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଗଠିତ ହୋଇଥିଲା। ମାତ୍ର ୧୯୫୬ ମସିହାରେ ଏଥିପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଇ ସଂସଦରେ ପାସ୍ ହୋଇଥିଲା, ଯାହା ଏଯାଏଁ କାର୍ଯ୍ୟ କରି ଆସୁଛି। ଏହି ଆଇନର ଧାରା ୧୨ରେ କୁହାଯାଇଛି, କଲେଜ କଲେଜ ମଧ୍ୟରେ ସମନ୍ୱୟ ସ୍ଥାପନ, ନିର୍ଦ୍ଧାରଣ ବା ଶିକ୍ଷାର ଲକ୍ଷ୍ୟ, ଯୋଗ୍ୟତା ତଥା ନିୟମାବଳୀ ସ୍ଥିର କରିବା ଓ ମାନଦଣ୍ଡ ରକ୍ଷଣାବେକ୍ଷଣ ବା ଗୁଣବତ୍ତାକୁ ବଜାୟ ରଖିବା, ଏଥିରେ ଅବଦାନ ଓ ଗତିବିଧି ପ୍ରତି ଦୃଷ୍ଟି ଦେବା, ବିଶ୍ୱବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ନିୟନ୍ତ୍ରଣ କରିବା ଓ ଗବେଷଣାକୁ ପ୍ରୋତ୍ସାହନ ଦେବା ଏହାର ପ୍ରମୁଖ କାର୍ଯ୍ୟ।

ଏହାର ପୃଷ୍ଠଭୂମି ଦେଖିଲେ ଜଣାଯାଏ ଯେ ଭାରତର ବିଶ୍ୱବିଦ୍ୟାଳୟ ଶିକ୍ଷାର ମାନ ରକ୍ଷା କରିବା ପାଇଁ ପ୍ରଥମେ ୧୯୪୪ ମସିହାରେ ସର୍ଜେଣ୍ଟ ରିପୋର୍ଟ ମାଧ୍ୟମରେ ଏକ କମିଟି ଗଠନ ପ୍ରସ୍ତାବ ଦିଆ ଯାଇଥିଲା। ସ୍ୱାଧୀନତା ପରେ ୧୯୪୮ ମସିହାରେ ଡକ୍ଟର ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ ଶିକ୍ଷା କମିଶନ ଗଠନ କରା ଯାଇଥିଲା। ଏହି କମିଶନ ବ୍ରିଟେନର ୟୁଜିସି ଢାଞ୍ଚାରେ ଭାରତରେ ମଧ୍ୟ ଏକ ୟୁଜିସି ଗଠନ କରିବାକୁ ସୁପାରିସ କରିଥିଲା। ଏହାକୁ ୧୯୫୩ ମସିହା ଡିସେମ୍ବର ୨୮ ତାରିଖରେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦ ଆନୁଷ୍ଠାନିକ ଭାବରେ ଏହାକୁ ୟୁଜିସି ଭାବରେ ଲାଗୁ କରିଥିଲେ। ପରେ ୧୯୫୬ ମସିହାରେ ସଂସଦରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଆଇନ ୧୯୫୬ ପାରିତ ହେବା ପରେ ସାମ୍ବିଧାନିକ ସଂସ୍ଥା ବା ଷ୍ଟାଚ୍ୟୁଟାରୀ ବଡି ଭାବରେ ସ୍ୱୀକୃତି ପାଇ ଅଦ୍ୟାବଧି କାର୍ଯ୍ୟ କରି ଆସୁଛି। ଏହାର ମୁଖ୍ୟାଳୟ ନୂଆଦିଲ୍ଲୀରେ ଅବସ୍ଥିତ ଏବଂ ଏହାର ୬ଟି ଆଞ୍ଚଳିକ କେନ୍ଦ୍ର ମଧ୍ୟ ରହିଛି।

ୟୁନିଭର୍ସିଟି ଗ୍ରାଣ୍ଟ କମିଶନ ବା ୟୁଜିସିର ମୁଖ୍ୟ କାର୍ଯ୍ୟାବଳୀ କହିଲେ ଏହି ସଂସ୍ଥା କେଉଁ ଉଦ୍ଦେଶ୍ୟରେ ଗଠିତ ଏବଂ ଏହାର ଦାୟିତ୍ୱ କ'ଣ, ତାହାକୁ ବୁଝାଏ। ଏହାର ମୁଖ୍ୟ ଦାୟିତ୍ୱଗୁଡ଼ିକ ମଧ୍ୟରେ ଭାରତରେ ଉଚ୍ଚଶିକ୍ଷାର ପ୍ରସାର କରିବା ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ହେଉଛି ପ୍ରାଥମିକ କାର୍ଯ୍ୟ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଠ୍ୟକ୍ରମ, ଶିକ୍ଷାଦାନ, ପରୀକ୍ଷା ପଦ୍ଧତି ଏବଂ ଗବେଷଣାର ବା ରିସର୍ଚ୍ଚର ମାନ ଯେପରି ନିମ୍ନଗାମୀ ନ ହୁଏ, ତାହା ନିଶ୍ଚିତ କରିବା। ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ଆବଶ୍ୟକୀୟ ଅନୁଦାନ ବା ଗ୍ରାଣ୍ଟ ଆବଣ୍ଟନ କରିବା। ଉଚ୍ଚଶିକ୍ଷା କ୍ଷେତ୍ରରେ ଆବଶ୍ୟକୀୟ ପଦକ୍ଷେପ ଏବଂ ସଂସ୍କାର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଉପଯୁକ୍ତ ପରାମର୍ଶ ଦେବା, ଦେଶର ଉଚ୍ଚଶିକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରିବା ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ୟୁଜିସି ନିୟମ ପାଳନ କରୁଛନ୍ତି କି ନାହିଁ, ତା' ଉପରେ ନଜର ରଖିବା। ସମଗ୍ର ଭାରତବର୍ଷରେ ଏବେ ୫୭ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବା ସେଣ୍ଟ୍ରାଲ ୟୁନିଭର୍ସିଟି, ୫୧୫ଟି ରାଜ୍ୟସ୍ତରୀୟ ବିଶ୍ୱବିଦ୍ୟାଳୟ ବା ଷ୍ଟେଟ ୟୁନିଭର୍ସିଟି, ୧୫୦ଟି ଡିମ୍‌ଡ ୟୁନିଭର୍ସିଟି, ୫୪୬ଟି ବେସରକାରୀ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି।

ଏହି ଆଇନର କିଛି ସଂଶୋଧନ କରାଯାଇ କେନ୍ଦ୍ର ସରକାର ଗତ ଜାନୁଆରୀ ୧୩ ତାରିଖରେ ନୂଆ ନିୟମାବଳୀ ଜାରି କରିଛନ୍ତି, ଯାହା ପୂର୍ବରୁ ପ୍ରଚଳିତ ୨୦୧୨ ଆଇନର ନିୟମାବଳୀ ସ୍ଥାନରେ ପ୍ରବର୍ତ୍ତିତ ହୋଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତିଗତ ଭେଦଭାବକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବା ବା ଏଥିପାଇଁ ଏକ ସମାନ ସୁଯୋଗ ସୃଷ୍ଟି କରିବା। ନିୟମାବଳୀର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ କେବଳ ଅନୁସୂଚିତ ଜାତି ବା ଏସସି ଓ ଅନୁସୂଚିତ ଜନଜାତି ବା ଏସଟି ନୁହନ୍ତି, ବରଂ ଅନ୍ୟାନ୍ୟ ପଛୁଆ ବର୍ଗ ବା ଓବିସି, ମହିଳା, ଦିବ୍ୟାଙ୍ଗ ଏବଂ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଓ କଲେଜରେ ସମାନ ସୁଯୋଗ କେନ୍ଦ୍ର ବା ଇକ୍ୟୁଆଲ ଅପର୍ଚ୍ୟୁନିଟି ସେଣ୍ଟର ବା ଇଓସି ପ୍ରତିଷ୍ଠା କରିବା ବାଧ୍ୟତାମୂଳକ। ଏହି କେନ୍ଦ୍ର ଭେଦଭାବ ସମ୍ବନ୍ଧୀୟ ଅଭିଯୋଗର ପରିଚାଳନା କରିବ। ସେହିପରି ଇଓସି ଅଧୀନରେ ଏକ 'ଇକ୍ୱିଟି କମିଟି' ଗଠନ କରାଯିବ, ଯେଉଁଥିରେ ହରିଜନ, ଆଦିବାସୀ, ପଛୁଆ ବର୍ଗ, ମହିଳା ଏବଂ ଦିବ୍ୟାଙ୍ଗଙ୍କ ପ୍ରତିନିଧିତ୍ୱ ରହିବ। ଏହି କମିଟି ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ। ଏଥିପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପୀଡ଼ିତଙ୍କ ପାଇଁ ଏକ ୨୪ ଘଣ୍ଟିଆ ଇକ୍ୱିଟି ହେଲ୍ପଲାଇନ ରହିବ। ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ଏହି କମିଟି ତା'ର ବୈଠକ ଡକାଇବ। ଏହି କମିଟି ୧୫ ଦିନ ମଧ୍ୟରେ ତଦନ୍ତ ସାରି ତା'ର ରିପୋର୍ଟ ପ୍ରଦାନ କରିବାକୁ ବାଧ୍ୟ ଅଟେ। ଯଦି କୌଣସି ବିଶ୍ୱବିଦ୍ୟାଳୟ ବା କଲେଜ ଏହି ନିୟମ ପାଳନ ନକରେ, ତେବେ ୟୁଜିସି ତା'ର ସାମ୍ବିଧାନିକ କ୍ଷମତା ବଳରେ ବିଭିନ୍ନ ଯୋଜନାରୁ ମିଳୁଥିବା ଅନୁଦାନ ବନ୍ଦ କରି ପାରିବ। ନୂତନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମତି ରଦ୍ଦ କରି ପାରିବ, ଶିକ୍ଷାନୁଷ୍ଠାନର ସ୍ୱୀକୃତିକୁ ପ୍ରତ୍ୟାହାର କରି ପାରିବ।

ଏହି ନିୟମାବଳୀକୁ ନେଇ କିଛି ବିବାଦ ମଧ୍ୟ ଦେଖା ଦେଇଛି। ବିଶେଷକରି 'ଭେଦଭାବ' ବା ଡିସକ୍ରିମିନେସନର ପରିଭାଷା ବହୁତ ବ୍ୟାପକ ହୋଇଥିବାରୁ ଯଦି ତଦନ୍ତ ପରେ ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ, ତେବେ ଅଭିଯୋଗକାରୀ ବିରୁଦ୍ଧରେ




କଠୋର ଦଣ୍ଡର ବ୍ୟବସ୍ଥା ରଖାଯିବା ଉଚିତ। ତେବେ ଯଦି କେହି ବ୍ୟକ୍ତିଗତ ଶତ୍ରୁତା ରଖି କାହା ନାମରେ ମିଥ୍ୟା ଅଭିଯୋଗ କରେ, ତା'ହେଲେ ସେଥିରୁ ବଞ୍ଚିବା ପାଇଁ କୌଣସି ସ୍ୱଷ୍ଟ ସୁରକ୍ଷା କବଚ ଏହି ନିୟମରେ ନାହିଁ। ଏହି କମିଟିରେ ସାଧାରଣ ବର୍ଗ ବା ଉଚ୍ଚ ଜାତିର କୌଣସି ସଦସ୍ୟ ରହିବାର ନିୟମ ନାହିଁ। ତେବେ ଏହା କର୍ତ୍ତୃପକ୍ଷଙ୍କ ଇଚ୍ଛାଧୀନ ବିଷୟ ଥିବାରୁ ସେମାନଙ୍କ ମତ ରଖିବାର ଅଧିକାରରୁ ବଞ୍ଚିତ କରାଯିବାକୁ ସେମାନେ ନାପସନ୍ଦ କରିଛନ୍ତି। ଏହି ନିୟମ ଅନୁସାରେ ଅଭିଯୁକ୍ତଙ୍କୁ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବାକୁ ପଡ଼ିବ, ଯାହାକି ପ୍ରଚଳିତ ନ୍ୟାୟିକ ବ୍ୟବସ୍ଥାର ଓଲଟା। ଏହାଦ୍ୱାରା ନିର୍ଦ୍ଦୋଷ ଛାତ୍ର ଓ ଶିକ୍ଷକମାନେ ଅସୁବିଧାରେ ପଡ଼ି ପାରନ୍ତି।

ସାଧାରଣ ବର୍ଗ ବା ଜେନେରାଲ କ୍ୟାଟେଗୋରୀର ଅନେକ ଛାତ୍ର ଭାବୁଛନ୍ତି ଯେ ଏହାଦ୍ୱାରା କ୍ୟାମ୍ପସରେ ଭେଦଭାବ କମିବା ପରିବର୍ତ୍ତେ ଜାତିଗତ ବିଭାଜନ ଅଧିକ ବଢ଼ିବ। ସରକାର ଜାଣିଶୁଣି ସମାଜରେ ଜାତିଭିତ୍ତିକ ବିଭାଜନ କରାଇ ସଂରକ୍ଷିତ ବର୍ଗର ଭୋଟ୍ ହାତେଇବାର ଏହା ହେଉଛି ଏକ ହୀନ ପ୍ରୟାସ। କେଉଁ କଥାକୁ 'ଭେଦଭାବ' ବା ଡିସକ୍ରିମିନେସନ କୁହାଯିବ, ସେ ନେଇ ସ୍ୱଷ୍ଟ ପରିଭାଷା ନଥିବାରୁ ସାଧାରଣ ଯୁକ୍ତିତର୍କ ବା ମତାନ୍ତରକୁ ମଧ୍ୟ ଜାତିଗତ ରୂପ ଦିଆଯାଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ପାଠକେ, ୨୦୧୯ ମସିହାରେ ଡକ୍ଟର ପାୟଲ ତଡଭୀ ମାମଲା ମେଡିକାଲ୍ ଶିକ୍ଷାନୁଷ୍ଠାନରେ ଜାତିଗତ ଭେଦଭାବ ଏବଂ ର୍‌ୟାଗିଂର ଏକ କରାଳ ଚିତ୍ର ପ୍ରକଟ କରିଥିଲା। ପାୟଲ ତଡଭୀ ମହାରାଷ୍ଟ୍ରର ଜଣେ ୨୬ ବର୍ଷୀୟ ଆଦିବାସୀ ମୁସଲିମ (ଭିଲ ସମ୍ପ୍ରଦାୟର) ଡାକ୍ତର ଥିଲେ। ସେ ମୁମ୍ବାଇର ବିୱାଇଏଲ ନାୟାର ହସ୍ପିଟାଲରେ ସ୍ତ୍ରୀ ଓ ପ୍ରସୂତି ରୋଗ ବା ଗାଇନାକୋଲୋଜି ପିଜି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ୨୨ ମେ' ୨୦୧୯ରେ ପାୟଲ ନିଜ ହଷ୍ଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ। ପାୟଲଙ୍କ ପରିବାର ଅଭିଯୋଗ କରିଥିଲେ ଯେ ସେ ଦୀର୍ଘ ଦିନ ଧରି ତାଙ୍କର ତିନି ଜଣ ସିନିୟର ଡାକ୍ତରଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହେଉଥିଲେ। ତାଙ୍କୁ ତାଙ୍କର ଜାତି ଓ ସଂରକ୍ଷଣ ବା ରିର୍ଜଭେସନକୁ ନେଇ ବାରମ୍ବାର ଥଟ୍ଟା କରା ଯାଉଥିଲା ଏବଂ ଅପମାନିତ ମଧ୍ୟ କରା ଯାଉଥିଲା। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସର୍ଜରୀ ବା ଅପରେସନ କରିବାକୁ ଦିଆଯାଉ ନଥିଲା ଏବଂ ଅନ୍ୟମାନଙ୍କ ଆଗରେ ଗାଳିଗୁଲଜ କରା ଯାଉଥିଲା, ଏପରିକି ରିର୍ଜଭେସନକୁ ନେଇ ବାରମ୍ବାର ତାଙ୍କୁ ଥଟ୍ଟା ମଜା ଓ ଅପମାନିତ କରାଯାଉଥିଲା। ପାୟଲଙ୍କ ମାଆଙ୍କ କହିବା ଅନୁଯାୟୀ, ସେମାନେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ବି କୌଣସି ପଦକ୍ଷେପ ନିଆ ଯାଇ ନଥିଲା। ତାଙ୍କ ଅଭିଯୋଗ ଆଧାରରେ ୩ ଜଣ ସିନିୟର ଡାକ୍ତରଙ୍କୁ ଗିରଫ କରାଯାଇ ଜେଲ୍ ପଠେଇ ଦିଆଯାଇଥିଲା। ପରେ ସେମାନେ ସୁପ୍ରିମ୍‌କୋର୍ଟରୁ ଜାମିନ ପାଇଥିଲେ। ଏହି ମାମଲା ବ୍ୟତୀତ ଅନ୍ୟ କିଛି ଏମିତି ଘଟଣାର ଅଭିଯୋଗ ଆସିବା ପରେ ଭାରତରେ ବିଭିନ୍ନ ମେଡିକାଲ କଲେଜରେ ର୍‌ୟାଗିଂ ଏବଂ ଜାତିଗତ ଭେଦଭାବ ବିରୋଧରେ କଡ଼ା ନିୟମ ପ୍ରଣୟନ ପାଇଁ ଦାବି ଜୋର୍ ଧରିଥିଲା। ତେବେ କେନ୍ଦ୍ର ସରକାର ଏହି ଆଇନ ସପକ୍ଷରେ ଯୁକ୍ତି ବାଢୁଥିବା ବେଳେ ଏହାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ନ୍ୟାୟାଳୟରେ ଆଗତ ଏକ ମାମଲାରେ ଏହି ଆଇନ ଲାଗୁ କରାଯିବା ଉପରେ ସାମୟିକ ରୋକ୍ ଲଗାଇଛନ୍ତି। ■

ପ୍ରଗତି ବିହାର, ସାଳନ୍ଦୀ ବାଇପାସ, ଭଦ୍ରକ
ମୋ: ୯୪୩୭୧୨୮୮୪୧

# ଆରାବଳୀର ଆର୍ତ୍ତନାଦ



ସୌମ୍ୟ ରଞ୍ଜନ ଦାଶ

ଭାରତୀୟ ଉପମହାଦ୍ୱୀପର ଭୌଗୋଳିକ ଇତିହାସରେ ଆରାବଳୀ କେବଳ ଏକ ଶୈଳଶ୍ରେଣୀ ନୁହେଁ, ବରଂ ଏହା ପ୍ରକୃତିର ଏକ ଅମର ପ୍ରହରୀ। କୋଟି କୋଟି ବର୍ଷର ଝଡ଼ଝଞ୍ଜାକୁ ସହି ନିଜ ବକ୍ଷରେ ଧାରଣ କରିଥିବା ଏହି ପୁରାତନ ପର୍ବତମାଳା ଆଜି ଆଧୁନିକତାର ଅନ୍ଧ ଅଟ୍ଟାଳିକା ଓ ମଣିଷର ଅସୀମ ଲୋଭର ଶିକାର ହୋଇ ନିଜର ଅସ୍ତିତ୍ୱ ଖୋଜୁଛି। ଯେଉଁ ପାହାଡ଼ ଦିନେ ଥର୍ ମରୁଭୂମିର ଧୂଳିଝଡ଼କୁ ପ୍ରତିହତ କରି ଦିଲ୍ଲୀ ଓ ଉତ୍ତର ଭାରତର ପରିବେଶକୁ ସୁରକ୍ଷିତ ରଖୁଥିଲା, ଆଜି ସେହି ପାହାଡ଼ ନିଜ ପ୍ରାଣରକ୍ଷା ପାଇଁ ନ୍ୟାୟାଳୟର କାଠଗଡ଼ାରେ ଠିଆ ହୋଇଛି। 'ଆରାବଳୀ ବଞ୍ଚାଅ' (ସେଭ୍ ଆରାବଳୀ) ଅଭିଯାନ ଆଜି କେବଳ କିଛି ପରିବେଶପ୍ରେମୀଙ୍କ କଣ୍ଠସ୍ୱର ହୋଇ ରହିନାହିଁ, ବରଂ ଏହା ଆମ ଦେଶର ସାମ୍ବିଧାନିକ ନୈତିକତା ଏବଂ ପ୍ରଶାସନିକ ଇଚ୍ଛାଶକ୍ତିର ଏକ ଅଗ୍ନିପରୀକ୍ଷା ପାଲଟିଛି।

ଇତିହାସର ପୃଷ୍ଠା ଓଲଟାଇଲେ ଦେଖାଯାଏ ଯେ ବିଗତ ଦୁଇ ଦଶନ୍ଧି ଧରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ପାରିବେଶିକ ବିପର୍ଯ୍ୟୟ ପ୍ରତି ସର୍ବଦା ସତର୍କ ଦୃଷ୍ଟି ରଖିଛନ୍ତି। ବିଶେଷକରି ୨୦୦୨ରୁ ୨୦୦୪ ମଧ୍ୟରେ ସୁରଜକୁଣ୍ଡ ଏବଂ ଗୁରୁଗ୍ରାମର ପ୍ରାକୃତିକ ସମ୍ପଦ ଉପରେ ହେଉଥିବା ବ୍ୟାପକ ଆଘାତକୁ ରୋକିବା ପାଇଁ ମାନ୍ୟବର ଅଦାଲତ ପ୍ରଥମେ ଖଣି ଖନନ ଉପରେ ଅଙ୍କୁଶ ଲଗାଇ ଥିଲେ। ପରବର୍ତ୍ତୀ ସମୟରେ ୨୦୦୯ ମସିହା ମେ' ୯ ତାରିଖରେ ଏକ ଐତିହାସିକ ନିର୍ଦ୍ଦେଶନାମା ଜରିଆରେ ହରିୟାଣାର ଫରିଦାବାଦ, ଗୁରୁଗ୍ରାମ ଓ ମେୱାତ ଅଞ୍ଚଳରେ ପଥର, ବାଲି ଓ ମାର୍ବଲ ଉତ୍ତୋଳନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା। ନ୍ୟାୟାଳୟଙ୍କ ଯୁକ୍ତି ଥିଲା ଅତ୍ୟନ୍ତ ସ୍ୱଷ୍ଟ- ଆରାବଳୀ ଏକ ପରିବେଶୀୟ ସୁରକ୍ଷା କବଚ ଏବଂ ଭୂଗର୍ଭ ଜଳର ଏକ ପ୍ରାକୃତିକ ପୁନର୍ଭରଣା କେନ୍ଦ୍ର। ଯଦି ଏହି ପାହାଡ଼ର କାୟାକୁ ଅନିୟନ୍ତ୍ରିତ ଖଣି ଖନନ ଦ୍ୱାରା ଖଣ୍ଡ ବିଖଣ୍ଡିତ କରାଯାଏ, ତେବେ ରାଜଧାନୀ ସମେତ ସମଗ୍ର ଉତ୍ତର ଭାରତ ଜଳାଭାବ ଓ ବାୟୁ ପ୍ରଦୂଷଣର କରାଳ ଗ୍ରାସରେ କବଳିତ ହେବା ସୁନିଶ୍ଚିତ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି କି ଯେ ଆଇନର ଶୁଷ୍କ ଶବ୍ଦାବଳୀ ଓ ମାଟିର କଠୋର ବାସ୍ତବତା ମଧ୍ୟରେ ଆଜି ବି ଏକ ବିଶାଳ ଖାଇ ରହି ଯାଇଛି। କାଗଜପତ୍ରରେ ଖଣି ଖନନ ନିଷିଦ୍ଧ ହେଲେହେଁ ଅନ୍ଧକାରର ସୁଯୋଗ ନେଇ ଅସାଧୁ ବ୍ୟକ୍ତିମାନେ ଆରାବଳୀର ଅମୂଲ୍ୟ ସମ୍ପଦକୁ ଲୁଣ୍ଠନ କରିବାରେ ବ୍ୟସ୍ତ ଅଛନ୍ତି।

ଆରାବଳୀର ସୁରକ୍ଷା ପାଇଁ 'ପଞ୍ଜାବ ଲ୍ୟାଣ୍ଡ ପ୍ରିଜର୍ଭେସନ୍ ଆକ୍ଟ' (ପିଏଲ୍‌ପିଏ), ୧୯୦୦ ଏକ ଶକ୍ତିଶାଳୀ ଆୟୁଧ ଭାବେ କାର୍ଯ୍ୟ କରି ଆସୁଥିଲା। ଏହି ଶତାବ୍ଦୀ ପ୍ରାଚୀନ ଆଇନ ଆରାବଳୀର ବୃହତ୍ ଅଂଶକୁ 'ସଂରକ୍ଷିତ ଜଙ୍ଗଲ'ର ମାନ୍ୟତା ଦେଇଥିଲା। ମାତ୍ର ୨୦୧୯ ମସିହାରେ ହରିୟାଣା ସରକାରଙ୍କ ଦ୍ୱାରା ଅଣା ଯାଇଥିବା ସଂଶୋଧନ ବିଲ୍ ଏହି ସୁରକ୍ଷା ବଳୟକୁ ଭେଦ କରିବାର ଏକ ଅପଚେଷ୍ଟା ଥିଲା, ଯାହା ରିଅଲ୍ ଇଷ୍ଟେଟ୍ ଓ ନିର୍ମାଣ ସଂସ୍ଥାଗୁଡ଼ିକୁ ପାହାଡ଼ ଉପରେ କବ୍‌ଜା କରିବା ପାଇଁ ସୁଯୋଗ ଦେଇଥାନ୍ତା। ନ୍ୟାୟିକ ସକ୍ରିୟତା ଦର୍ଶାଇ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ 'ନ୍ୟାୟାଳୟ ଅବମାନନା' ବୋଲି ଅଭିହିତ କଲେ ଏବଂ ୨୦୨୨ରେ ପୁନର୍ବାର ସ୍ୱଷ୍ଟ କଲେ ଯେ ପିଏଲ୍‌ପିଏ ଅନ୍ତର୍ଗତ ସମସ୍ତ ଭୂମି କେବଳ ଜଙ୍ଗଲ ଭାବେ ହିଁ ବିବେଚିତ ହେବ। ଏହି ରାୟ ଏକ ବିଶାଳ ପରିବେଶୀୟ ବିଜୟ ଥିଲା, ଯେଉଁଥିରେ ମାନ୍ୟବର ନ୍ୟାୟାଧୀଶମାନେ ଜନସାଧାରଣଙ୍କ ସ୍ୱାର୍ଥକୁ ପୁଞ୍ଜିବାଦୀ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ରଖିଲେ। ଏହା ସହିତ ସ୍ଥାନୀୟ ଜନସାଧାରଣ ଓ ପରିବେଶ କର୍ମୀଙ୍କ ଅହରହ ସଂଗ୍ରାମ ଏହି ଆନ୍ଦୋଳନକୁ ଜୀବନ୍ତ କରି ରଖିଛି। ଲୋକମାନେ ନିଜ ହକ୍ ପାଇଁ ଗଣସତ୍ୟାଗ୍ରହ କରିବା ସହ 'ଚିପ୍‌କୋ' ଆନ୍ଦୋଳନ ଶୈଳୀରେ ବୃକ୍ଷ ଓ ପାହାଡ଼କୁ ରକ୍ଷା କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ସାଧାରଣ ଜନତାଙ୍କର ଏହି ପ୍ରତିରୋଧ ହିଁ ପ୍ରଶାସନକୁ ନିଜର ଉତ୍ତରଦାୟିତ୍ୱ ମନେ ପକାଇ ଦେଉଛି।

୨୦୨୫ ନଭେମ୍ବର ୨୦ ତାରିଖର ଐତିହାସିକ ରାୟ ଆରାବଳୀ ସୁରକ୍ଷାରେ ଏକ ନୂଆ ମୋଡ଼ ଆଣିଛି, କିନ୍ତୁ ସେଥି ସହ ଏକ ଗଭୀର ଚର୍ଚ୍ଚାକୁ ମଧ୍ୟ ଜନ୍ମ ଦେଇଛି। ମାନ୍ୟବର ଅଦାଲତ ଆରାବଳୀର ଏକ ନୂତନ ପରିଭାଷା ଗ୍ରହଣ କରି ସ୍ଥାନୀୟ ସମତଳ ଭୂମିଠାରୁ ୧୦୦ ମିଟର ଉଚ୍ଚତା ବିଶିଷ୍ଟ ଭୂ-ଆକୃତିକୁ 'ଆରାବଳୀ' ଭାବେ ମାନ୍ୟତା ଦେଇଛନ୍ତି। ଏହି ୧୦୦ ମିଟର ଉଚ୍ଚତାର ସଂଜ୍ଞା ଆଇନଗତ ସ୍ୱଷ୍ଟତା ଦେଲେ ମଧ୍ୟ ଏହା ଛୋଟ ରିଜ୍, ପାହାଡ଼ର ଧାର ଓ ପ୍ରାକୃତିକ ଢାଲୁଗୁଡ଼ିକୁ ସୁରକ୍ଷା ବୃତ୍ତର ବାହାରକୁ ଠେଲି ଦେବାର ଆଶଙ୍କା ସୃଷ୍ଟି କରୁଛି। ଏହାର ପରିଣାମରେ ଯେଉଁ ଅଞ୍ଚଳଗୁଡ଼ିକ ପୂର୍ବରୁ ଆରାବଳୀ ପରିସର ଭାବେ ଗଣା ହୋଇ ଆସୁଥିଲେ, ସେଗୁଡ଼ିକ ଆଇନ ଫାଙ୍କର ଶିକାର ହୋଇ ଖନନ ଓ ବ୍ୟାପାରିକ ନିର୍ମାଣ ପାଇଁ ଖୋଲିଯିବାର ସମ୍ଭାବନା ରହିଛି। ଏହି ରାୟ ଏକ ପକ୍ଷରୁ ନିୟନ୍ତ୍ରିତ ଓ ବୈଜ୍ଞାନିକ ଖନନର ରାସ୍ତା ଖୋଲୁଥିବା ବେଳେ ଅନ୍ୟ ପକ୍ଷରୁ ପରିବେଶ ସୁରକ୍ଷାର ମୂଳ ଆତ୍ମାକୁ ଦୁର୍ବଳ




କରିଦେବାର ସମ୍ଭାବନାକୁ ଅସ୍ୱୀକାର କରିହେବ ନାହିଁ। ତେଣୁ ଏହି ନିଷ୍ପତ୍ତିର ସଠିକ୍ ପ୍ରୟୋଗ ଓ କଠୋର ନିରୀକ୍ଷଣ ଛଡ଼ା 'ଆରାବଳୀ ସୁରକ୍ଷା' କେବଳ ଆଇନଗତ ଘୋଷଣାରେ ସୀମିତ ରହିଯିବ।

ଆଜି ମଧ୍ୟ ସ୍ଥଳବିଶେଷରେ ସ୍ଥିତି ସଂକଟାପନ୍ନ। ୨୦୨୫ ମସିହାରେ ହରିୟାଣାର ନୁହ ଭଳି ସମ୍ବେଦନଶୀଳ ଅଞ୍ଚଳରେ ଶତାଧିକ ଏଫ୍‌ଆଇଆର୍ ରୁଜୁ ହେବା ଓ ଖଣିଜ ସମ୍ପଦ ବୋଝେଇ ଟ୍ରକ୍ ଜବତ ହେବା ଏହି କଥାର ପ୍ରମାଣ ଦିଏ ଯେ ଆଇନର ଚାବୁକ୍ ଏବେ ବି ମାଫିଆଙ୍କୁ ସମ୍ପୂର୍ଣ୍ଣ ଭୟଭୀତ କରିବାରେ ବିଫଳ ହୋଇଛି। ଏହାର ମୂଳ କାରଣ ହେଉଛି ପ୍ରଶାସନିକ ଶିଥିଳତା ଓ କ୍ଷମତାସୀନ ବ୍ୟକ୍ତିଙ୍କ ଅର୍ଥନୈତିକ ପ୍ରଲୋଭନ। ଆମେ ଭୁଲି ଯାଉଛୁ ଯେ ଯେଉଁ ଖଣି ଆଜି କିଛି କୋଟି ଟଙ୍କାର ରାଜସ୍ୱ ଦେଉଛି, ସେହି ଉଜୁଡ଼ା ପାହାଡ଼ ପାଇଁ ଭବିଷ୍ୟତରେ ଆମକୁ ଅମ୍ଳଜାନ ଓ ଜଳ ପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ। ଆରାବଳୀକୁ ରକ୍ଷା କରିବା ପାଇଁ ଲୋକଙ୍କ ମଧ୍ୟରେ ଜାଗୃତି ସୃଷ୍ଟି ହେବା ଜରୁରୀ। ସ୍ଥାନୀୟ ଜନଜାତି ଓ ଗ୍ରାମବାସୀମାନେ ଯେଭଳି ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଆଗକୁ ଆସୁଛନ୍ତି, ତାହା ପ୍ରଶଂସନୀୟ। ମାତ୍ର ସରକାରୀ ସ୍ତରରେ ଦୃଢ଼ ନୀତି ଓ ତାହାର କଡ଼ାକଡ଼ି ଅନୁପାଳନ ବିନା ଏହି ସଂଗ୍ରାମ ଅସମ୍ପୂର୍ଣ୍ଣ।

ଆରାବଳୀର ଏହି ଦୀର୍ଘ ସଂଗ୍ରାମରେ ନ୍ୟାୟାଳୟ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି, କିନ୍ତୁ କେବଳ କାଗଜରେ ଲିଖିତ ରାୟ କୌଣସି ପାହାଡ଼କୁ ରକ୍ଷା କରି ପାରିବ ନାହିଁ। ଏଥିପାଇଁ ସରକାରୀ ସ୍ତରରେ ସ୍ୱଚ୍ଛତା, ବୈଜ୍ଞାନିକ ଦୃଷ୍ଟିକୋଣ ଓ ସାମୂହିକ ସଚେତନତା ଅପରିହାର୍ଯ୍ୟ। ଆରାବଳୀକୁ ବଞ୍ଚାଇବାର ଅର୍ଥ କେବଳ ପଥର କିମ୍ବା ବାଲିକୁ ବଞ୍ଚାଇବା ନୁହେଁ, ବରଂ ଭାରତର ପରିବେଶୀୟ ଆତ୍ମାକୁ ସୁରକ୍ଷିତ ରଖିବା। ଯଦି ଆମେ ଆଜି ପ୍ରକୃତିର ଏହି ବିଶାଳ ପାରାବାରକୁ ବଳି ଦେଇଦେବା, ତେବେ ଆଗାମୀ ପିଢ଼ି ପାଇଁ ଆମେ କେବଳ ଶୁଷ୍କ ମରୁଭୂମି ହିଁ ଛାଡ଼ିଯିବା। ଆଇନ, ନୀତି ଏବଂ ନୈତିକତାର ତ୍ରିବେଣୀ ସଙ୍ଗମରେ ହିଁ ଆରାବଳୀର ଭବିଷ୍ୟତ ସୁରକ୍ଷିତ। ସମୟ ଆସିଛି, ଶବ୍ଦର ମାୟାଜାଲରୁ ବାହାରି କ୍ଷେତ୍ର ସ୍ତରରେ ଦୃଢ଼ ପଦକ୍ଷେପ ନେବାର, ଯେ ପର୍ଯ୍ୟନ୍ତ ଶୈଳରାଣୀର ଆର୍ତ୍ତନାଦ ପ୍ରଶାସନର କର୍ଣ୍ଣକୁହରରେ ପ୍ରତିଧ୍ୱନିତ ନ ହୋଇଛି। ଆଜି ଯଦି ଆମେ ଆରାବଳୀ ପାଇଁ ଦୃଢ଼ ହେବା, ତେବେ ଆଗାମୀ କାଲି ପ୍ରକୃତି ଆମ ପାଇଁ ଅନୁକୂଳ ରହିବ।■

ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ
ଯାଜପୁର, ମୋ: ୮୮୯୫୯୫୨୩୧୫

# ଆମେରିକା ସହ ବାଣିଜ୍ୟିକ କାରବାର

ସୋମବାର ରାତିରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଘୋଷଣା କଲେ ଯେ ସେ ଭାରତ ଉପରେ ଆମେରିକାର ଟାରିଫ୍‌କୁ ୫୦ ପ୍ରତିଶତରୁ ୧୮ ପ୍ରତିଶତକୁ କମାଇ ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ଘୋଷଣା ପରେ ପରେ ଆସିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଘୋଷଣାର ସ୍ୱୀକାରୋକ୍ତି ଏବଂ ଭାରତ-ଆମେରିକା ପାରସ୍ପରିକ ଲାଭଦାୟକ ସମ୍ପର୍କକୁ ବଜାୟ ରଖିବା ନିମନ୍ତେ ପ୍ରତିବଦ୍ଧତାର ଉଚ୍ଚାରଣ। କହିବା ବାହୁଲ୍ୟ ଏହି ଘୋଷଣା ଏବଂ ତାକୁ ମାନି ନେବା ଦୀର୍ଘ ସମୟ ଧରି ଭାରତ-ଆମେରିକା ବାଣିଜ୍ୟ କାରବାର କ୍ଷେତ୍ରରେ ଦେଖା ଦେଇଥିବା ଅଚଳାବସ୍ଥାରେ ଏକ ସ୍ୱାଗତଯୋଗ୍ୟ ପୂର୍ଣ୍ଣଚ୍ଛେଦ ପକାଇ ଥିଲା, କାରଣ ମାସ ମାସ ଧରି ଏହି କାରବାରଜନିତ ଆଲୋଚନା ଆରମ୍ଭ ହେବା ଏବଂ ବନ୍ଦ ହେବାର ପ୍ରକ୍ରିୟା ଦେଇ ଗତି କରୁଥିଲା। ତେଣୁ ଏବେ ଏହାର ସମାଧାନ ହେବା ବିଶ୍ୱର ସର୍ବବୃହତ୍ ଅର୍ଥନୀତି ପାଇଁ ଅର୍ଥନୀତିକ କାର୍ଯ୍ୟ ଅପେକ୍ଷା ଅଧିକ ସାଙ୍କେତିକ କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତ ପାଇଁ ଅସ୍ଥିରତାପୂର୍ଣ୍ଣ ବୈଶ୍ୱିକ ଭୂରାଜନୀତିକ ପରିସ୍ଥିତି ମଧ୍ୟରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ, ଯେହେତୁ ଏହା ଅଗଷ୍ଟ ୬,୨୦୨୫ଠାରୁ ଟାରିଫ୍‌ଜନିତ ଉତ୍ତେଜନା ମଧ୍ୟରେ ବିତିଥିବା ତିକ୍ତତାପୂର୍ଣ୍ଣ ସମୟଗୁଡ଼ିକର ଅନ୍ତ ଘଟାଇ ଥିଲା। ଏହି କାରବାରର ବିସ୍ତୃତ ପ୍ରକ୍ରିୟାରେ ହୁଏତ କିଛି ଅସହଜମୂଳକ କଥା ରହିଥାଇପାରେ, କିନ୍ତୁ ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଭାରତ ଏହି ଚୁକ୍ତିକୁ ଏକ ମୂଲ୍ୟ ବିନିମୟରେ ସମ୍ପାଦନ କରିଛି, ଯେଉଁଥିରେ ରୁଷୀୟ ତୈଳ କିଣିବାକୁ କମାଇବାର ସର୍ତ୍ତ ଅନ୍ତର୍ଭୁକ୍ତ, ଯାହାର ଅର୍ଥ ହେଉଛି, ପ୍ରତ୍ୟେକଟି ବ୍ୟାରେଲ୍ ଅଶୋଧିତ ତୈଳର ଭାରତରେ ପହଞ୍ଚିବାର ମୂଲ୍ୟ ଦେଶ ପାଇଁ ଢେର୍ ଅଧିକ ମୂଲ୍ୟ ପ୍ରଦାନକାରୀ ହେବାକୁ ଯାଉଛି। ତେବେ ଏଠାରେ ମୂଳ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟିଏ ଉଠେ ଯେ ଟ୍ରମ୍ପ୍ ପ୍ରଶାସନ ସହିତ ତିକ୍ତ ମଧୁର ସମ୍ପର୍କରେ ଭରା ବ୍ୟବସାୟିକ କାରବାରଜନିତ ଚୁକ୍ତିରେ ସ୍ୱାକ୍ଷର କରିବା ନିମନ୍ତେ ଭାରତ ସମ୍ପୂର୍ଣ୍ଣ ଭାବରେ ଏହାର ରଣନୀତିକ ସ୍ୱାୟତ୍ତତା ଏବଂ ବ୍ୟବସାୟିକ ଉତ୍ସଗୁଡ଼ିକର ବିବିଧିକରଣ କରିବାର ଉଦ୍ୟମକୁ ଜଳାଞ୍ଜଳି ଦେଇଛି କି!

ଭାରତ ଯଦି ଆମେରିକା ଏବଂ ଭେନେଜୁଏଲାରୁ ଅଶୋଧିତ ତୈଳ ଖର୍ଦ୍ଦ କରେ, ତା'ର ମୂଲ୍ୟ ରୁଷୀୟ ତୈଳ ଅପେକ୍ଷା ଢେର୍ ଅଧିକ ହେବାର ସମ୍ଭାବନା ବ୍ୟତୀତ ଅନ୍ୟ ଏକ ବିବ୍ରତ କରିଦେବା ଭଳି ପ୍ରଶ୍ନ ରହିଛି ଯେ ଭାରତକୁ ଆମେରିକାଠାରୁ କେଉଁସବୁ କୃଷିଜାତ ପଦାର୍ଥଗୁଡ଼ିକ କ୍ରୟ କରିବାକୁ ହେବ ଏବଂ ଏଥି ମଧ୍ୟରୁ କୌଣସି ପଦାର୍ଥ ବା ସବୁଯାକ ପଦାର୍ଥ ଭାରତର ଲକ୍ଷ ଲକ୍ଷ କୃଷକ ଏବଂ ଶ୍ରମିକମାନଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିବ କି ନାହିଁ, ଯେଉଁମାନେ ୧.୪ ବିଲିଅନ୍ ଜନସଂଖ୍ୟାବିଶିଷ୍ଟ ଦେଶର ହାରାହାରି ଅଧା ହୋଇ ପାରନ୍ତି। ୨୦୨୪ରେ ଏହାର ୧.୩ ବିଲିଅନ୍ ଡଲାରର କୃଷିଜାତ ପଦାର୍ଥର ବାଣିଜ୍ୟିକ ନିଅଣ୍ଟକୁ ଭରଣା କରିବା ପାଇଁ ଆମେରିକାର ଗ୍ରାମାଞ୍ଚଳ ହୁଏତ ଏହାର ବାଦାମ ବା ଆଲ୍‌ମଣ୍ଡ, ପିସ୍ତା ବାଦାମ ବା ପିଷ୍ଟାଚିଓ, କପା, ସୋୟାବିନ୍, ଦୁଗ୍ଧଜାତ ପଦାର୍ଥ, ପୋଲ୍‌ଟ୍ରି, ଇଥାନଲ, ଡାଲିଜାତୀୟ ସାମଗ୍ରୀ ଏବଂ ସିଡ୍ ତୈଳ ଢେର୍ ଅଧିକ ପରିମାଣରେ ବିକ୍ରି କରିବାକୁ ବାଧ କରିପାରେ। ଭାରତୀୟ ବ୍ୟବସାୟୀମାନଙ୍କ ପାଇଁ ସକାରାତ୍ମକ ଦିଗଟି ଅବଶ୍ୟ ଗୋଲାପି ହୋଇପାରେ, କାରଣ ସେମାନଙ୍କର ରପ୍ତାନୀ ପ୍ରତିଯୋଗିତାମୂଳକତା ଅନେକ ଗୁଣ ବଢ଼ି ଯାଇପାରେ, ଯେହେତୁ ଭାରତକୁ ୧୮ ପ୍ରତିଶତର ପାରସ୍ପରିକ ଟାରିଫ୍‌କୁ ସାମ୍‌ନା କରିବାକୁ ହେବ, ଯାହା ହେଉଛି ଦକ୍ଷିଣ କୋରିଆକୁ ବାଦ୍ ଦେଲେ ସମସ୍ତ ଉଦୀୟମାନ ଅର୍ଥନୀତିଗୁଡ଼ିକ ମଧ୍ୟରେ ସର୍ବନିମ୍ନ। ଉଦାହରଣ ସ୍ୱରୂପ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଉପରେ ଭାରତର ଦୁଇ ପ୍ରତିଶତ ଟାରିଫ୍ ସୁବିଧା ହୁଏତ ପ୍ରାଥମିକ ଭାବରେ ଜେମ୍ ଏବଂ ଜୁଏଲାରୀ, ଜୋତା, ରାସାୟନିକ ପଦାର୍ଥ, ମାଛ (ଚିଙ୍ଗୁଡ଼ି), ଅଟୋ ପାର୍ଟସ୍ ଏବଂ ବୈଦ୍ୟୁତିକ ଉପକରଣ ଉଦ୍ୟୋଗଗୁଡ଼ିକରେ ଲାଭ ବ୍ୟତୀତ ପୋଷାକ ରପ୍ତାନୀକାରୀମାନଙ୍କ ପାଇଁ ଏକ ପ୍ରୋତ୍ସାହନ ପ୍ରଦାନ କରିପାରେ।

ବ୍ୟବସାୟିକ କାରବାରଠାରୁ ଆଉ ଟିକେ ଆଗକୁ ଗଲେ ଜାଣିହେବ ଯେ ଭୂରାଜନୀତି ହୁଏତ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ଅଧିକ ହ୍ରାସ ହୋଇ ନପାରେ, ଯାହାକି ଆମେରିକୀୟ ନିବେଶକମାନଙ୍କୁ ଭାରତକୁ ଫେରିବାକୁ ସାହସ ଯୋଗାଇ ପାରେ; ବିଦେଶୀ ନିବେଶକମାନେ ୨୦୨୫ରେ ୧୮.୮ ବିଲିଅନ୍ ଡଲାର ଜାନୁଆରୀ ମାସରେ ୩.୧ ବିଲିଅନ୍ ଡଲାର ନେଇଯିବା ପରେ ମାନ୍ଦା ପଡ଼ି ଯାଇଥିବା ଷ୍ଟକ୍ ମାର୍କେଟ୍‌କୁ ଉତ୍ସାହିତ କରିପାରେ ଏବଂ ଭାରତ ବାହାରେ ଯୋଗାଣ ଶୃଙ୍ଖଳଗୁଡ଼ିକୁ ସ୍ଥିରତା ଆଣିଦେଇପାରେ, ଯାହା ଚୀନ୍ ସହିତ ପ୍ରତିଯୋଗିତା କରିବା ପାଇଁ ଯଥେଷ୍ଟ ପରିମାଣରେ ଶାନ୍ତିର ସହିତ ଭରସା କରାଯାଇପାରେ, ବିଶେଷକରି ଏହି ନୂଆ ଏବଂ ଅନୁକୂଳ ଟାରିଫ୍ ବ୍ୟବସ୍ଥା ସହିତ। ସମ୍ପ୍ରତି ଏଥିରୁ ଭରପୂର ଫାଇଦା ଉଠାଇବା ନିମନ୍ତେ ବଲ୍ ଇଣ୍ଡିଆ ଇଙ୍କ୍.ର କୋର୍ଟରେ ଏବଂ ତା' ସହିତ ରହିଛି ବ୍ୟବସାୟ ଓ ରପ୍ତାନୀକାରୀମାନଙ୍କ କୋର୍ଟରେ। ଦେଶ ଭିତରେ ବାଣିଜ୍ୟ ମନ୍ତ୍ରୀଙ୍କ ଗଣମାଧ୍ୟମ ଆଗରେ ଆନନ୍ଦାତିଶଯ୍ୟପୂର୍ଣ୍ଣ ବିବୃତି ପ୍ରଦାନଠାରୁ ଆଗକୁ ଯାଇ ସରକାର ଏହି ଚୁକ୍ତି ଉପରେ ଅଧିକ ସ୍ୱଚ୍ଛ ହେବା ନିମନ୍ତେ କାର୍ଯ୍ୟ କରି ପାରିବେ। ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ଘୋଷଣାରେ ବର୍ତ୍ତମାନ ସୁଦ୍ଧା କେବଳ ବ୍ୟାପକ ରୂପରେଖକୁ ଦର୍ଶନ କରି ହେଉଛି ଯାହାକି ଉପରୋକ୍ତ ବିଷୟବସ୍ତୁକୁ ନେତୃତ୍ୱ ପ୍ରଦାନ କରୁଛି, କିନ୍ତୁ ତା' ସହିତ ମଧ୍ୟ ରହିଛି ଆମେରିକା ରାଷ୍ଟ୍ରପତିଙ୍କର ଲୋକ ଦେଖାଣିଆ ପ୍ରବୃତ୍ତି, ଯେତେବେଳେ କି ଶ୍ରୀଯୁକ୍ତ ମୋଦୀଙ୍କର ସତର୍କତା ଯାହା ଏହି ଚୁକ୍ତିରେ ଏକ ରହସ୍ୟପୂର୍ଣ୍ଣ ବାତାବରଣକୁ ସଂଯୋଗ କରି ଦେଉଛି। ଭାରତକୁ ଚୀନ୍ ପାଇଁ ଏକ ବିରୋଧାଭାସୀ ଶକ୍ତି ଭାବରେ ଆମେରିକା କେତେଦୂର ଛିଡ଼ା କରିବାକୁ ଚାହୁଁଛି, ତାହା ଭବିଷ୍ୟତ କହିବ। ତେବେ ବର୍ତ୍ତମାନ ସୁଦ୍ଧା ଏକ ବଡ଼ ଧରଣର ବିରକ୍ତି ସୃଷ୍ଟିକାରୀ ଶକ୍ତି ବାତାବରଣକୁ ଆଶ୍ୱସ୍ତିର ରଙ୍ଗରେ ରଙ୍ଗାୟିତ କରିବାକୁ ଆଗେଇ ଆସିଛି, ଯଦ୍ୟପି ଉଭୟ ଶ୍ରୀଯୁକ୍ତ ଟ୍ରମ୍ପ୍ ଏବଂ ଶ୍ରୀଯୁକ୍ତ ମୋଦୀ ସମ୍ପର୍କରେ ସୁଧାର ଆଣିବା ପାଇଁ ଚାପଗ୍ରସ୍ତ ହେଉଥିଲେ।■

# ଲୀଳାଶୁକ ବିଲ୍ୱମଙ୍ଗଳ

ନିଜର ମନୋଭାବକୁ ପରିବର୍ତ୍ତନ କରି ପାରିଲେ ବିଷ ବି ଅମୃତ ପାଲଟି ଯାଏ। ସମସ୍ତ ଗୁଣ ହିଁ ଆମ ମନର ପ୍ରଭାବରେ ପ୍ରଭାବିତ ହୁଏ। ଦୁନିଆରେ କିଏ ଲୋଭୀ ତ କିଏ କ୍ରୋଧି, ଆଉ କିଏ କାମୀ। ଏମିତି ନାନାଦି ଗୁଣ ଆମ ଭିତରେ ଜମାଟ ବାନ୍ଧିଛି। ଏଇ ଗୁଣ ସମୂହ ଯଦି ଆମକୁ ପୀଡ଼ା ଦେଉ ଥାଆନ୍ତି ଏବଂ ସେଥିରୁ ଆମେ ମୁକୁଳିବାକୁ ଚାହିଁବା, ତେବେ ମୁଖ୍ୟତଃ ଦୁଇଟି ବାଟ ଅଛି। ଗୋଟିଏ ହେଲା ଦୃଢ଼ ଇଚ୍ଛା ଶକ୍ତି ଓ ଅନ୍ୟଟି ପ୍ରଭୁଙ୍କୁ ପ୍ରାର୍ଥନା। ଇଚ୍ଛା ଶକ୍ତି ଓ ପ୍ରଭୁଙ୍କ କୃପା ମିଳିଗଲେ ସମସ୍ତ ଦୁର୍ଗୁଣ ସୁଗୁଣରେ ରୂପାନ୍ତରିତ ହୋଇଯିବେ। ପ୍ରଭୁଙ୍କ କୃପା ଓ ଇଚ୍ଛା ଶକ୍ତି ବଳରେ ମଣିଷ ଭିତରେ ଥିବା କାମ ବି ପ୍ରେମକୁ ରୂପାନ୍ତରିତ ହୋଇପାରେ। ଏହାର ଏକ ଉଦାହରଣ।

ଅଷ୍ଟମ ଶତାବ୍ଦୀର କଥା। ଦକ୍ଷିଣ ଭାରତର ଗୋଟିଏ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ବିଲ୍ୱମଙ୍ଗଳ। ସବୁ ଶାସ୍ତ୍ରରେ ତାଙ୍କର ଦକ୍ଷତା ଥିଲା। ହେଲେ କାମନା ବାସନା ତାଙ୍କ ମନରେ ପୂରି ରହିଥିଲା। ସେ ସମୟରେ ଚିନ୍ତାମଣି ନାଁରେ ଗୋଟିଏ ନର୍ତ୍ତକୀ ଥିଲା। ତା' ସହ ବିଲ୍ୱମଙ୍ଗଳଙ୍କର ନିବିଡ଼ ସମ୍ପର୍କ ଥିଲା। ଚିନ୍ତାମଣି କୃଷ୍ଣବେନ ନଦୀର ଆରପାଖରେ ରହୁଥିଲା। ନଦୀ ଏ ପାଖରେ ବିଲ୍ୱମଙ୍ଗଳ। ସେ ଚିନ୍ତାମଣି ପ୍ରତି ଏମିତି କାମାସକ୍ତ ଥିଲେ ଯେ ଦିନେ ନିଜ ପିତାଙ୍କ ଶ୍ରାଦ୍ଧକର୍ମ ଶେଷ କରି ଚିନ୍ତାମଣିକୁ ଭେଟିବା ପାଇଁ ବାହାରି ପଡ଼ିଲେ। ସେଦିନ ଥିଲା ଭୟଙ୍କର ଝଡ଼ ବର୍ଷାର ରାତି। କିନ୍ତୁ କାମପ୍ରବଣ ମଣିଷର ଲଜ୍ଜା ନଥାଏ କି ତାକୁ କେହି ବାଧା ଦେଇ ପାରନ୍ତିନି। ଝଡ଼ ବର୍ଷା, ସ୍ରୋତସ୍ୱିନୀ ବଢ଼ିଲା ନଈ, ବିଜୁଳି, ଘଡ଼ଘଡ଼ି ବିଲ୍ୱମଙ୍ଗଳଙ୍କ କାମ ଆସକ୍ତି ପାଖରେ ହାର୍ ମାନି ଯାଇଥିଲେ। ବିଲ୍ୱମଙ୍ଗଳ ଦେଖିଲେ ନଈ ଦୁଇ କୂଳ ଖାଉଛି। ପାର ହେବାକୁ ନାଆ ନାହିଁ। କୂଳରେ ଶବଟିଏ ଭାସୁଛି। ସେଇ ଶବକୁ ଭେଳା କଲେ। ନଈ ପାରିହୋଇ ଗଲେ। ଚିନ୍ତାମଣି ଥିବା କୋଠା ଉପରକୁ ଯିବା ପାଇଁ ସବୁ ରାସ୍ତା ବନ୍ଦ ଅଛି। ଦେଖିଲେ ଦଉଡ଼ିଟିଏ ଲମ୍ବିଛି କୋଠା ଉପରକୁ। ତାକୁ ଆଶ୍ରା କରି ଚଢ଼ିଗଲେ। କିଛି ବାଟ ଉଠିଛନ୍ତି, ତଳେ କଚାଡ଼ି ହୋଇ ପଡ଼ିଗଲେ। ଚେତା ହଜିଗଲା। କିଛି ଗୋଟାଏ ପଡ଼ିବା ଶବ୍ଦରେ ଚିନ୍ତାମଣିଙ୍କର ନିଦ ଭାଙ୍ଗିଗଲା। ଆସି ଦେଖନ୍ତି ତ ବିଲ୍ୱମଙ୍ଗଳ ପଡ଼ିଛନ୍ତି (ବିଲ୍ୱମଙ୍ଗଳ ଯାହାକୁ ଆଶ୍ରା କରି କୋଠାକୁ ଉଠୁଥିଲେ, ତାହା ଦଉଡ଼ି ନଥିଲା; ଥିଲା ଏକ ଭୟଙ୍କର ସର୍ପ)। ଚିନ୍ତାମଣି ବିଲ୍ୱମଙ୍ଗଳଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କଲେ। ଘର ଭିତରକୁ ନେଇ ସେବା ଶୁଶ୍ରୂଷା କଲେ। ବିଲ୍ୱମଙ୍ଗଳ ସୁସ୍ଥ ହୋଇ ବସି ଥାଆନ୍ତି। ଏସବୁ ଅବସ୍ଥାକୁ ଚିନ୍ତାମଣି ସହ୍ୟ କରିପାରୁ ନଥିଲେ। ତାଙ୍କର ଏ କାମପ୍ରବଣତାକୁ ଚିନ୍ତାମଣି ଧିକ୍କାର କରି କହିଲେ- 'ରକ୍ତ-ମାଂସରେ ଗଢ଼ା, ପୁତି-ଦୁର୍ଗନ୍ଧମୟ ଏ ତୁଚ୍ଛ ଦେହଟା ପ୍ରତି ତୁମର ଏତେ ଆସକ୍ତି! ଛି! କି କାପୁରୁଷ ତୁମେ! ସେହି ଆସକ୍ତିକୁ ଯଦି ଭଗବତ ଅଭିମୁଖୀ କରାଇ ପାରିଥାନ୍ତ, ତେବେ ତୁମେ ଭଗବାନଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ପାରିଥାନ୍ତ।'



ପଦାରବିନ୍ଦ

ଏହା ଚିନ୍ତାମଣିର କେତେ ପଦ କଥା ନଥିଲା; ଥିଲା ଆଲୋକବର୍ତ୍ତିକା। ବିଲ୍ୱମଙ୍ଗଳର ଚିନ୍ତା-ଚେତନାକୁ ଅନେକ ଦିନ ଧରି ଅନ୍ଧାର ଘାରିଥିଲା। ଚିନ୍ତାମଣି କେବଳ ଜ୍ୟୋତିଟିଏ ଜଳେଇ ଦେଲେ। ବିଲ୍ୱମଙ୍ଗଳଙ୍କର ନିଦ ଭାଙ୍ଗିଦେଲେ। ଚେଇଁ ଉଠିଲେ ବିଲ୍ୱମଙ୍ଗଳ। ସତରେ ସେ ସାମାନ୍ୟ ଦେହଟା ପାଇଁ ସର୍ପକୁ ଦଉଡ଼ି ଭାବିଛନ୍ତି! ଶବକୁ ଭେଳା ଭାବିଛନ୍ତି! ପିତୃ ଶ୍ରାଦ୍ଧରେ ବି କାମାସକ୍ତ ହୋଇଛନ୍ତି! ଅନ୍ତରାତ୍ମା ଧିକ୍କାର କଲା। ମୁହୂର୍ତ୍ତକରେ ଜୀବନର ମୋଡ଼ ବଦଳି ଗଲା। ନର୍କରୁ ନିର୍ମାଲ୍ୟକୁ ଯାତ୍ରା ଆରମ୍ଭ ହେଲା। ଦେହରୁ ଦେହାତୀତକୁ ଯାତ୍ରା ହେଲା। ଦେହ ସୁଖ ଦେଉଥିବା ଚିନ୍ତାମଣି ଚେତନାର ଉତ୍ତରଣ କରିଦେଲେ। ପ୍ରଥମ ଗୁରୁ ପାଲଟି ଗଲେ। ତା'ପରେ ଦୀକ୍ଷା ଗୁରୁ ହେଲେ ଆଚାର୍ଯ୍ୟ ସୋମଗିରି। ଶେଷରେ ବୈଷ୍ଣବ ସନ୍ନ୍ୟାସୀ ସନ୍ଥ ଲୀଳାଶୁକ ନାମରେ ବିଲ୍ୱମଙ୍ଗଳ ପ୍ରସିଦ୍ଧି ଲାଭ କଲେ। ■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଗଢ଼ିଲା ବାଲ୍ୟ ବିବାହ ମୁକ୍ତ ସଚେତନତା ରଥ



**କଙ୍କଡ଼ାହାଡ,୪।୨/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଭାରତ ଗଠନକୁ ସାକାର କରିବା ପାଇଁ ବିଶ୍ୱ ଯୁବ କେନ୍ଦ୍ର ଅନୁଗୁଳ ଓ ଜଷ୍ଟ ରାଇଟ୍ ଫର୍ ଚିଲଡ୍ରେନଙ୍କ ମିଳିତ ଉଦ୍ୟମରେ ୨୦୨୩ ମସିହାଠାରୁ ବାଲ୍ୟ ବିବାହ ନିଷେଧ ଅଭିଯାନ ଚାଲୁ ରହିଛି। ଉକ୍ତ ଅଭିଯାନର ଏକ କାର୍ଯ୍ୟକ୍ରମ ସ୍ୱରୂପ ଆଜି ଗୋଷୀ ଉନୟନ କାର୍ଯ୍ୟାଳୟ କଙ୍କଡ଼ାହାଡ଼ଠାରେ ସଚେତନତା ରଥ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ଅଧକ୍ଷ। ଚାରୁଲତା ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ଗୋଷୀ ଉନୟନ ଅଧିକାରୀ ଯୋଶୋବନ୍ତ ଦେହୁରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜୟନ୍ତୀ ମହାପାତ୍ର, ଆଭା ଅନୁଷ୍ଠାନର ଜିଲ୍ଲା ପ୍ରକଳ୍ପ ସହାୟକ ରାକେଶ ମିଶ୍ର, ଆକାଂକ୍ଷୀ ବ୍ଲକ ଫେଲୋ ସନ୍ଦୀପ୍ତା ସାହୁ, ପଞ୍ଚାୟତ ସମିତି ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ କଙ୍କଡ଼ାହାଡ଼ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଯୁବ କେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଶିଶୁ ସୁରକ୍ଷା ରଥ ଏକମାସ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲା ପରିଦର୍ଶନ କରିବ ଏବଂ ବିଭିନ୍ନ ସ୍କୁଲ କଲେଜ ଗ୍ରାମସ୍ତରରେ ବାଲ୍ୟ ବିବାହ ନିଷେଧ ସଚେତନତା ବାର୍ତ୍ତା ମଧ ଦିଆଯିବ ବୋଲି ପ୍ରକାଶ କରିଥିଲେ। ବିଧାୟକ ତାଙ୍କ ଅଭିଭାଷଣରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନକୁ ସମର୍ଥନ ଜଣାଇ ବିଶ୍ୱ ଯୁବ କେନ୍ଦ୍ରର ଏହି ପ୍ରଚେଷ୍ଟା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ହିଙ୍ଗୁଳା ନୋଡାଲ୍ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

**ତାଳଚେର,୪।୨/ଏନ୍ଏନ୍ଏସ୍:** ତାଳଚେର ବ୍ଲକସ୍ଥିତ ହିଙ୍ଗୁଳା ନୋଡ଼ାଲ ହାଇସ୍କୁଲ୍‌ର ଦ୍ୱାଦଶତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ତାଳଚେର ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ମୁଖ୍ୟ ବକ୍ତା ଭାବରେ ହିଙ୍ଗୁଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବରେ କଳମଛୁଇଁ ପଞ୍ଚାୟତର ସରପଞ୍ଚ ଅନୀଲ କୁମାର ପ୍ରଧାନ, ତାଳଚେର ବ୍ଲକ ଉପାଧକ୍ଷ ଆଞ୍ଚଲ ପ୍ରଧାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମା' ହିଙ୍ଗୁଳା ପାଠାଗାର'ର ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶୁଶାନ୍ତ କୁମାର ଗୋଛାୟତ, ପଞ୍ଚସଖା ଶିକ୍ଷାସେତୁର ସଭାପତି ସମାଜସେବୀ ମୁରଲୀଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ କଳମଛୁଇଁ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରତିମା ତରାଇ, ଗୋବରା କ୍ଲଷ୍ଟରର ସଂଯୋଜକ ଅମୀୟ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ନିଜ ଅଭିଭାଷଣରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ବନ୍ଧରେ ଆଲୋକପାତ କରିବା ସହ କଠିନ ପରିଶ୍ରମ, ପ୍ରଚଣ୍ଡ ନିଷ୍ଠା ଓ ଗଭୀର ଅଧବ୍ୟସାୟ ବଳରେ ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅନୁପମା ବଳ ଓ କ୍ରୀଡ଼ା ଶିକ୍ଷକ ପୁରୁଷୋତ୍ତମ ମହାନ୍ତି ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଚିନ୍ମୟୀ ପ୍ରଧାନ, ଅନୀଲ କୁମାର ନାୟକ, ସନ୍ତୋଷ କୁମାର ଭୋଇ, ଅରୁଣ କୁମାର ବେହେରା, ନନ୍ଦିନୀ ବେହେରା, ସୁଦେଷ୍ଣା ବେହେରା, ତାପକ କୁମାର ଭୁକ୍ତା, ରାଜକିଶୋର ସାହୁଙ୍କ ସମେତ ସୁବାସ ସ୍ୱାଇଁ, ଗୋପବନ୍ଧୁ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।



# ଆର୍‌ଡି ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ



**କେନ୍ଦ୍ରାପଡ଼ା,୪।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ ଅଧିନ ପୁରୁଷୋତ୍ତମପୁର ପଞ୍ଚାୟତର ଏରା ଠାରୁ ନରେନ୍ଦ୍ରପୁର ଭାୟା କହ୍ନେଇପୁର ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକାଦାର ଓ ଆର୍‌ଡି ଡିଭିଜନର ଯନ୍ତ୍ରୀଙ୍କ ମଧରେ ମଧୁଚନ୍ଦ୍ରିକା ହୋଇ ସମସ୍ତ ନୀତିନିୟମକୁ ଦଳିମକଚି ଦିଆଯାଇଛି। ଏନେଇ ଜିଲ୍ଲାପାଳଙ୍କ ନିକଟରେ ପୁରୁଷୋତ୍ତମପୁର ଗ୍ରାମର ବଳରାମ ବେହେରାଙ୍କ ସମେତ କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି ଯେ ପ୍ରକଳ୍ପର ଅଟ୍ଟକଳ ଅନୁଯାୟୀ ଠିକାଦାର କାମ କରୁନାହାନ୍ତି। ରାସ୍ତାର ଯେଉଁସ୍ଥାନରେ ସ୍ଲୋପିଂ ରହିଥିଲା ତାହାକୁ କାଟି ଦିଆଯାଇ ସେହି ମାଟିକୁ ରାସ୍ତା ନିର୍ମାଣରେ ବ୍ୟବହାର କରାଯାଇଛି। ଏହାଦ୍ୱାରା ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖୁବ୍‌ଶୀଘ୍ର ରାସ୍ତାଟି ଭୁଷୁଡି ପଡିବାର ଆଶଙ୍କା ମଧ ସୃଷ୍ଟି ହୋଇଛି। ଏତଦ୍‌ବ୍ୟତିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଥିଲେ ମଧ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିବା ସୂଚନା ଫଳକ ଏପର୍ଯ୍ୟନ୍ତ ସେଠାରେ ଲଗାଯାଇନାହିଁ। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ସଂପୃକ୍ତ ଠିକାଦାର ଓ ଆରଡି ଡିଭିଜନର ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶ୍ରୀ ବେହେରାଙ୍କ ସମେତ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ଜେଇଙ୍କ ସହିତ ଯୋଗାଯୋଗ କରିବାରେ କାମରେ କୌଣସି ଅନିୟମିତତା ହୋଇଥିବା କହିବା ସହିତ ନିର୍ବାହୀଯନ୍ତ୍ରୀ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଲା ପରେ କାର୍ଯ୍ୟରେ ଅନିୟମିତତା ହୋଇଛି କି ନାହିଁ ଜଣାପଡିବ ବୋଲି କହିଛନ୍ତି।

# ବୋଟ୍ ଜବତ, ୧୧ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୪।୨/ଏନ୍ଏନ୍ଏସ୍:** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଦଳ ଦୁଇଟି ଟାପା ବୋଟ ସହ ଗୋଟିଏ ଟୁ-ସିଲିଣ୍ଡର ବୋଟ୍‌କୁ ଜବତ କରିଛି। ମା'ମଙ୍ଗଳା-୩୪୭ ଟାପା ବୋଟ୍‌ରୁ ୩ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି। ସେଥିରୁ ଦୁଇଟି ମନୋଫିଲାମେଟ୍ ଜାଲକୁ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ମୋହନ ଗିରି, ଶ୍ରୀକୃଷ୍ଣ ଜେନା ଓ ବିଜୟ ଦାସ। ଏହି ତିନିଜଣ ମତ୍ସ୍ୟଜୀବୀ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ବୋଲି ଜଣାପଡ଼ଇଛି। ସେହିପରି ଅନ୍ୟତମ ଟାପା ବୋଟ ସମ୍ପତ ସାଗର-୧ରୁ ଗୋଟିଏ ମନୋଫିଲାମେଟ୍ ଓ ଗୋଟିଏ ଚିଙ୍ଗୁଡି ଧରା ଜାଲ ଜବତ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଗୋପାଳ ପରମାଣିକ, ସୁଶୀଲ ବାରୋଇ, ସାଗର ମଣ୍ଡଳ। ଏହି ମତ୍ସ୍ୟଜୀବୀମାନେ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଖାଓ୍ୱାଜା ବାବା-୧ ନାମକ ଟୁ-ସିଲିଣ୍ଡର ବୋଟରୁ ଦୁଇଟି ଚିଙ୍ଗୁଡିଧରା ଜାଲ, ଗୋଟିଏ ମୋତି ଜାଲ, ଦୁଇଟି ତୁଆଡି ଜାଲ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ମୀର ଇତିବାର ଅଲୀ, ମୀର ଅକ୍ତର ଅଲୀ, ମୀର ନୂର ଇସଲାମ ଅଲୀ, ରବୁଲ ଅଲୀ ଖାଁନ, ଏସ୍‌କେ ମଇରୁଦ୍ଦିନ୍। ଏହି ୫ଜଣ ମତ୍ସ୍ୟଜୀବୀ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଗିରଫ ୧୧ଜଣ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୫୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଯୁବକ ଗିରଫ

**ଧର୍ମଶାଳା,୪।୨/ଏନ୍ଏନ୍ଏସ୍:** ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ମଧାହ୍ନ ସମୟରେ ଧର୍ମଶାଳା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅବକାରୀ ବିଭାଗ ୫୭ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଧର୍ମଶାଳା ଥାନା ଚହଟା ଗ୍ରାମର ମମିନ ଖାଁଙ୍କ ପୁଅ ମସିମ ଖାଁ (୪୦)ବୋଲି ଜଣାପଡ଼ିଛି। ପୂର୍ବରୁ ସେ ମଟନ ବ୍ୟବସାୟ କରୁଥିଲେ। ଅବକାରୀ ସୂଚନା ମୁତାବକ ଧର୍ମଶାଳା ଥାନା ଅଞ୍ଚଳରେ ବ୍ୟାପକ ବ୍ରାଉନ୍‌ସୁଗର କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ଆଧାରରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ମଧାହ୍ନ ସମୟରେ ଭାଲୁଖାଇ ରାସ୍ତା ଗୋକର୍ଣ୍ଣେଶ୍ୱର ମନ୍ଦିର ସାମ୍ନାରୁ ମସିମକୁ ଗିରଫ କରିବା ସହିତ ତାହା ପାଖରୁ ଏକ ବାଇକ୍ ଓ ୫୭ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ୭୦ହଜାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ୨୨୫/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଗିରଫ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଇନ୍ସପେକ୍ଟର ସସ୍ମିତା ହୋତା, ଧର୍ମଶାଳା ଅବକରୀ ଥାନା ଅଧିକାରୀ ଏସଆଇ ଶୁଭଶ୍ରୀ ଚକ୍ର, ଏଏସ୍‌ଆଇ ସଂଗ୍ରାମ କୁଅଁରଙ୍କ ସମେତ ୩ ଜଣ କନେଷ୍ଟବଲ୍ ସାମିଲ ଥିଲେ। ତେବେ ଧର୍ମଶାଳା ଥାନା ଅଞ୍ଚଳରେ ଏହିଭଳି ବ୍ରାଉନ୍‌ସୁଗର କାରବାର ହେଉଥିବା ଅଭିଯୋଗ ଆସୁଛି। ଏଥିପ୍ରତି ଅବକାରୀ ବିଭାଗ ଓ ପୁଲିସ ସଚେତନ ହେଲେ ଏହି କାରବାରରେ ଲିପ୍ତ ଅନେକ ବେପାରୀଙ୍କ ପର୍ଦ୍ଦାଫାସ ହୋଇପାରନ୍ତା।

## ଖୁଲମଖୁଲା ଚାଲିଛି ମଦ ବେପାର

# ନିଘୋଡ଼ ନିଦ୍ରାରେ ଅବକାରୀ ବିଭାଗ

**ତାଳଚେର,୪।୨/ଏନ୍ଏନ୍ଏସ୍:** ସରକାରଙ୍କ ଅଜବନୀତି। ମଦ କାରଖାନା ଉପରେ ଚଢ଼ାଉ ନକରିବା ଫଳରେ ଦେଶୀ ହେଉ ଅବା ବିଦେଶୀ ହେଉ ମଦକୁ ଗଳିକନ୍ଦିରେ ଖୁଲମଖୁଲା ଭାବେ କିଛି କୁଚିଆ ବେପାରୀ ବେଆଇନଭାବେ ଘରେ ରଖି ବିକ୍ରି କରୁଥିବାରୁ ଏହାକୁ ସେବନ କରି ବୁଢ଼ା ତ ବୁଢ଼ା ଯୁବକମାନେ ଅଳ୍ପ ବୟସରେ ମୃତ୍ୟୁ ମୁଖରେ ପଡୁଥିବା ସଙ୍ଗୀନ ଅଭିଯୋଗ ଆସିଛି ତାଳଚେର ପୌରପରିଷଦର ୯ନଂଓ୍ୱାର୍ଡ ଏକ ନିର୍ଦ୍ଦିଷ୍ଟ ପଡ଼ାରେ। ଏହି କୁଚିଆ ବେପାରୀମାନେ ଦେଶୀମଦ ଓ ବିଦେଶୀ ମଦ ରିଟେଲରଙ୍କ ଠାରୁ ଚୋରାରେ କମରେଟରେ ଆଣି ଅଧିକା ରେଟରେ ବିକ୍ରି କରି ଦୁଇମହଲା ଏବଂ ତିନିମହଲା କୋଠା ନିର୍ମାଣ କରୁଥିବା ବେଳେ ବିଚରା ଅଭ୍ୟସ୍ତ ମଦୁଆ ମଦ୍ୟପାନ କରି ସଂସାର ଛାରଖାର କରୁଥିବା ସହ ମା'କୋଳରୁ ପୁଅ ଚାଲିଯାଉଥିବା ବେଳେ ତ ଆଉ କିଏ ସ୍ତ୍ରୀକୁ ବିଧବା କରୁଛି। ଏହି ଓ୍ୱାର୍ଡଟି ତାଳଚେର ଟାଉନଥାନା ଠାରୁ ମାତ୍ର ୧୦୦ମିଟର ପରିସରରେ ରହିଛି। ଯଦି ଖୋଦ୍ ଥାନା ଓ ଅବକାରୀ ପାର୍ଶ୍ୱରେ ଏତେଶୟ ମଦ ବିକ୍ରି ଚାଲିଛି ତେବେ ଗାଁଗଣ୍ଡା କଥା ନକହିବା ଭଲ। କୁହାଯାଉଥିବା ବରିଷ୍ଠ ପୁଲିସ୍ ଅଧିକାରୀ ଓ ଅବକାରୀ ବିଭାଗ ସବୁଜାଣି ଅଜଣା କାହିଁକି ? ଏହାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। ତେବେ ତାଳଚେର ଥାନାରେ ଆଇଆଇସି ଦୀର୍ଘବର୍ଷ ରହିବାପରେ ଯଦି ଏଭଳି ପରିସ୍ଥିତି ଉପୁଜେ ତେବେ ଦୋଷ ଦେବା କାହାକୁ। ଏହି ଓ୍ୱାର୍ଡରେ ମଦ୍ୟପାନ କରି ବର୍ଷ ମଧରେ ପ୍ରାୟ ୨୦ରୁ ୨୫ଜଣ ଯୁବକ ଅକାଳରେ ଜୀବନ ହାରିଥିବା ସେହି ଅଞ୍ଚଳରୁ ଶୁଣିବାକୁ ମିଳେ। ତେଣୁ ତୁରନ୍ତ ଏଥିପ୍ରତି ପୁଲିସ୍ ଡିଜି ଓ ଅବାକରୀ କମିଶନର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନଚେତ୍ ଏହି ଓ୍ୱାର୍ଡଟିରେ ଆହୁ ଅଳ୍ପଦିନରେ ପୁରୁଷ ଶୂନ୍ୟ ହେବା ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ।



## ଆଦର୍ଶ ପୋଖରୀ ନିର୍ମାଣରେ ଅନିୟମିତତା ଅଭିଯୋଗ

# ଦଳ, ପଙ୍କ କାଢ଼ି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ୍



**କେନ୍ଦ୍ରାପଡ଼ା,୪।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ବ୍ଲକ୍ କୋରେ ପଞ୍ଚାୟତ ତନାର ଗ୍ରାମରେ ପଞ୍ଚାୟତ ପକ୍ଷରୁ ଏକ ଆଦର୍ଶ ପୋଖରୀ ନିର୍ମାଣ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଘୋଟାଲା ହୋଇଥିବା ଦେଖିବାକୁ ମିଳିଛି। ୨୦୨୩ ମସିହା ଆଜାଦି କି ଅମୃତ ମହୋତ୍ସବ ଯୋଜନାରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ପୋଖରୀ ସରପଞ୍ଚଙ୍କ ପ୍ରତିନିଧି ଏହି ନିର୍ମାଣ କାର୍ଯ୍ୟ କରିଥିଲେ। ଯେଉଁଥିରେକି ଲକ୍ଷ ଲକ୍ଷ ଟଙ୍କା ଘୋଟାଲା ହୋଇଥିବାର ଅଭିଯୋଗ ହୋଇଛି। ନା ଅଛି ପୋଖରୀର ସୌନ୍ଦର୍ଯ୍ୟକରଣ ନା ଭିତ୍ତିଭୂମି କେବଳ ଫଳକ ଏବଂ ସିମେଣ୍ଟ କଂକ୍ରିଟର କିଛି ପାହାଚକୁ ଛାଡିଲେ ପୋଖରୀ ସାରା ଦଳଭର୍ତ୍ତି ନା ପୋଖରୀ ହୁଡାରେ ଆଲୋକୀକରଣ, ପଥର ସ୍ଳବ ବିଛା, କିଛି କାର୍ଯ୍ୟ ନାହିଁ। ନାମକୁ ମାତ୍ର କାମ କରି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସ୍ଥାନୀୟ ସରପଞ୍ଚ ହଡପ କରିଥିବା ଅଭିଯୋଗ ହୋଇଛି। କେବଳ ପୋଖରୀର ସୌନ୍ଦର୍ଯ୍ୟକରଣ ଫଳକ ହିଁ ମୂକସାକ୍ଷୀ। ଆଦର୍ଶ ପୋଖରୀ ଯୋଜନାରେ ପୋଖରୀର ଗଭୀରତା ସହିତ ତଳୁ ଉପର ହୁଡା ଯାଏ ଚର୍ତୁପାର୍ଶ୍ୱ ପଥର ସ୍ଳବ ସହିତ ପୋଖରୀ ହୁଡାରେ ଆଲୋକୀକରଣ, ପାହାଚ ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା ଥାଇ ସୁଦ୍ଧା ସରପଞ୍ଚ ଏ ସବୁକୁ ଉପେକ୍ଷା କରି ନାମକୁ ମାତ୍ର କାମ କରି ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ପୋଖରୀରେ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ସହିତ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

## ଡେରାବିଶ ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ଯୁବ ମହୋତ୍ସବ ଆୟୋଜନ ଯୁବ ପିଢ଼ିଙ୍କୁ ଆଗକୁ ନେବ'




**ଗାନ୍ଦୋଳ,୪।୨/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମିନିଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜିଥିଲା ତୃତୀୟ ସନ୍ଧ୍ୟା। ଆଜିର ସାରସ୍ୱତ ସନ୍ଧ୍ୟାରେ ଯୁବ ମହୋତ୍ସବର ଅଧକ୍ଷ ତେଜେଶ୍ୱର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିଳ୍ପ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଯୁବ ମହୋତ୍ସବ ଆୟୋଜନ ଯୁବ ପିଢ଼ିଙ୍କୁ ଆଗକୁ ନେବା ସହିତ ଦେଶ ବିକାଶରେ ସହାୟତା ହେବ ବୋଲି କହିଥିଲେ। ଏଥିସହିତ ପୁରା କାଳରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀ କପିରି ବାଲି, ସୁମାତ୍ରା, ଇଣ୍ଡୋନେସିଆ ଆଦି ଦେଶକୁ ଯାଇ ସେମାନଙ୍କର ବାଣିଜ୍ୟ କରିବା ସହିତ ଜିଲ୍ଲାକୁ ସମୃଦ୍ଧ କରୁଥିଲେ ସେ ସମ୍ପର୍କରେ ମଧ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମନେପକାଇ ଦେଇଥିଲେ। ଏଥିସହିତ ଆତ୍ମନିର୍ଭର ଭାରତ ହେବାକୁ ସଭାରେ ଉପସ୍ଥିତ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇଡ୍‌କୋ ଅଧିକାରୀ ଡ. ସୁରେଶ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଉପସଭାପତି ବିଜୟ କୁମାର ନାୟକ, ଜିଲ୍ଲା ସମ୍ପାଦିକା ନମିତା ବଳ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ଜେନା, ପାଟକୁରା ମଣ୍ଡଳ ସଭାପତି ଚିତରଞ୍ଜନ ଚୌଧୁରୀ, ରତାଦିଆ ଖଣ୍ଡସାହି ପଂଚାୟତର ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ଜିତେନ୍ଦ୍ର ପଣ୍ଡା, ପ୍ରଧାନମନ୍ତ୍ରୀ ମନ୍‌କିବାତ ସଂଯୋଜକ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବନ୍ଦନାରାଣୀ ରାଉତରାୟ, ଉପସଭାନେତ୍ରୀ ପ୍ରିୟଙ୍କା ଶତପଥି ଓ ପଟ୍ଟାମୁଣ୍ଡାଇ ନଗର ସଭାନେତ୍ରୀ ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇ ମୋହନ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ କହିଥିଲେ। ଏହି ଅବସରରେ ଶ୍ରୀ ପରିଡ଼ା ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ଏବଂ ପ୍ରଦୂଷଣ ମୁକ୍ତ କରିବାର ସଚେତନତା ବାର୍ତ୍ତା ବାଣ୍ଟିବା ସହ ସମସ୍ତ ଅତିଥିମାନଙ୍କୁ ଚାରାବୃକ୍ଷ ପ୍ରଦାନ କରି ସ୍ୱାଗତ କରିଥିଲେ।

# ମହିଳାଙ୍କୁ ଛୁରୀ ଦେଖାଇ ଅଳଙ୍କାର ଲୁଟିଲେ ଦୁର୍ବୃତ୍ତ

**ଧର୍ମଶାଳା,୪।୨/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ଜାରକା ନିକଟସ୍ଥ ବର୍ଜ୍ଜୁନଗର ଠାରେ ସୁନା ସଫା ପାଉଡର ବିକ୍ରି ନାଁରେ ଜଣେ ମହିଳାଙ୍କୁ ଛୁରୀ ଲଗାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସୂଚନା ଅନୁଯାୟୀ, ଜଣେ ଯୁବକ ଆଜି ସକାଳ ୧୦ଟା ବେଳେ ବର୍ଜ୍ଜୁନଗର କଲୋନୀକୁ ବାକରେ ଦୁଇ ଜଣ ଯୁବକ ଆସିଥିଲେ। କଲୋନୀରେ ଥିବା କେତେଜଣଙ୍କ ଘରକୁ ଯାଇ ମହିଳାଙ୍କୁ ପାଉଡର ବିକ୍ରି ପାଇଁ ନିବେଦନ କରିଥିଲେ ମଧ ସେମାନେ ଏହାକୁ କ୍ରୟ କରିନଥିଲେ। ଏହାପରେ ସେଠାରେ ଥିବା ମୀନକେତନ ପଣ୍ଡାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ମୀନକେତନଙ୍କ ପତ୍ନୀ ନିଜ ଚଉଁରା ନିକଟରେ ପୂଜା କରୁଥିବା ଦେଖି ସେମାନେ ସେଟାରେ ଅଟକିଯାଇ ସେମାନେ ପିତଳ ଓ ସୁନା ସାମଗ୍ରୀ ସଫା କରୁଥିବା କହିଥିଲେ ଏବଂ ମହିଳା ଜଣକ ପୂଜା କରୁଥିବା ଏକ ଛୋଟ ତମ୍ବା ଥାଳିଆକୁ ସଫାକରି ଦେଖାଇଥିଲେ। ମହିଳା ଜଣକ ଏକୁଟିଆ ଥିବାରୁ ଘର ପାଚେରୀ ଗେଟ ଖୋଲିନଥିଲେ। ତେବେ ଦଇବାତ ଏହି ସମୟରେ ଖୀରବାଲା ଖିର ନେଇ ଆସିବାରୁ ସେ ଗେଟ ଖୋଲି ଖୀର ରଖିଥିଲେ। ଖୀରବାଲା ପଳାଇଯିବା ପରେ ଦୁଇ ଦୁର୍ବୃତ୍ତ ଘରେ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ମହିଳା ଜଣକ ନିଜ ଘର ମେନ ଡୋର ସାମନାରେ ଛିଡା ହୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଛୁରା ଦେକାଇ ଭୟଭିତ କରିବା ସହିତ ମହିଳାଙ୍କ ହାତରୁ ସୁନା ଚୁଡି ଓ ମୁଦୀ ନେଇ ଫେରାର ହୋଇଯାଇଥିଲେ। ତେବେ ଦୁଇ ଦୁର୍ବୃତ୍ତ ଏକ ଅପାଚି ବାଇକରେ ଆସି ଘର ପାଖରୁ କିଛି ଦୁରରେ ବାଇକ ରଖି ଏଣେତେଣେ ଅନାଉଥିବା ବେଳେ ଉଭୟଙ୍କ ହାତରେ ଦୁ ଗୋଟି ହେଲମେଣ୍ଟ ଧରିଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଏସମ୍ପର୍କରେ ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି ତଦନ୍ତ କରିବା ସହିତ ପଡୋଶୀ ଘରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିବା ସୂଚନା ମିଳିଛି।

## ବନବିଭାଗ ରେଞ୍ଜ୍ କାର୍ଯ୍ୟାଳୟରେ ପୁଲିସର ଦବଙ୍ଗଗିରି ଘଟଣା

# ନିରପେକ୍ଷ ତଦନ୍ତ ପାଇଁ ଚିଠି ଲେଖିଲେ ପ୍ରଧାନ ବନ ସଂରକ୍ଷକ

**ରାଜନଗର,୪।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନବିଭାଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ ସହ ବନକର୍ମଚାରୀଙ୍କୁ ଆକ୍ରମଣାତ୍ମକ ଓ ଅଣପେସାଦାର ଆଚରଣ ଘଟଣା ଉଗ୍ର ରୂପ ଧାରଣ କଲାଣି। ଫରେଷ୍ଟଗାର୍ଡଙ୍କ ଠାରୁ ଓଡିଶା ବନସେବା ସଂଘ ଯାଏଁ ସମସ୍ତେ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଡିବସିଛନ୍ତି। ଚଳିତ ମାସ ୩ତାରିଖରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ କେନ୍ଦ୍ରୀୟ ରେଞ୍ଜ ଆଇଜି, କଟକଙ୍କୁ ଚିଠି ଲେଖି ଘଟଣାର ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଣାଇଥିଲେ। ଆଜି ପ୍ରଧାନ ମୁଖ୍ୟ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଚିଠି ନମ୍ବର ୨୨୫୬/୦୪-୦୨- ୨୦୨୬ ରିଖରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରିବା ସହ ନିରପେକ୍ଷ ତଦନ୍ତ କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କ ଠାରୁ ଆରମ୍ଭ କରି ପ୍ରଧାନ ବନ ସଂରକ୍ଷକଙ୍କ ଯାଏଁ ଘଟଣାକୁ ଗୁରୁତର ସହ ନେଇଥିବାରୁ ଆଇଆଇସିଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି। ଜାନୁଆରୀ ୨୧ ତାରିଖ ଦିନ ରାଜନଗର ବନବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଷଣ୍ଢପଲ୍ଲୀ କେନାଲ ରୋଡରୁ ବିରଳ ବଜ୍ରକାପ୍ତା କାଟି ଚୋରା କାରବାରେ କରୁଥିବା ଆନ୍ତରାଜ୍ୟ ୩ ଜଣ ବେପାରୀଙ୍କୁ ଧରିଥିଲା। ୩ ଅଭିଯୁକ୍ତଙ୍କୁ ରାଜନଗର ରେଞ୍ଜ କାର୍ଯ୍ୟାଳୟ ଭିତରେ ଏସିଏଫ ଗଗନ କୁମାର ମଲ୍ଲିକ ପଚରାଉଚରା କରୁଥିଲେ। ବିନା ପୂର୍ବ ସୂଚନାରେ ଅଚାନକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପହଞ୍ଚି ଅଭିଯୁକ୍ତଙ୍କୁ କାହିଁକି ମୋତେ ନଜଣାଇ ମୋ ଥାନା ଏରିୟାରୁ ଉଠାଇ ଆଣିଲ କହି ବର୍ଷିଥିଲେ। ଏପରିକି ମିଛ ମାମଲାରେ ଛନ୍ଦି ଦେବାକୁ ଏସିଏଫଙ୍କୁ କହି ଧମକ ଦେଇଥିଲେ। ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ସଚିବଙ୍କୁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧର ଆଇନଗତ ତଦନ୍ତ ସମୟରେ, ସୂଚୀ-୧ ପ୍ରଜାତିର ବଜ୍ରକାପ୍ତା ଅବୈଧ ଭାବେ ରଖିବା ଏବଂ ବାଣିଜ୍ୟ ସହିତ ଜଡିତ ଘଟଣାରେ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର କୌଣସି ପୂର୍ବ ସୂଚନା ବିନା ବନ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଏବଂ ଅଣ ପେସାଦାର ଆଚରଣ ପ୍ରଦ ପ୍ରଦର୍ଶନ କରିଥିଲେ। ଯାହା ଫଳରେ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ବନ କର୍ମଚାରୀ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରିଥିଲା। ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କ ବିଶ୍ୱାସକୁ ଗୁରୁତର ଭାବରେ ପ୍ରଭାବିତ କରିବ ବୋଲି ସଂଘର ଦାବି ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଡକାୟତ ଯୋଜନା ପଣ୍ଡ, ୪ ଗିରଫ

**ଯାଜପୁରରୋଡ,୪।୨/ଏନ୍ଏନ୍ଏସ୍:** ଯାଜପୁରରୋଡ଼ ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଦେଇଛି। ଯାହାକି ସୋବରା ନିକଟରୁ ୪ ଦୁର୍ବୃତ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ କୋରେଇ ଥାନା ପୂର୍ବକୋଟ ଗ୍ରାମର ମାଇକେଲ ଗଣପତି, ଅର୍ଜୁନ ଦାସ, କାଳି ଦାସ ଓ ଗଞ୍ଜାମ ଜିଲା ଆସ୍କା ଥାନା ବସଷ୍ଟାଣ୍ଡ ଅଞ୍ଚଳର ଏମ୍ ଅଜୟ ବୋଲି ଜଣାପଡ଼ିଛି। ପ୍ରକାଶ, ଯାଜପୁରରୋଡ ଥାନା ଅନ୍ତର୍ଗତ ଶୋବରା ଗ୍ରାମ ପଡିଆରେ ୪ଜଣ ବସି ଡକାୟତ ପାଇଁ ଯୋଜନା କରୁଥିଲେ। ପୁଲିସ କୌଣସି ସୁତ୍ରରୁ ଖବରପାଇ ଘଟଣାସ୍ଥଳରେ ଅତର୍କିତ ଚଢାଉ କରି ଯୋଜନା ପଣ୍ଡ କରିବାରେ ସଫଳ ହୋଇଥିଲେ। ଡକାୟତଙ୍କ ନିକଟରୁ ଖଣ୍ଡା, ଛୁରୀ ଓ କିଛି ମାରଣାସ୍ତ୍ର ସହ ତିନୋଟି ମଟର ସାଇକେଲ ଯବତ କରିଛି। ସେପଟେ ତଦନ୍ତ ପରେ ଆଜି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ମହାପ୍ରଭୁଙ୍କ ଶରଣରେ ...

କରିଥିଲେ। ପ୍ରାୟ ୨୦ ମିନିଟ୍ ଗର୍ଭଗୃହରେ ଉପସ୍ଥିତ ଥିଲେ ମହାମହିମ। ରାଷ୍ଟ୍ରପତି ନିଜେ ଦୀପ ଲଗାଇ ମହାପ୍ରଭୁଙ୍କୁ ଆରାଧନା କରିଥିଲେ। ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ନାଟମଣ୍ଡପ ଦେଇ ପ୍ରବେଶ ସମୟରେ ସ୍ୱସ୍ତୀୟ ବ୍ରାହ୍ମଣଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପରେ ରାଷ୍ଟ୍ରପତି ମୁକ୍ତିମଣ୍ଡପକୁ ଯାଇ ବ୍ରାହ୍ମଣଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ସେ ଦେବୀ ବିମଳା, ମା' ଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ରାଷ୍ଟ୍ରପତିଙ୍କର ମଙ୍ଗଳ କାମନା କରାଯାଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ଆଜି ନୀଳଚକ୍ରରେ ପତିତପାବନ ବାନା ଲାଗି କରାଯାଇଥିଲା। ପରେ ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ ସମୟରେ ବାଇଶି ପାହାଚରେ କିଛି ସମୟ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ପରେ ରାଷ୍ଟ୍ରପତିଙ୍କୁ ସିଂହଦ୍ୱାର ଠାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପହାର ସ୍ୱରୂପ ମହାପ୍ରଭୁଙ୍କ ଶୁଖିଲି ଭୋଗ, ଖଣ୍ଡୁଆ ଏବଂ ମହାପ୍ରଭୁଙ୍କ ସୁନାବେଶର ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା। ପଟ୍ଟଚିତ୍ରରେ ସୁନାବେଶ ଚତୁଃପାର୍ଶ୍ୱରେ ଦଶଅବତାରଙ୍କ ଚିତ୍ର ଅଙ୍କିତ କରାଯାଇଛି। ରାଷ୍ଟ୍ରପତି ଶ୍ରୀଜୀଉମାନଙ୍କୁ ଦର୍ଶନ ସମୟରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ମଧୁସୂଦନ ସିଂହାରୀ, ରାମ ନାରାୟଣ ଗୋଛିକାର, କୃଷ୍ଣଚନ୍ଦ୍ର ସାମନ୍ତରା, ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ନିଜେ କିଛି ବାଟ ପାଖାପାଖି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ହୋଇଥିବା ଶ୍ରଦ୍ଧାଳୁଙ୍କୁ ହାତହଲାଇ ଅଭିବାଦନ ଗ୍ରହଣ କରିଥିଲେ ଓ ଛୋଟ ଛୋଟ ପିଲା ମାନଙ୍କୁ ଚକୋଲେଟ ବଣ୍ଟନ କରିଥିଲେ। ଏହାପରେ ରାଷ୍ଟ୍ରପତି ଲୋକଭବନରେ ପହଞ୍ଚି କିଛି ସମୟ ବିରତି ନେବା ପରେ ହେଲିପ୍ୟାଡ ଅଭିମୁଖେ ପ୍ରସ୍ଥାନ କରିଥିଲେ। ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ।

ସକାଳ ୬ ଟାରୁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ରାଷ୍ଟ୍ରପତି ମହାପ୍ରଭୁଙ୍କ ଦର୍ଶନ ସାରି ସକାଳ ୮ ଟା ୧୦ ରେ ବାହାରିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମହାମହିମ ରାଷ୍ଟ୍ରପତି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିବାରୁ ପୁରୀ ଜିଲ୍ଲା ପ୍ରଶାସନ ସହିତ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନେ ବେଶ୍ ଖୁସିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରକାଶ କରିଥିଲେ। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ଚତୁର୍ଥ ଥର ପାଇଁ ପୁରୀ ଗସ୍ତରେ ଆସିଥିଲେ। ପୂର୍ବରୁ ୨୦୨୨ରେ ରାଷ୍ଟ୍ରପତି ହେବା ପରେ ଶ୍ରୀମନ୍ଦିରକୁ ପ୍ରଥମ ଥର ପାଇଁ ଆସିଥିଲେ। ପରେ ୨୦୨୪ ରଥଯାତ୍ରା ଏବଂ ୨୦୨୪ ଡିସେମ୍ବର ୪ରେ ପୁରୀରେ ହୋଇଥିବା ନ୍ୟାଭି ସୋରେ ପୁରୀ ଗସ୍ତରେ ଆସିଥିଲେ।

### ଆଦିବାସୀଙ୍କ ଆର୍ଥିକ ବିକାଶ ...

ହିଁ ସବୁଠାରୁ ଗରିବ ଲୋକଙ୍କ ଉନ୍ନତିର ଲକ୍ଷ୍ୟ ହାସଲ କରାଯାଇପାରିବ। ସମସ୍ତ ସରକାରୀ କଲ୍ୟାଣ ଓ ବିକାଶମୂଳକ ଯୋଜନାର ଲାଭ ଆଦିବାସୀ ସମ୍ପ୍ରଦାୟକୁ ଯୋଗାଇ ଦେବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମସ୍ତଙ୍କୁ ସେହି ଯୋଜନାଗୁଡ଼ିକର ଲାଭ ଉଠାଇ ଅନ୍ୟମାନଙ୍କୁ ସଚେତନ କରିବାକୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ଏହା ସ୍ଥାନୀୟ ବିକାଶ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଯୋଗଦାନ କରିବ। ଶେଷରେ ଏହା ଦେଶର ବିକାଶକୁ ଆଗେଇ ନେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଆମ ସଂକଳ୍ପ କେବଳ ସରକାର ଏବଂ ନାଗରିକଙ୍କ ସାମୂହିକ ପ୍ରୟାସ ଦ୍ୱାରା ପୂରଣ ହେବ ବୋଲି ରାଷ୍ଟ୍ରପତି ଜୋର ଦେଇ କହିଥିଲେ।

ପ୍ରକାଶ ଯେ ଦିବା ୧୧.୧୦ ମିନିଟରେ ରାଇରଙ୍ଗପୁର ଦଣ୍ଡବୋଷ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କ ହ୍ୟାଲିକେପ୍ଟର ଅବତରଣ କରିଥିଲା। ପରେ ରାଷ୍ଟ୍ରପତି ସେଠାରୁ ସଡ଼କପଥରେ ରାଇରଙ୍ଗପୁର ସ୍ଥିତ କେନ୍ଦ୍ର ସରକାରଙ୍କ ଦ୍ୱାରା ନବନିର୍ମିତ ହୋଲିଡେ ହୋମ ଅଭିମୁଖେ ଯାତ୍ରାକରି ହୋଲିଡେ ହୋମ ଉଦଘାଟନ କରିଥିଲେ। ପରେ ମହାମହିମ ମହୁଲଡିହା ସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ଭଞ୍ଜବୀର ସୁନାରାମ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଲୋକାର୍ପଣ କରିଥିଲେ। ଏହାପରେ ରାଷ୍ଟ୍ରପତି ପୁର୍ଣ୍ଣେଶ୍ୱର ମହାଦେବ ମନ୍ଦିର ଦର୍ଶନ ଓ ପୂଜା କରିଥିଲେ। ତିନିଜଣ ପୂଜକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମହାମହିମ ପୂଜା ପରେ ମନ୍ଦିରରେ ଝାଡୁ ମାରିଥିଲେ। ରାଷ୍ଟ୍ରପତି ଏହି ମହାଦେବ ମନ୍ଦିରରେ ପୂର୍ବରୁ ନିୟମିତ ସେବା ପୂଜା କରୁଥିଲେ। ସେହିପରି ଯେତେବେଳେ ବିଜେପି ତାଙ୍କ ନାମ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଘୋଷଣା କରିଥିଲା ସେତେବେଳେ ସେ ଏହି ମନ୍ଦିରରେ ଝାଡୁ ମାରିଥିଲେ। ଯାହାର ଦୃଶ୍ୟ ସେତେବେଳେ ଗଣମାଧ୍ୟମରେ ବେଶ ଚର୍ଚ୍ଚିତ ହୋଇଥିଲା। ପୁର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜା ସାରି ଫେରିବା ବାଟରେ ପ୍ରଟୋକଲ ଭାଙ୍ଗି ପିଲାଙ୍କୁ ଚକଲେଟ ବାଣ୍ଟିଥିଲେ ମହାମହିମ ରାଷ୍ଟ୍ରପତି। ଏହାପରେ ରାଇରଙ୍ଗପୁର ସ୍ଥିତ ବ୍ରହ୍ମାକୁମାରୀ କେନ୍ଦ୍ରକୁ ଯାଇ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରୁ ମହୁଲଡିହା ସ୍ଥିତ ନିଜ ବାସ ଭବନକୁ ଯାଇଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ ଓ ବିଶ୍ରାମ ପରେ ଅପରାହ୍ଣ ୪ଘଟିକାରେ କଚେରୀ ପଡ଼ିଆରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପୁଣି ହୋଲି ଡେ ହୋମ ଆସି ବିଭିନ୍ନ ବର୍ଗର ଲୋକଙ୍କ ସହ ଭେଟ କରିବା ପରେ ନିଜ ବାସ ଭବନକୁ ପ୍ରତ୍ୟାବର୍ତ୍ତନ କରି ରାତ୍ରି ଯାପନ କରିଥିଲେ। ଗୁରୁବାର ମହାମହିମ ଘରେ ଜଳଖିଆ କରି ସକାଳ ୯ ଘଟିକାରେ ନିଜ ଶଶୁର ଘର ଗାଁ ପାହାଡ଼ପୁର ଅଭିମୁଖେ ଗସ୍ତ କରିବେ। ଅପରାହ୍ଣ ୧ଟା ୧୦ମିନିଟ ସମୟରେ ରାଇରଙ୍ଗପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ବାସ ଭବନକୁ ଫେରି ବିଶ୍ରାମ ନେବେ। ପୁଣି ଅପରାହ୍ଣ ୩ଘଟିକାରେ ଦାଣ୍ଡବୋଷ ଆସି ହେଲିକ୍ୟାପ୍ଟର ଯୋଗେ ବାହାରି ଯଶିପୁର ଗସ୍ତ କରି ସେଠାରୁ ସ୍ୱତନ୍ତ୍ର ଗାଡିରେ ସଡ଼କ ପଥରେ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବେ। ଶିମିଳିପାଳ ବୁଲିବା ସହ ଗୁରୁଗୁଡ଼ିଆ ଠାରେ ରାତ୍ର ଭୋଜନ କରି ରାତ୍ରିଯାପନ ମଧ୍ୟ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କେବଳ ମୟୂରଭଞ୍ଜ ଜିଲ୍ଲାରେ ୪୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରା ଯାଇଛି।

### ଆତ୍ମହତ୍ୟା କଲେ ...

କୋରିଆନ ଗେମରେ ଏତେ ବୁଡ଼ି ଯାଇଥିଲେ ଯେ ସେମାନଙ୍କୁ ସବୁ କିଛି କୋରିଆ ଭଳି ଲାଗୁଥିଲା। ସେମାନେ ନିଜେ ନିଜର କୋରିଆନ ନାଁ ଦେଇଥିଲେ। ମଝିଆଁ ଭଉଣୀ ପ୍ରାଚୀ ସବୁଥିରେ ନେତୃତ୍ୱ ନେଉଥିଲା। ସେହିପରି ଏହି ଆପ୍‌ରେ ଥିବା ଭୟଙ୍କର ଗେମ ପାଇଁ ସେ ହିଁ ଦୁଇ ଭଉଣୀଙ୍କୁ ପ୍ରବର୍ତ୍ତାଇଥିଲା। ୩ ଝିଅ ମୋବାଇଲରେ ସବୁବେଳେ ବୁଡ଼ି ରହୁଥିବାରୁ କିଛି ଦିନ ତଳେ ପରିବାର ଲୋକ ଏହା ଉପରେ କଟକଣା ଲଗାଇଥିଲେ ବୋଲି ଚେତନ କୁମାର କହିଛନ୍ତି।

ତଦନ୍ତକାରୀ ଅଧିକାରୀମାନେ ୩ ଭଉଣୀ ଛାଡ଼ି ଯାଇଥିବା ହାତ ଲେଖା ଚିଠି ଓ ଗୋଟିଏ ଡାଏରୀ ଉପରେ ଏବେ ଫୋକସ କରିଛନ୍ତି। ହାତ ଲେଖା ଚିଠିରେ ଲେଖାଯାଇଛି ଯେ "ଏହି ଡାଏରୀରେ ଯାହା ବି କିଛି ଲେଖାଯାଇଛି ସେସବୁ ପଢ଼ନ୍ତୁ। କାରଣ ଏଥିରେ ଲେଖାଯାଇଥିବା କଥା ସବୁ ସତ। ଏବେ ପଢ଼ନ୍ତୁ। ମୁଁ ବହୁତ ଦୁଃଖିତ। ସରି ପାପା।"

### ୫୪୫୧ ନିଖୋଜ ...

କେନ୍ଦୁଝର ୧୬୧ ଜଣ, ସୁନ୍ଦରଗଡ ୧୩୫ ଜଣ, କଟକ ସହରାଞ୍ଚଳ ୧୩୪, କଳାହାଣ୍ଡି ୧୩୩ ଜଣ, ନୟାଗଡ଼ ୧୨୭ ଜଣ, ବାଲେଶ୍ୱର ୧୨୫ ଜଣ, ମୟୂରଭଞ୍ଜ ୧୧୯ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ଅଟେ।

### କ୍ୟାଡର୍ ମାଓବାଦୀର ...

ଯୋଡ଼ା ମାଓ ୟୁନିଫର୍ମ, ଦୁଇ ମିଟର ଲାଲ କପଡା, ଗୋଟିଏ ତାରପୋଲିନ୍ ଏବଂ ବ୍ୟାଟେରୀ ସହିତ ଏକ ଟର୍ଚ୍ଚଲାଇଟ୍ ଜବତ କରାଯାଇଛି। ବର୍ତ୍ତମାନ ଆତ୍ମସମର୍ପଣ ପରେ ତାକୁ ସରକାରୀଙ୍କ ନିୟମ ଅନୁଯାୟୀ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଏସପି ସୂଚନା ଦେଇଛନ୍ତି।

### ଟ୍ରେଲରକୁ ପିଟିଲା ଟ୍ରକ୍ ...

କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାକେଶ ଏବଂ ପଙ୍କଜଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ମୃତକଙ୍କ ପରିବାର ଲୋକେ ସୋର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ





**ଗଣିଆ,୪।୨/ଏନ୍‌ଏନ୍‌ଏସ୍:** ଗଣିଆ ଥାନା ଅନ୍ତର୍ଗତ ବେଲପଡ଼ା ମଲିକସାହି ଗ୍ରାମର ଜଣେ ନିଖୋଜ ସ୍କୁଲ ଛାତ୍ରଙ୍କ ମୃତଦେହ ବୁଧବାର ପୁଲିସ ଉଦ୍ଧାର କରିଛି। ମୃତ ଛାତ୍ର ଜଣକ ହେଲେ ବିଜୟ ମଲ୍ଲିକଙ୍କ ପୁଅ ଭୋଳାନାଥ ମଲ୍ଲିକ (୧୦)। ମିଳିଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଭୋଳାନାଥ ବିଦ୍ୟାଳୟକୁ ଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବା ପରେ ଶିକ୍ଷୟିତ୍ରୀ ମନୀଷା ସେନାପତିଙ୍କୁ କହି ବାହାରକୁ ଶୌଚ ହେବାପାଇଁ ଯାଇ ସ୍କୁଲକୁ ଫେରି ନଥିଲା। ଅପରାହ୍ଣ ୪ଟାରେ ଭୋଳା ଘରକୁ ନ ଫେରିବାରୁ ପରିବାର ଲୋକେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଗଣିଆ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ଛାତ୍ର ଜଣଙ୍କର କୌଣସି ସନ୍ଧାନ ପାଇପାରି ନଥିଲେ। ବୁଧବାର ସକାଳେ ଗ୍ରାମ ନିକଟରେ ଥିବା ଏକ କୂଅରେ ଚପଲ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଓ ପରିବାର ଲୋକେ ପୁଲିସ ଖବର ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ କୂଅରୁ ମୃତ ଦେହ ଉଦ୍ଧାର କରିଥିଲେ। ମୃତ ଛାତ୍ରର ଡାହାଣ ପାଖ କାନ ପାଖରେ ଆଘାତ ହୋଇ ରକ୍ତ ବାହାରୁଥିବା ଦେଖି ହତ୍ୟା ସନ୍ଦେହ କରି ଗଣିଆ ବଜାରର ମୁଖ୍ୟ ରାସ୍ତାରେ ଶବ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ପହଞ୍ଚି ବୁଝାସୁଝା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ରାସ୍ତା ଅବରୋଧ ହଟିଥିଲା। ଘଟଣା ସ୍ଥଳରେ ସନ୍ଧାନି କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଖବର ପାଇ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ, ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଦୁଇଜଣ ଶିକ୍ଷୟିତ୍ରୀ ମନୀଷା ସେନାପତି ଓ ଶୈଳବାଳା ଦେଈଙ୍କୁ ନିଲମ୍ବନ କରିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ସ୍କୁଲରେ ଶୌଚାଳୟ ଥାଇ ସମ୍ପୃକ୍ତ ଶିକ୍ଷୟିତ୍ରୀ କିଭଳି ଛାତ୍ର ଜଣକୁ ବାହାରକୁ ଶୌଚ ପାଇଁ ପଠାଇଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଏଡିପିଓ ମଦନ ମୋହନ ପ୍ରଧାନଙ୍କୁ ପଚାରିବାରୁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି। ତଦନ୍ତ ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ନନ୍ଦିଘୋର ଚାମ୍ପିଅନ୍ ଟ୍ରଫି: ଆଜି ପ୍ରଥମ ସେମି ଫାଇନାଲ୍



**ଓଡ଼ଗାଁ,୪।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ନନ୍ଦିଘୋର ଚାମ୍ପିଅନ୍ ଟ୍ରଫି -୨୦୨୬ର ବୁଧବାର ୪ର୍ଥ ଦିବସର ୭ମ ଲିଗ୍ ମ୍ୟାଚରେ ମଶାବାରୀ ସହିତ ପାଣ୍ଡେରିପଡା ଟିମ୍ ମଧ୍ୟରେ ମୁକାବିଲା ହୋଇଛି। ପାଣ୍ଡେରିପଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ୍ ସଂଗ୍ରହ କରିଥିଲେ।ବିପକ୍ଷରେ ମଶାବାରୀ ଟିମ୍ ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୬ ରନ୍ ସଂଗ୍ରହକରି ପରାଜିତ ହୋଇଥିଲେ। ପାଣ୍ଡେରିପଡ଼ା ଦଳର ଶଙ୍କର ଏକାକୀ ୧୮ ରନ୍ ସଂଗ୍ରହ କରିବା ସହିତ ୪ଟି ଉଇକେଟ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚହେବା ସହିତ ଟ୍ରଫି ହାସଲ କରିଥିଲେ। ୮ମ ଲିଗ୍ ମ୍ୟାଚ ଆୟୋଜକ ନନ୍ଦିଘୋର ଟିମ୍ ସହିତ ବାହାଡାଝୋଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନନ୍ଦିଘୋର ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ ଆରମ୍ଭ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୪୭ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷରେ ବାହାଡାଝୋଲା ଟିମ୍ ସେହି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ମାତ୍ର ୧୪୮ ରନ୍ ସଂଗ୍ରହକରି ବିଜୟ ଲାଭ କରିଥିଲେ। ଉକ୍ତ ମ୍ୟାଚରେ ବାହାଡାଝୋଲା ଟିମ୍ ର ବିକାଶ ଏକାକୀ ୬୪ ରନ୍ ସଂଗ୍ରହକରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇ ଟ୍ରଫି ଗ୍ରହଣ କରିଥିଲେ। ଆଜିର ମ୍ୟାଚକୁ ଆଦର୍ଶ,ପ୍ରମୋଦ ଓ ସପନା ପରିଚାଳନା କରିଥିବାବେଳେ ଆସନ୍ତାକାଲି ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ ପଞ୍ଚିରିଡା ମାନପୁର ଟିମ୍ ଓ ଶାଳଝରିଆ ମଧ୍ୟରେ ଅନୁଷ୍ଠିତ ହେବବୋଲି ନନ୍ଦିଘୋର କ୍ରିକେଟ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଘୋଷଣା



**ସାଲେପୁର,୪।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲିମିଟେଡ଼ ସାଲେପୁର ଶାଖାର ୧୭ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ସାଲେପୁର ଶାଖାର ବ୍ରାଞ୍ଚ ମ୍ୟାନେଜର ସୁକାନ୍ତ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମବାୟବିତ୍ ତଥା କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲିମିଟେଡ଼ ର ସଭାପତି ପ୍ରମୋଦ କୁମାର ସାହୁ ଯୋଗ ଦେଇ ସାଲେପୁର ଶାଖାର ସମସ୍ତ ଅଧିକାରୀ, କର୍ମଚାରୀ, ଏଜେଣ୍ଟ ଓ ଗ୍ରାହକମାନଙ୍କୁ ସ୍ୱାଗତ ଜଣାଇବା ସହିତ ରଣ ନେଇ ଠିକ ସମୟରେ ପରିଶୋଧ କରିଥିବା ପଦ୍ମିନୀ ବେହେରା ଏବଂ ରଶ୍ମିରଞ୍ଜନ ନନ୍ଦଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଯେଉଁ ଗ୍ରାହକ ରଣ ନେଇ ଠିକ ସମୟରେ ରଣ ପରିଶୋଧ କରିବେ ସେମାନଙ୍କୁ ବ୍ୟାଙ୍କ ତରଫରୁ ମାଗଣାରେ ଏକ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ସି ଜି ଏମ (ଏଫ ଆଣ୍ଡ ଏ) ମନୋଜ କୁମାର ସାହୁ, ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶ ଙ୍କ ସମେତ ଶାଖାର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାୟାକଳ୍ପ ଟିମ୍

**ବେଗୁନିଆ,୪।୨/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପରିଦର୍ଶନ କରିଛନ୍ତି ତିନି ଜଣିଆ କାୟାକଳ୍ପ ଟିମ୍। ପ୍ରଥମେ ଏହି ଟିମ୍ ଔଷଧୀୟ ବଗିଚା, ଜୈବ ବର୍ଜ୍ୟ ବସ୍ତୁର ପୃଥକୀକରଣ କେନ୍ଦ୍ର, ସମନ୍ୱିତ ପରୀକ୍ଷାଗାର, ଅସ୍ତ୍ର ପରୀକ୍ଷାଗାର, ପ୍ରସୂତି ବିଭାଗ, ମଣ୍ଡଳ ଟିକାକରଣ, ସ୍ତନ୍ୟପାନ କକ୍ଷ, ଅନ୍ତଃ ବିଭାଗ, ଦନ୍ତ ବିଭାଗ, ଡ୍ରେସିଂ ରୁମ୍, ଓ୍ୱାସ ରୁମ୍ ପରିଦର୍ଶନ କରିଥିଲେ। ଯଦିଓ ସ୍ୱାସ୍ଥ୍ୟ କେନ୍ଦ୍ର ର ପରିସର ସଫା ସୁତୁରା ଥିଲା, ତଥାପି ସଫେଇ କର୍ମଚାରୀଙ୍କୁ ସଫାସୁତୁରା ବିଷୟରେ ପ୍ରଶ୍ନ ପଚାରି ଥିଲେ। ଶେଷରେ ସ୍ୱାସ୍ଥ୍ୟ କେନ୍ଦ୍ରର ରେକର୍ଡ ଯାଞ୍ଚ କରିଥିଲେ। କେତେ ପଞ୍ଜିକରଣ ହୋଇଛି , କେତେ ରୋଗୀ ଚିକିତ୍ସିତ ହୋଇଛନ୍ତି, ସମସ୍ତ ତଥ୍ୟ ବୁଝିଥିଲେ। କାୟାକଳ୍ପ ଟିମ୍‌କୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଦେବାଶିଷ ଆଚାର୍ଯ୍ୟ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଦି ଏକ୍ସଲେନ୍ସ ଟ୍ୟୁଟୋରିଆଲ୍‌ରେ ଛାତ୍ର ଅଶାନ୍ତି



**ଦଶପଲ୍ଲା,୪।୨/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ଦୁର୍ଗାବଜାର କଲୋନୀରେ ଥିବା ଦି ଏକ୍ସଲେନ୍ସ ଟ୍ୟୁଟୋରିଆଲ୍ ଥିବା ଛାତ୍ରାବାସରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କୁ ଶିକ୍ଷକ ଓ ଓ୍ୱାର୍ଡେନ ଗାଳିଗୁଲଜ ସହ ସେମାନଙ୍କ ପିତାମାତାଙ୍କୁ ଗାଳିଗୁଲଜ କରାଯାଉଛି। ଏପରିକି ଗତ କିଛିଦିନ ତଳେ ଜଣେ ଛାତ୍ରର ଟଙ୍କା ଚୋରି ହୋଇଥିବା ଛାତ୍ର ଜଣକ ଅଭିଯୋଗ ହୋଇଥିଲେ ମଧ୍ୟ ଟ୍ୟୁଟୋରିଆଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଇ ଓଲଟି ଛାତ୍ରଙ୍କୁ ଗାଳି କରିଥିଲେ। ଏହାକୁ ନେଇ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଦଶପଲ୍ଲା ଥାନାରେ ଛାତ୍ର ମାନେ ପହଞ୍ଚି ଏହି ଅଭିଯୋଗ କରିଛନ୍ତି ଏବଂ ଛାତ୍ର ମାନଙ୍କ ଅଭିଭାବକ ମାନଙ୍କୁ ଡକାଯାଇଥିବା ଦଶପଲ୍ଲା ଥାନାରୁ ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଗତ କିଛିମାସ ତଳେ ସ୍ଥାନୀୟ ମହାବୀର ବିଦ୍ୟାମନ୍ଦିର ଟ୍ୟୁଟୋରିଆଲ୍‌ରେ ଜଣେ ଛାତ୍ରକୁ ଅନ୍ୟ ତିନିଜଣ ସିନିୟର ଛାତ୍ର ମାଡ଼ ମାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏବେ ଦି ଏକ୍ସଲେନ୍ସ ଟ୍ୟୁଟୋରିଆଲ୍‌ରେ ଛାତ୍ରଙ୍କୁ ଅସଭ୍ୟ ଗାଳିଗୁଲଜକୁ ନେଇ ଚର୍ଚ୍ଚା ହେଉଛି। ତେବେ ଆଗକୁ ଏହି ଛାତ୍ରମାନଙ୍କ ଅଭିଯୋଗ କଣ ହେଉଛି ତାହା ଦେଖିବାକୁ ବାକି ରହିଛି ।

### ଭ୍ୟାନ୍‌ରେ ଷ୍ଟାର୍ ...

ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକରେ ନୂତନ ଅଭିଜ୍ଞତା ଆଣିଦେବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ବାବୁ ସିଂ କହିଛନ୍ତି ଯେ ଏହାଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ପରିବ୍ୟାପ୍ତ ହେବା ସହ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ। ସରକାରଙ୍କ ଏହି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କହିଥିଲେ ଯେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ପର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ। ଯାହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତ୍ତିକ ଆନନ୍ଦ ପ୍ରଦାନ କରିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥି ପାଇଁ ରାଜ୍ୟର ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡ଼ି, ଦେଓମାଳି, ତାଳସାରି, ପେଣ୍ଠ, ମଙ୍ଗଳାଯୋଡ଼ି, ଯିରାଙ୍ଗ ଏବଂ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ୍ ଟୁରିଜିମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ପର୍ଯ୍ୟଟନ ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ଅଧିନରେ ସ୍ୟାଣ୍ଡ ଏବଂ ପେବେଲ ଟୁରସ୍ ସଂସ୍ଥା ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ପ୍ରଥମେ ଏହି କାରାଭନ ବାଲେଶ୍ୱରର ତାଳସାରୀ ଯିବ। ପ୍ରଥମେ ଯାତ୍ରା କରୁଥିବା ଦମ୍ପତି ଅନ୍ନଦା ପ୍ରସାଦ ପାଢୀ ଏବ ଅର୍ଚ୍ଚନା ପାଢୀଙ୍କୁ ଟିକେଟ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୂପମା ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ।

### ମଣିପୁରରୁ ହଟିଲା ...

ଦିଲ୍ଲୀର ମଣିପୁର ଭବନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶପଥ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ନାଗା ପିପୁଲ୍ସ ଫ୍ରଣ୍ଟର ବିଧାୟକ ଆଜିର ଶପଥ ସମାରୋହରେ ନିଜ ପଦ ପାଇଁ ଶପଥ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ମଣିପୁରର କୌଣସି ମହିଳା ବିଧାୟିକା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେବାରେ ନେମ୍‌ଚା ପ୍ରଥମ। ଫେବ୍ରୁଆରୀ ୯, ୨୦୨୫ରେ ମଣିପୁରରେ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଯୋଗୁଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂହ ଇସ୍ତଫା ଦେଇଥିଲେ। ସେ ଇସ୍ତଫା ଦେବାର ମାତ୍ର ୪ ଦିନ ପରେ ପରେ ଅର୍ଥାତ୍ ଫେବ୍ରୁଆରୀ ୧୩, ୨୦୨୫ରେ ରାଜ୍ୟବ୍ୟାପୀ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ସେବେଠାରୁ ଏଠାରେ ରାଷ୍ଟ୍ରପତି ଶାସନ ଜାରି ରହିଥିବା ବେଳେ ଆସନ୍ତା ୧୨ରେ ଏହାର ଅବଧି ଶେଷ ହେବାକୁ ଥିଲା। ତେବେ ବିଜେପି ଏଠାରେ ସରକାର ଗଢ଼ିବାକୁ ନେଇ ରାଷ୍ଟ୍ରପତିଙ୍କୁ ଆଶ୍ୱସ୍ତ କରିବା ପରେ ରାଷ୍ଟ୍ରପତି ମଧ୍ୟ ନୂଆ ସରକାର ଗଠନ କରିବାକୁ ମଞ୍ଜୁରି ଦେଇଥିଲେ। ପରିଣାମ ସ୍ୱରୂପ ରାଷ୍ଟ୍ରପତି ଶାସନ ଅବଧି ଶେଷ ହେବାର ୮ ଦିନ ପୂର୍ବରୁ ହିଁ ବିଜେପି ଏଠାରେ ନିଜ ସହଯୋଗୀ ଦଳଙ୍କ ସହ ଆଲୋଚନା ମାଧ୍ୟମରେ ଏକ ସ୍ଥିର ସରକାର ଗଠନ କରିବାରେ ସଫଳ ହୋଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ପଦରେ ଆସୀନ ବ୍ୟକ୍ତି ଉଭୟ ମୈତେଇ ଏବଂ କୁକି ସମ୍ପ୍ରଦାୟରୁ ପ୍ରତିନିଧିତ୍ୱ କରୁଥିବାରୁ ଆଗାମୀ ଦିନରେ ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ହିଂସାତ୍ମକ ଆକ୍ରୋଶ ସମ୍ଭାବନା ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

### ନିଜ ପକ୍ଷ ନିଜେ ...

ଯୁକ୍ତି ବାଢ଼ିଥିଲେ। ମମତାଙ୍କ ଯୁକ୍ତି ମଧ୍ୟରେ ଆଗକୁ ଯେତେବେଳେ ବିଧାନସଭା ନିର୍ବାଚନ ଆଉ ମାତ୍ର ୨ ମାସ ବାକି ରହିଛି ସେତେବେଳେ କାହିଁକି ଏପ୍ରକାର ଏସ୍‌ଆଇଆର୍ ପ୍ରକ୍ରିୟା କରାଯାଉଛି। ଏସବୁ କିଛି ଦୁଇ ବର୍ଷ ପୂର୍ବରୁ କାହିଁକି କରାଗଲାନାହିଁ। ଏତଦ୍‌ବ୍ୟତୀତ ଦୀର୍ଘ ୨୪ ବର୍ଷ ଧରି ଚୁପ୍ ରହିବା ପରେ ତରବରିଆ ଭାବେ ମାତ୍ର ୩ ମାସରେ ଏହାକୁ ସମାପ୍ତ କରିବାକୁ କାହିଁକି ଏତେ ବ୍ୟସ୍ତତା କାହିଁକି ପ୍ରକାଶ କରୁଛି ନିର୍ବାଚନ ଆୟୋଗ। ମାତ୍ରାଧିକ କାର୍ଯ୍ୟ ଚାପ ଯୋଗୁ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ନିର୍ବାଚନ ଆୟୋଗଙ୍କ ଏପ୍ରକାର ଜବରଦସ୍ତିଆ କାର୍ଯ୍ୟକ୍ରମ ଯୋଗୁ ବିଏଲ୍‌ଓ (ବ୍ଲକ୍ ସ୍ତରୀୟ ଅଧିକାରୀ)ମାନେ ପ୍ରାଣ ହରାଉଛନ୍ତି। ସେହିପରି ଆସାମ ଏବଂ ଉତ୍ତର ପୂର୍ବ ରାଜ୍ୟରେ ଅନୁପ୍ରବେଶକାରୀଙ୍କ ସମସ୍ୟା ସର୍ବାଧିକ ଥିବାବେଳେ କେବଳ ପଶ୍ଚିମବଙ୍ଗକୁ ହିଁ କାହିଁକି ଟାର୍ଗେଟ୍ କରାଯାଉଛି। ମମତା ଏହି ଅବସରରେ ଦାବି କରିଥିଲେ ଯେ, ନାମ ମେଳ ନହେବା ନେଇ ଜାରି ନୋଟିସ ପ୍ରତ୍ୟାହାର କରାଯିବା ଉଚିତ୍। ସେହିପରି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମଧ୍ୟ ଜବାବ ଦିଆଯାଇଥିଲା।

ଅନ୍ୟପକ୍ଷେ ଉଭୟ ପକ୍ଷର ଯୁକ୍ତି ତର୍କ ତଥା ଜବାବ ଶୁଣିବା ପରେ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ଆଜି ପୁନର୍ବାର ଏକ ନୋଟିସ୍ ଜାରି କରିଛନ୍ତି। ଅନ୍ୟପକ୍ଷେ ଖଣ୍ଡପୀଠ ମମତାଙ୍କ ଦାବି ଉପରେ କହିଛନ୍ତି, 'ସମସ୍ତ ନୋଟିସ୍ ପ୍ରତ୍ୟାହାର କରିବା ଅବାସ୍ତବ। ତେବେ ନାମ ବନାନ ତ୍ରୁଟି ପାଇଁ ନିର୍ବାଚନ କମିଶନ ନୋଟିସ୍ ଜାରି କରିବା ଉଚିତ୍ ନୁହେଁ। ନିର୍ବାଚନ କମିଶନ ମଧ୍ୟ ଏହାର ଅଧିକାରୀମାନଙ୍କୁ ସମ୍ବେଦନଶୀଳ ହେବାକୁ ନିର୍ଦ୍ଦେଶ ଦେବା ଉଚିତ୍। ଯଦି ରାଜ୍ୟ ସରକାର ବଙ୍ଗଳା ଏବଂ ସ୍ଥାନୀୟ ଉପଭାଷା ଜାଣିଥିବା ଲୋକଙ୍କ ଏକ ଦଳ ଯୋଗାଇ ଦିଅନ୍ତି, ଯେଉଁମାନେ ତଦନ୍ତ କରି ନିର୍ବାଚନ କମିଶନଙ୍କୁ ଜଣାଇପାରିବେ ଯେ ସ୍ଥାନୀୟ ଉପଭାଷା ଯୋଗୁଁ ତ୍ରୁଟି ହୋଇଛି, ତେବେ ଆମେ ଏକ ସମାଧାନ ପାଇବୁ। ଏଥିପାଇଁ ପ୍ରକୃତ ଭୋଟରମାନଙ୍କୁ ବାଦ ଦିଆଯିବା ଉଚିତ୍ ନୁହେଁ। ପ୍ରକୃତ ଲୋକଙ୍କ ନାମ ଭୋଟର ତାଲିକାରେ ରହିବା ଉଚିତ୍। ତେବେ ମମତାଙ୍କ ଆବେଦନ ଉପରେ ଖଣ୍ଡପୀଠ ଫେବୃଆରୀ ୯ ସୁଦ୍ଧା ନିର୍ବାଚନ କମିଶନ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ଜବାବ ମାଗିଛନ୍ତି।

ସୂଚନାଯୋଗ୍ୟ ମମତା ବାନାର୍ଜୀ, ରାଜନୀତିକୁ ଆସିବା ପୂର୍ବରୁ ହାଇକୋର୍ଟରେ ଜଣେ ଆଡଭୋକେଟ୍ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ମମତା ବାନାର୍ଜୀଙ୍କ ପାଖରେ ଏଲ୍‌ଏଲ୍‌ବି ଡିଗ୍ରୀ ଅଛି। ମମତା ବାନାର୍ଜୀଙ୍କ ନିର୍ବାଚନୀ ଶପଥପତ୍ର ଅନୁଯାୟୀ, ୧୯୭୯ ମସିହାରେ କୋଲକାତା ବିଶ୍ୱବିଦ୍ୟାଳୟରୁ ଏମ୍‌ଏ ସମାପ୍ତ କରିବା ପରେ, ସେ ଯୋଗେଶ ଚନ୍ଦ୍ର ଚୌଧୁରୀ କଲେଜ (କୋଲକାତା)ରୁ ୧୯୮୨ ମସିହାରେ ଏଲ୍‌ଏଲ୍‌ବି ଡିଗ୍ରୀ ସମାପ୍ତ କରିଛନ୍ତି। ସୁତରାଂ ମମତା ବାନାର୍ଜୀ ଜଣେ ବରିଷ୍ଠ କିମ୍ବା ଦୀର୍ଘକାଳୀନ ଓକିଲ ହୋଇନଥିଲେ ମଧ୍ୟ ସେ ଜଣେ ଆଇନ ସ୍ନାତକ ଏବଂ କୋର୍ଟର କାର୍ଯ୍ୟଧାରା ଏବଂ ସାମ୍ବିଧାନିକ ପ୍ରକ୍ରିୟା ବୁଝୁଥିବା ବ୍ୟକ୍ତିତ୍ୱ ଏହାକୁ ଅସ୍ୱୀକାର କରାଯାଇପାରିବନି।

## ଚନ୍ଦ୍ରଭାଗାରେ ଅଲିଭ୍‌ରିଡ୍‌ଲେ ଅଣ୍ଡା ସଂଗ୍ରହ

**କୋଣାର୍କ,୪।୨/ଏନ୍‌ଏନ୍‌ଏସ୍:** ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିନ ପୁରୀ ବନ୍ୟପ୍ରାଣୀ ବନ୍ୟାଞ୍ଚଳ ଡିଭିଜନ୍‌ର ଚନ୍ଦ୍ରଭାଗା ସମୁଦ୍ରକୂଳରେ ଥିବା ଅସ୍ଥାୟୀ କଇଁଛ ସୁରକ୍ଷା ପ୍ରଜନନ କେନ୍ଦ୍ର ପକ୍ଷରୁ ୪ଟି ସେଗମେଣ୍ଟ୍ କଅଁରପୁର, ଚନ୍ଦ୍ରଭାଗା, ଦଣ୍ଡଧାଡ଼ିଆ ଓ ରାମଚଣ୍ଡୀ ଅସ୍ଥାୟୀ କଇଁଛ ସୁରକ୍ଷା ଓ ପ୍ରଜନନ କେନ୍ଦ୍ରରୁ ସଂଗ୍ରହ ହୋଇଛି। ୨୦ ଟି ବସା ମଧ୍ୟରୁ ସମୁଦାୟ ୨୧୯୪ ଟି ଅଲିଭିରିଡେଲେ କଇଁଚ ଅଣ୍ଡା ଆଜିସୁଧା ସଂଗୃହିତ ହୋଇଛି। ଏହି ଅଣ୍ଡା ଗୁଡିକୁ ଛୁଆ ଫୁଟିବା ପାଇଁ ବନବିଭାଗର କଇଁଚ ପ୍ରଜନନ କେନ୍ଦ୍ରରେ ବାଲିରେ ସୁରକ୍ଷିତ ଭାବେ ପୋତାହୋଇ ରଖାଯାଇଛି। ପ୍ରଥମଥର ପାଇଁ ପୁରୀ ବନ୍ୟପ୍ରାଣୀ ଡିଭିଜନରେ ପ୍ରାଥମିକ ଭାବେ କଅଁରପୁର ସେଗମେଣ୍ଟ୍‌ରୁ ସଂଗୃହିତ ୧୨୪ଟି ଅଣ୍ଡା ମଧ୍ୟରୁ ଛୁଆ ଜନ୍ମ ନେବା ଆରମ୍ଭ ହୋଇଛି। ଆଗୁଆ ୮୦ଟି ଅଣ୍ଡାରୁ ଛୁଆ ଫୁଟିଛି। ଏହି ଛୁଆଗୁଡ଼ିକୁ ବନ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷିତ ଭାବେ ଚନ୍ଦ୍ରଭାଗା ଗଭୀର ସମୁଦ୍ର ମଧ୍ୟକୁ ଛଡ଼ାଯାଇଛି ବୋଲି କୋଣାର୍କ ବନଖଣ୍ଡ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେଉରୀ ପ୍ରକାଶ କରିଛନ୍ତି।

## ବାଇକ୍ ପାଇ ଚୋରକୁ କ୍ଷମା ଦେଲେ

**ମୁଣ୍ଡମୁହାଣ,୪।୨/ଏନ୍‌ଏନ୍‌ଏସ୍:** ଇନ୍‌ଫୋଭାଲି ଥାନା ଅଞ୍ଚଳରେ ଏକ ଭିନ୍ନ ଘଟଣା ଘଟିଛି। ଜଣେ ଚୋରକୁ କ୍ଷମା କରିଛନ୍ତି ଅଭିଯୋଗକାରୀ। ଛତାବର ପଞ୍ଚାୟତର ଅରିସଳ ଗ୍ରାମର ହରେକୃଷ୍ଣ ପୁରର ରମେଶଙ୍କର ଓଡ଼ି ୩୩ ଜେ ୪୫୩୭ ହିରୋ ଗ୍ଲାମର ବାରକ୍ ବିଲ କରରେ ରଖିଦେଇ କୌଣସି କାମରେ ବିଲକୁ ଯାଇଥିବାବେଳେ ହଠାତ୍ ବିଲରୁ ଫେରି ଦେଖନ୍ତି ତାଙ୍କ ବାଇକ୍ ନାହିଁ। ସେ ଏ ବାବଦରେ ଇନ୍‌ଫୋଭାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ସେ ଖୋଜା ଖୋଜି କରିବାରୁ ସନ୍ଧ୍ୟାବେଳକୁ ଜଟଣୀ ହରି ଭାଇନା ଛକରେ ବୁଲୁଥିବାବେଳେ ରାତି ପ୍ରାୟ ୮ଟା ସମୟରେ ଦେଖିବାକୁ ପାଇଲେ ଜଣେ ଯୁବକ ତାଙ୍କ ଗାଡ଼ି ନେଇଯାଇଛି। ସେ ନିଜ ଗାଡ଼ି ଦେଖି ଉକ୍ତ ଯୁବକଙ୍କୁ ଧରି ପକାଇଥିଲେ। ଯୁବକଟି ଓହ୍ଲାଇ ବାଇକ୍ ଚାଳକଙ୍କୁ କାକୁତି ମିନତି ହୋଇ ଗୋଡ଼ ହାତ ଧରିଥିଲେ। ନିଜ ଗାଡ଼ି ପାଇ ବାଇକ୍ ଚାଳକ ଯୁବକଙ୍କୁ କ୍ଷମା କରି ଛାଡ଼ି ଦେଇଥିଲେ ।

## ପ୍ରେରଣା

**୧୯୯୯ରେ ପାକିସ୍ତାନ ଆମ ଦେଶ ସହିତ ବିଶ୍ୱାସଘାତକତା କରିଥିଲା। ଆତଙ୍କବାଦୀ ବେଶରେ ପାକିସ୍ତାନୀ ସେନାର ଯବାନମାନେ ଶୀତଦିନେ ନିୟନ୍ତ୍ରଣ ରେଖା (ଏଲ୍ଓସି) ଅତିକ୍ରମ କରି କାରଗିଲ୍‌ରେ ଭାରତୀୟ ଚୌକିଗୁଡ଼ିକ ଉପରେ କବ୍‌ଜା କରିବାରେ ସଫଳ ହୋଇଥିଲେ। ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ଭାରତ ଏକ ବିଶାଳ ସୈନ୍ୟ ଅଭିଯାନ ଆରମ୍ଭ କରିଥିଲା ଯାହାର ନାମ ରଖାଯାଇଥିଲା-ଅପରେସନ୍ ବିଜୟ। ୧୯୯୯ରେ ହୋଇଥିବା କାରଗିଲ୍ ଯୁଦ୍ଧରେ ଭାରତୀୟ ସେନାର ଯବାନମାନେ ଅସାଧାରଣ ଶୌର୍ଯ୍ୟର ପ୍ରଦର୍ଶନ କରିଥିଲେ। ଭାରତୀୟ ସେନାଙ୍କର ଅଧିକାରୀ ଓ ସୈନିକମାନେ ଦେଖାଇଥିବା ଅତୁଳନୀୟ ବୀରତାର କାହାଣୀଗୁଡ଼ିକୁ ଆମେମାନେ ଶୁଣିଥିବା ଯେଉଁଥିରେ କ୍ୟାପ୍ଟେନ ବିକ୍ରମ ବତ୍ରା, କ୍ୟାପ୍ଟେନ ମନୋଜ ପାଣ୍ଡେ ଓ କ୍ୟାପ୍ଟେନ ଅନୁଜ ନାୟାର ସାମିଲ ଅଛନ୍ତି ଯେଉଁମାନଙ୍କର କାହାଣୀ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗେଇଛି। ଏମାନଙ୍କ ସହିତ ଏପରି ଜଣେ ଅଧିକାରୀ ଥିଲେ ଯିଏ ଦୁଇଟି ମୋର୍ଚ୍ଚାକୁ ନେଇ ଯୁଦ୍ଧ ଲଢ଼ିଥିଲେ-ଜଣେ ମା' ଭାବରେ ଓ ଜଣେ ସୈନିକ ଭାବରେ। ସେହି ସାହସୀ ମହିଳା ଜଣକ ହେଉଛନ୍ତି ଯଶିକା ହଟୱ୍ୱାଲ୍ ତ୍ୟାଗୀ ଯିଏ କାରଗିଲ୍ ଯୁଦ୍ଧ ସମୟରେ ଗର୍ଭବତୀ ଥିଲେ।**

# ଯଶିକା ହଟୱ୍ୱାଲ୍ ତ୍ୟାଗୀ



ଉତ୍ତରାଖଣ୍ଡର ଡେରାଡୁନ୍‌ର ଏକ ସୈନ୍ୟ ପରିବାରରେ ଜନ୍ମଗ୍ରହଣ କରିଥିଲେ ଯଶିକା ହଟୱ୍ୱାଲ୍। ତାଙ୍କ ପିତା ଭାରତୀୟ ସେନାରେ ଥିଲେ ଜଣେ କର୍ଣ୍ଣେଲ୍। ୧୯୬୨, ୧୯୬୫ ଓ ୧୯୭୧ରେ ହୋଇଥିବା ଯୁଦ୍ଧର ସେ ଜଣେ ଅନୁଭବୀ ସୈନିକ ଥିଲେ ଯାହାଙ୍କର ସେବା ସମୟରେ ଦେହାନ୍ତ ହୋଇଯାଇଥିଲା। ପିତାଙ୍କ ଠାରୁ ପ୍ରେରଣା ପାଇ ଓ ତାଙ୍କ ନିଧନ ପରେ ପରିବାରକୁ ଯେଉଁ ସମ୍ମାନ ମିଳିଥିଲା ସେସବୁ ଦେଖିବା ପରେ ଯଶିକାଙ୍କ ଭିତରେ ବର୍ଦ୍ଦି ପିନ୍ଧିବାର ଆଗ୍ରହ ସୃଷ୍ଟି ହୋଇଥିଲା। ସେତେବେଳେ ଯଶିକା ଥିଲେ ମାତ୍ର ସାତ ବର୍ଷର। ଶିକ୍ଷା ସମାପ୍ତ ହେବା ପରେ ଯଶିକା ଭାରତୀୟ ସେନାରେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେ ସର୍ଭିସେସ୍ ସିଲେକ୍ସନ୍ ବୋର୍ଡ (ଏସ୍ଏସ୍‌ବି)ର ଇଣ୍ଟରଭିଉ ପାସ୍ କରି ୧୯୯୪ରେ ଚେନ୍ନାଇରେ ସ୍ଥିତ ଅଫିସର୍ସ ଟ୍ରେନିଂ ଏକାଡେମୀରେ ସାମିଲ ହୋଇଗଲେ। ସେ ହେଉଛନ୍ତି ଭାରତୀୟ ସେନାର ପ୍ରଥମ ଅଧିକାରୀ ଯାହାଙ୍କୁ ଲେହ/କାରଗିଲ୍‌ର ବର୍ଫିଲା ପାହାଡ଼ିଆ କ୍ଷେତ୍ରରେ ନିଯୁକ୍ତ କରାଯାଇଥିଲା। ଏହାପରେ ମହିଳାମାନେ ପୁରୁଷମାନଙ୍କ ପରି ବର୍ଦ୍ଦି ପିନ୍ଧି ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ସକ୍ଷମ ହୋଇପାରିବେ କି ବୋଲି ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ୧୯୯୫ରେ ନିଜର ପ୍ରଥମ ଆସାଇନ୍‌ମେଣ୍ଟ ଭାବରେ ଯଶିକା ସବୁଠାରୁ ବଡ଼ ଏକ ଆହ୍ୱାନପୂର୍ଣ୍ଣ ପୋଷ୍ଟିଂର ଚୟନ କରିଥିଲେ। 'ଅପରେସନ୍ ବିଜୟ' ଯାହାକୁ କାରଗିଲ୍ ଯୁଦ୍ଧ ନାମରେ ସମସ୍ତେ ଜାଣନ୍ତି ଯେଉଁଥିରେ ସକ୍ରିୟ ଭାବରେ ଭାଗ ନେଇଥିଲେ ଯଶିକା। ଏଥିରେ ଯଶିକା ଲଜିଷ୍ଟିକ୍ ପ୍ରତିଷ୍ଠାନ, ଗୁଳି-ବାରୁଦ ଡିପୋ ଓ ଅନ୍ୟ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକର ସଫଳତାପୂର୍ବକ ପର୍ଯ୍ୟବେକ୍ଷଣ କରିଥିଲେ ଯେଉଁଠାରେ କୌଣସି ପ୍ରକାରର ନିୟମ ଉଲ୍ଲଙ୍ଘନର କୌଣସି ଅପ୍ରିୟ ଘଟଣା ଘଟି ନଥିଲା। ସେ ଏହି କ୍ଷେତ୍ରରେ କାମ କରି ପୁରୁଷପ୍ରଧାନ ସମାଜକୁ ଏକ ନୂଆ ପରିଚୟ ଦେଇଥିଲେ। ଲଜିଷ୍ଟିକ୍ସ କାମରେ ଯବାନମାନଙ୍କୁ ଆବଶ୍ୟକ ଅନୁସାରେ ଗୁଳି-ବାରୁଦ, କପଡ଼ା, ଜୋତା ଆଦି ଦିଆଯାଏ। ସ୍ଥାନେ ସ୍ଥାନେ ଲଜିଷ୍ଟିକ୍ସ ପଏଣ୍ଟ ରହିଥିଲା। କାରଗିଲ୍ ଯୁଦ୍ଧରେ ଏପରି ଏକ ସମୟ ଆସିଥିଲା ଯେତେବେଳେ ବଡ଼ ସଂଖ୍ୟାରେ ସୈନିକମାନେ ସହିଦ ହେଉଥିଲେ। ଏପରି ସମୟରେ ଉପରୁ ନିର୍ଦ୍ଦେଶ ଆସିଥିଲା ଅଗ୍ରୀମ ୫୦ ତାବୁତ ପ୍ରସ୍ତୁତ କରି ରଖିବା ପାଇଁ। କିନ୍ତୁ ଯଶିକା କହିଥିଲେ ଯେ ଯବାନ ଭାଇମାନଙ୍କ ପାଇଁ ପୂର୍ବରୁ ତାବୁତ ପ୍ରସ୍ତୁତ କରି ରଖିହେବ ନାହିଁ। ଯଦି ଆବଶ୍ୟକ ହୁଏ ଅଧ ଘଣ୍ଟା ଭିତରେ ତାବୁତ ପ୍ରସ୍ତୁତ କରାଯିବ।

୧୯୯୫ରେ ଯଶିକା ତାଙ୍କର ଜଣେ ସାଥି ସେନା ଅଧିକାରୀଙ୍କୁ ବିବାହ କରିଥିଲେ ଓ ୧୯୯୬ରେ ଏକ ପୁତ୍ର ସନ୍ତାନକୁ ସେ ଜନ୍ମ ଦେଇଥିଲେ। ଯଶିକାଙ୍କ ଛୋଟ ଭଉଣୀ ଭାରତୀୟ ବାୟୁସେନା (ଆଇଏଏଫ୍)ରେ ସେବା ଦେଇଥିଲେ ଓ ତାଙ୍କ ବଡ଼ ଭଉଣୀ ଭାରତୀୟ ନୌସେନା ସହିତ ସମ୍ବନ୍ଧିତ ଜଣେ ଡାକ୍ତର ଭାବରେ କାର୍ଯ୍ୟରତ ଥିଲେ। ତେବେ ଲେହରେ ଦୁଇ ବର୍ଷ କର୍ତ୍ତବ୍ୟ ସମ୍ପାଦନ କରିବା ପରେ ଯଶିକାଙ୍କର କାର୍ଯ୍ୟକାଳ ସମାପ୍ତ ହେବାକୁ ଥିବାବେଳେ କାରଗିଲ୍ ଯୁଦ୍ଧ ଆରମ୍ଭ ହୋଇଗଲା। ଯଶିକା ଏଥିରେ ନିଜର ଅସାଧାରଣ ସାହସର ପରିଚୟ ଦେଇ ନିଜ ଦାୟିତ୍ୱ ନିର୍ବାହ କରିଥିଲେ। ସେ ସମୟରେ ଦ୍ୱିତୀୟ ଥର ସେ ଗର୍ଭବତୀ ଥିଲେ ଓ ଗର୍ଭାବସ୍ଥାର ତୃତୀୟ ମାସ ଚାଲିଥିଲା। ଗର୍ଭାବସ୍ଥା ସମୟରେ କାର୍ଯ୍ୟନିର୍ବାହ କରିବା ପୁଣି ଯୁଦ୍ଧ ସମୟରେ ଏହା ସହଜ କାମ ନଥିଲା। କିନ୍ତୁ ସେ ନିଜ ପୋଷ୍ଟରେ ଯାଇ ଦେଶ ପାଇଁ କାମ କରିବାକୁ ନିଷ୍ପତ୍ତି ନେଇଥିଲେ। ଗର୍ଭାବସ୍ଥା ଓ ଯୁଦ୍ଧର କଠିନ ପରିସ୍ଥିତି ସମୟରେ ନିଜ କର୍ତ୍ତବ୍ୟରେ ଯୋଗଦାନ ଦେଇ ସେ ନିଜ ସାହସର ପରିଚୟ ଦେଇଥିଲେ। ସେନାରୁ ଅବସର ଗ୍ରହଣ କରିବା ପରେ ରକ୍ଷା ମନ୍ତ୍ରଣାଳୟର ଜଣେ ପ୍ରୋଜେକ୍ଟ ଡାଇରେକ୍ଟର ଭାବରେ କାର୍ଯ୍ୟ କରିଥିଲେ ଯଶିକା। ଏବେ କ୍ୟାପ୍ଟେନ ଯଶିକା ତ୍ୟାଗୀ ଜଣେ ପ୍ରେରକ ବକ୍ତା ଓ ଶୌର୍ଯ୍ୟ ଟେଲ୍ସ ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ପରିଚାଳିତ କରୁଛନ୍ତି। ଏଥିରେ ସେ ଭାରତୀୟ ଯବାନମାନଙ୍କର ବୀରତାର କାହାଣୀ ଶୁଣାଇ ଥାଆନ୍ତି। ଏହା ସହିତ ସୋସିଆଲ୍ ମିଡିଆ ଚ୍ୟାନେଲଗୁଡ଼ିକ ମାଧ୍ୟମରେ ସେ ରକ୍ଷା କ୍ଷେତ୍ରର ପ୍ରତ୍ୟାଶୀମାନଙ୍କ ପାଇଁ ନିୟମିତ ଭାବରେ ଏସ୍ଏସ୍‌ବି ପ୍ରଶିକ୍ଷଣ ଶିବିରର ଆୟୋଜନ କରିଥାନ୍ତି।

ଜଣେ ଅଧିକାରୀ ଭାବରେ ଦେଶର ସୀମାରେ ଓ ଯୁଦ୍ଧ ସମୟରେ ଦୁଇଟି ମୋର୍ଚ୍ଚା ସହିତ ଲଢ଼ିବା ତାଙ୍କର ଦେଶଭକ୍ତିର ପରିଚୟ ଦେଉଛି। ଏହା ସହିତ ବାଧାବିଘ୍ନଗୁଡ଼ିକୁ ଅତିକ୍ରମ କରିବା, ସାହସର ନୂଆ ପରିଭାଷା ସୃଷ୍ଟି କରିବା ଓ ଆଗାମୀ ପିଢ଼ିର ମହିଳାମାନଙ୍କୁ ଭାରତୀୟ ସୀମାରୁ ଅଧିକ ସ୍ୱପ୍ନ ଦେଖିବା ପାଇଁ ପ୍ରେରିତ କରୁଛି। ଯଶିକାଙ୍କ କାହାଣୀ ଆଖିରେ ଲୁହ ଭରିଦେବା ସହିତ ମନରେ ଗର୍ବ କରିବାର ଅବସର ଦେଉଛି। ଆଜି 'ଅପରେସନ୍ ସିନ୍ଦୂର'ରେ ଭାଗ ନେଇଥିବା ମହିଳା ଅଧିକାରୀ ଶୋଫିଆ କୁରେଶୀ, ବ୍ୟୋମିକା ସିଂହଙ୍କ କାହାଣୀ ଶୁଣିଲେ ମନେହୁଏ ଯେ ମହିଳାମାନେ ଆଜିର ସମୟରେ ପୁରୁଷମାନଙ୍କ ଠାରୁ କୌଣସି କ୍ଷେତ୍ରରେ ପଛରେ ନାହାନ୍ତି। ବର୍ତ୍ତମାନ ସମୟରେ ଦେଶର ସୈନ୍ୟ କ୍ଷେତ୍ରରେ ମହିଳା ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ହେଉଛି। ୨୦୨୩ରେ ଜାରି କରାଯାଇଥିବା ଏକ ଆକଳନ ଅନୁସାରେ ଭାରତୀୟ ସେନାରେ ୭,୦୦୦ ମହିଳା ଅଧିକାରୀ ଅଛନ୍ତି ଓ ୧,୬୦୦ ମହିଳା ବାୟୁସେନାର ଅଂଶବିଶେଷ ହୋଇ ରହିଛନ୍ତି। ଆଗାମୀ ଦିନରେ ଏହି କ୍ଷେତ୍ରରେ ଆହୁରି ବଡ଼ ସଂଖ୍ୟାରେ ମହିଳାମାନଙ୍କର ଯୋଗଦାନ ରହିବ ଓ ଅନେକ ଶୌର୍ଯ୍ୟ କାହାଣୀ ଭାରତୀୟ ସୈନ୍ୟ ଇତିହାସରେ ଲେଖାଯିବ ଏଥିରେ ସନ୍ଦେହ ନାହିଁ।

# ଡିଜିଟାଲ୍ ସେଫ୍ଟି ଟିପ୍‌ସ

ହଷ୍ଟେଲ୍ ଜୀବନ ନୂଆ ଦୋସ୍ତି ଓ ସୁନେଲି ସ୍ୱପ୍ନ ଦେଖିବାର ପ୍ରାରମ୍ଭିକ ସମୟ। କିନ୍ତୁ ଏକ ଛୋଟ ଭୁଲ୍ ଏହି ସ୍ୱପ୍ନକୁ ନାଇଟ୍‌ମେୟର୍‌ରେ ବଦଳେଇ ଦେଇପାରେ। ହଷ୍ଟେଲ ଜୀବନରେ କେବେ କେବେ ମୋବାଇଲ୍ ଡାଟାର ଅପବ୍ୟବହାର କରାଯାଏ। ସେଥିପାଇଁ ଝିଅମାନେ ସତର୍କ ରହିବା ଉଚିତ। ଡିଜିଟାଲ୍ ଦୁନିଆରେ ନିଜର ସୁରକ୍ଷାକୁ ସେମାନେ ହାଲୁକା ଭାବରେ ନନେଇ ନିଜ ସୁରକ୍ଷା ପ୍ରତି ସଚେତନ ରହିବା ଉଚିତ। ଏଥିପାଇଁ କେତୋଟି ଟିପ୍‌ସକୁ ଆପଣାଇ ପାରିଲେ ଆପଣଙ୍କର ଡିଜିଟାଲ୍ ପ୍ରାଇଭେସୀକୁ ମଜଭୁତ କରି ରଖିପାରିବେ।

## ହଷ୍ଟେଲ ଜୀବନରେ ସୁରକ୍ଷା

**ୱାଇ-ଫାଇର ବ୍ୟବହାର-** ହଷ୍ଟେଲ୍‌ରେ ଗୋଟିଏ ୱାଇ-ଫାଇ କନେକ୍ସନ୍‌ରେ ଅନେକ ଝିଅ ଯୋଡ଼ିହୋଇ ରହିଥାନ୍ତି। ଏପରି ଖୋଲା ନେଟ୍‌ୱାର୍କରେ ହ୍ୟାକର୍ସଙ୍କ ନଜର ରହିଥାଏ। ସେମାନେ ସହଜରେ ସେମାନଙ୍କର ତଥ୍ୟଗୁଡ଼ିକୁ ଚୋରେଇ ନିଅନ୍ତି।

**ଟିପ୍‌ସ-ଏଥିପାଇଁ ହଷ୍ଟେଲ୍‌ର ୱାଇ**-ଫାଇରେ ବ୍ୟାଙ୍କ କାମ, ଅନ୍‌ଲାଇନ୍ ସର୍ଫିଂ ବା ବ୍ୟକ୍ତିଗତ ଆକାଉଣ୍ଟ୍‌ସ ଲଗ୍-ଇନ୍ କରନ୍ତୁ। ଆବଶ୍ୟକ ପଡ଼ିଲେ ଭିପିଏନ୍‌ର ବ୍ୟବହାର କରି ନିଜ ଡାଟାଗୁଡ଼ିକୁ ସୁରକ୍ଷିତ ରଖିପାରିବେ।

**ଫୋନ୍‌ରେ ଲକ୍ ପକାନ୍ତୁ-**ନିଜ ଫୋନ୍ ଓ ଲ୍ୟାପଟପ୍‌ରେ ସବୁବେଳେ ଫିଙ୍ଗର୍‌ପ୍ରିଣ୍ଟ ବା ଫେସ୍‌ଲକ୍ ଲଗାଇ ରଖନ୍ତୁ। କେବଳ ଫୋନ୍‌ରେ ନୁହେଁ, ନିଜ ଗ୍ୟାଲେରୀ ଓ ହ୍ୱାଟ୍ସଅପ୍‌ରେ ଅଲଗା କରି ଆପ୍ ଲକ୍ ଲଗାନ୍ତୁ। ଚାର୍ଜିଂରେ ବା ଟେବୁଲ୍ ଉପରେ ଫୋନ୍‌କୁ ଖୋଲା ଛାଡ଼ନ୍ତୁ ନାହିଁ।

**ଟୁ-ଫ୍ୟାକ୍ଟର ଅଥେଣ୍ଟିକେସନ୍-**ଆଜିକାଲି କେବଳ ପାସ୍‌ୱାର୍ଡ଼ ରଖିବା ଯଥେଷ୍ଟ ହେଉ ନାହିଁ। କାରଣ ଏହାକୁ କେହି ବି ଗେସ୍ କରିପାରିବେ ଓ ପୂରା ଜୀବନରେ କ'ଣ ଘଟୁଛି ସେ ବିଷୟରେ ଦୃଷ୍ଟି ରଖିପାରିବେ।



**ଟିପ୍ସ-**ନିଜର ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍ ଓ ଜିମେଲ୍‌ରେ ୨ଏଫ୍ଏ ସେଟିଂ ଅନ୍ କରିନିଅନ୍ତୁ। କୌଣସି ନୂଆ ଲୋକ ଏହି ଆକାଉଣ୍ଟରେ ପ୍ରବେଶ କରିବାକୁ ଚାହିଁଲେ ଫୋନ୍‌ରେ ନୂଆ କୋଡ୍ ଓଟିପି ଆସିବ। ବିନା ଏହି କୋଡ୍‌ରେ କେହି ଆପଣଙ୍କ ଆକାଉଣ୍ଟ ଖୋଲି ପାରିବେ ନାହିଁ।

**ସୋସିଆଲ୍ ମିଡିଆରେ ତଥ୍ୟ ଦିଅନ୍ତୁ ନାହିଁ-**ଜୋଶ୍‌ରେ ଆସି ରୁମ୍ ନମ୍ବର ସହିତ ଫଟୋ ଦିଅନ୍ତୁ ନାହିଁ କିମ୍ବା ଲାଇଭ୍ ଲୋକେସନ ସେୟାର୍ କରନ୍ତୁ ନାହିଁ। ଏହି ତଥ୍ୟ କେହି ଅଜଣା ବା ଭୁଲ୍ ମଣିଷ ପର୍ଯ୍ୟନ୍ତ ପହଞ୍ଚେଇପାରେ।

**ଟିପ୍‌ସ-**ନିଜ ପ୍ରୋଫାଇଲ୍‌କୁ ପ୍ରାଇଭେଟ କରି ରଖନ୍ତୁ। ଫଟୋ ପୋଷ୍ଟ ବେଳେ ହଷ୍ଟେଲ ନାମ ବା ବ୍ୟକ୍ତିଗତ ଠିକଣାର ଉଲ୍ଲେଖ ଅଛି କି ନାହିଁ ତାହା ଦେଖନ୍ତୁ। କେଉଁଠିକୁ ବୁଲିବାକୁ ଯିବା ସମୟରେ ସେଠାରୁ ବାହାରିଲେ ଫଟୋ ସେୟାର୍ କରନ୍ତୁ।

## ଖାଦ୍ୟଶାଳ

# ମେଥି ଲଡୁ

**ଶୀତଦିନେ ରାଶି ଲଡୁ, ଗୁଡ଼ ଲଡୁ, ଅଟା ଓ ଗୋନ୍ଦ ଲଡୁ, ମେଥି ଲଡୁ ଓ ଫ୍ଲାକ୍ସ ସିଡ୍‌ସରେ ଲଡୁ ତିଆରି କରାଯାଏ। ପ୍ରତି ଲଡୁର ରହିଛି କିଛି ନା କିଛି ନିଜସ୍ୱ ଗୁଣ କିନ୍ତୁ ଆଜି ଆମେ ମେଥି ଲଡୁ ସମ୍ପର୍କରେ ଜାଣିବା ଯାହା ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଲାଭ ଦେଇଥାଏ। ମେଥି ଲଡୁ ପୌଷ୍ଟିକ ଓ ଊର୍ଜାବାନ୍ ଆହାର। ସ୍ୱାଦରେ ଏହା ପିତା ହେଲେ ମଧ୍ୟ ଏହି ଲଡୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଯୋଡ଼ଗୁଡ଼ିକରେ ହେଉଥିବା ବ୍ୟଥାରୁ ଆରାମ ଦିଏ, ଶରୀରକୁ ଭିତରୁ ଗରମ ରଖିପାରେ। ଯଦି ଏହି ଲଡୁରେ ଶୁଖିଲା ମେବା ମିଶାଇ ଦିଆଯାଏ ତେବେ ଏହା ଆହୁରି ସ୍ୱାଦିଷ୍ଟ ହୋଇଯାଏ।**

**ଲାଭ-**ଆୟୁର୍ବେଦରେ ମେଥି ଲଡୁକୁ ଏକ ଶକ୍ତିଶାଳୀ ଔଷଧ ଭାବରେ ବ୍ୟବହାର କରାଯାଏ। ଏହା ବାତ ରୋଗ, ଜଏଣ୍ଟ ପେନ୍, କୋଲେଷ୍ଟ୍ରେରଲ୍, ଡାଇବେଟିସ୍ ଓ ମହିଳାମାନଙ୍କର ଗର୍ଭାଶୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭକାରୀ ହୋଇଥାଏ। ଗର୍ଭରେ ଥିବା ପିଲାକୁ ମଧ୍ୟ ପୋଷଣ ମିଳିଯାଏ। ନିୟମିତ ଓ ସଠିକ୍ ଭାବରେ ମେଥି ଲଡୁ ଖାଇଲେ ହର୍ମୋନାଲ୍ ବାଲାନ୍ସ ବଜାୟ ରହେ। ଏଥିରେ ଭରପୂର ମାତ୍ରାରେ ଫାଇବର୍ ଥିବାରୁ କାର୍ବୋହାଇଡ୍ରେଟ୍ ଅବଶୋଷଣକୁ ଏହା ଧୀମା କରିଦିଏ ଯେଉଁ କାରଣରୁ ରକ୍ତରେ ସୁଗାର ଦ୍ରୁତ ଗତିରେ ସ୍ପାଇକ୍ ହୁଏ ନାହିଁ।

**ଆବଶ୍ୟକ ସାମଗ୍ରୀ-**ମେଥି ଦାନା-ଅଧା କପ୍, ଗହମ ଅଟା-ଏକ କପ୍, ଖାଇବା ଗୋନ୍ଦ-ଅଧା କପ୍, କଦ୍ଦୁକଷ ହୋଇଥିବା ଗୁଡ଼-୩/୪ କପ୍, ଘିଅ-ଅଧା କପ୍, କଟାଯାଇଥିବା ଆଲମଣ୍ଡ ଓ କାଜୁ - ୧/୪ କପ୍ ଲେଖାଏଁ, ଗୁଜୁରାତି ପାଉଡର୍-୧ ଛୋଟ ଚାମଚ, ଶୁଖିଲା ନଡ଼ିଆ କୋରା-୨ ଚାମଚ, ଗୋଲମରିଚ-୧୦ଟି, ଜିରା, ଶୁଣ୍ଠି ପାଉଡର-୨ ଚାମଚ ଲେଖାଏଁ, ଡାଲଚିନି-୪ ଖଣ୍ଡ, ଜାଇଫଳ-୨ଟି।



**ପ୍ରଣାଳୀ-**ମେଥିକୁ ଭଲ ଭାବରେ ଧୋଇ ଶୁଖେଇବା ପରେ ଖଦଡ଼ କରି ଗୁଣ୍ଡ କରନ୍ତୁ। ବାଦାମ ଓ କାଜୁକୁ ଛୋଟ ଛୋଟ କରି କାଟି ରଖିବେ। ଡାଲଚିନି, ଜାଇଫଳ ଓ ଗୁଜୁରାତିକୁ କୁଟିଦେବେ। କଡ଼େଇରେ ଅଳ୍ପ ଘିଅ ପକାଇ ମେଥିଗୁଣ୍ଡକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିଦେବେ। ଅଟାକୁ ବି ଭଜାଯିବ। ଗୋନ୍ଦକୁ ତରଳେଇ ପ୍ଲେଟ୍‌ରେ ରଖନ୍ତୁ। ଗୁଡ଼କୁ ଗରମ କରି ଚାସ୍‌ନୀ ତିଆରି କରିବେ। ବାକି ଘିଅକୁ କଡ଼େଇରେ ଢ଼ାଳି ଗରମ କରିବେ। ଏଥିରେ ଜିରା, ଶୁଣ୍ଠି, ଗୋଲମରିଚ, ଡାଲଚିନି, ଜାଇଫଳ, ଗୁଜୁରାତି ଓ ଶୁଖିଲା ନଡ଼ିଆ କୋରା ପକାଇ ଭଲ ଭାବରେ ଗୋଳେଇଦେବେ। ଏବେ ଭଜାଯାଇଥିବା ମେଥି, ଅଟା, ଗୋନ୍ଦ ପକାଇ ମିଶ୍ରଣକୁ ଭଲ ଭାବରେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣ ଅଳ୍ପ ଥଣ୍ଡା ହେବା ପରେ ଏଥିରେ ଲଡୁ ତିଆରି କରିବେ। ଲଡୁଗୁଡ଼ିକୁ ୪-୫ ଘଣ୍ଟା ପର୍ଯ୍ୟନ୍ତ ଖୋଲା ସ୍ଥାନରେ ରଖିବେ ଟାଇଟ୍ ହେବା ପାଇଁ। ଏହାପରେ ଏୟାର୍ ଟାଇଟ୍ କଣ୍ଟେନର୍‌ରେ ରଖି ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ କ୍ଷୀର ସହିତ ଖାଇବେ।

## ଫ୍ୟାସନ୍

# ନୂଆ ହେୟାର୍ ଷ୍ଟାଇଲ୍

**ଆଜିର ସମୟରେ ଝିଅ ଓ ମହିଳାମାନେ ମେକ୍‌ଅପ୍ ଓ ଆଉଟ୍‌ଫିଟ୍ ଉପରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ହେୟାର୍ ଷ୍ଟାଇଲ୍ ଯଦି ଟ୍ରେଣ୍ଡି ନୁହେଁ ତେବେ ଆପଣଙ୍କର ଫ୍ୟାସନ୍‌କୁ ଅସମ୍ପୂର୍ଣ୍ଣ ବୋଲି କୁହାଯିବ। ତେଣୁ ଏପରି ସ୍ଥଳେ ଆପଣ ଜାଣିବା ଉଚିତ ଯେ ଆପଣଙ୍କ ମୁହଁକୁ କେଉଁ ପ୍ରକାରର ହେୟାର୍ ଷ୍ଟାଇଲ୍ ସୁଟ୍ କରୁଛି ଓ କେଉଁ ପ୍ରକାରର ହେୟାର୍ ଷ୍ଟାଇଲ୍ ଟ୍ରେଣ୍ଡରେ ରହିଛି। ତେବେ ଆଜିର ଝିଅମାନେ କେଶ ଷ୍ଟାଇଲ୍‌କୁ ନେଇ ରହିଥିବା ପୁରୁଣା ଧାରଣାଗୁଡ଼ିକୁ ବଦଳେଇ ଦେଇଛନ୍ତି। ବର୍ତ୍ତମାନ ଇନ୍‌ଷ୍ଟାଗ୍ରାମ ରିଲ୍ ହେଉ ବା ଅସଲି ଦୁନିଆ ପ୍ରତି ସ୍ଥାନରେ ହେୟାର୍ ଷ୍ଟାଇଲ୍‌ର କ୍ରେଜ୍ ଦେଖିବାକୁ ମିଳୁଛି ଯେଉଁଗୁଡ଼ିକ ଅଳ୍ପ ବୋଲ୍ଡ ଓ ଟିକେ ଭିନ୍ନ ଲୁକ୍ ଦେଇଥାଏ। ତେଣୁ ନିଜ ଲୁକ୍‌କୁ ଯଦି ନୂଆ ଟଚ୍ ଦେବାକୁ ଚାହୁଁଛନ୍ତି ତେବେ କେତୋଟି ହେୟାର୍ ଷ୍ଟାଇଲ୍ ଟ୍ରାଏ କରିପାରନ୍ତି।**



**ମଡର୍ଣ୍ଣ ଶାଗ୍-**ସତୁରି ଦଶକର ପଙ୍କ୍ ଷ୍ଟାଇଲ୍‌ର ନୂଆ ରୂପ ଆଜିକାଲି ଚଳନରେ ରହିଛି। ଏଥିରେ କେଶକୁ ଏହିଭଳି ଭାବରେ କଟାଯାଏ ଯେ ତାହା ପ୍ରାକୃତିକ ଭାବରେ ଫୁଲି ରହିବା ପରି ଦେଖାଯାଏ ତେବେ ସିଧା ହେଉ ଅବା କର୍ଲି ହେୟାର ହେଉ ଏଫର୍ଟଲେସ୍ ଲୁକ୍ ଆପଣଙ୍କୁ ରକ୍‌ଷ୍ଟାରବାଲା ଅନୁଭୂତି ଦେବ।



**କର୍ଟନ୍ ବ୍ୟାଙ୍ଗ୍‌ସ-**ଆପଣ ଯଦି ଅଳ୍ପ ସଫ୍ଟ ଓ ସୁନ୍ଦର ଲୁକ୍ ଚାହୁଁଛନ୍ତି ତେବେ କର୍ଟନ୍ ବ୍ୟାଙ୍ଗ୍‌ସ ସବୁଠାରୁ ଭଲ ଷ୍ଟାଇଲ୍। ଲଟା ପରି ଏହା ଦୁଇ ପାର୍ଶ୍ୱରେ ଝୁଲି ରହିଥାଏ। ଝିଅମାନେ ଏହାକୁ ସାଧାରଣତଃ ହାଲୁକା ୱେଭ୍‌ସ ସହିତ ଷ୍ଟାଇଲ୍ ଦେଇଥାନ୍ତି। ସେଲ୍ଫିରେ ଏହା ବୋହେମିୟନ୍ ଲୁକ୍ ଦେଇଥାଏ।

**ଜେଲିଫିସ୍ କଟ୍-**ଯେଉଁ ଝିଅମାନେ କିଛି ନୂଆ ଟ୍ରାଏ କରିବାକୁ ପସନ୍ଦ କରନ୍ତି ସେମାନଙ୍କ ପାଇଁ ଜେଲିଫିସ୍ କଟ୍ ଠିକ୍ ରହିବ। ଏଥିରେ ଉପରର କେଶ ଛୋଟ ରହେ ଓ ତଳ କେଶ ଲମ୍ବା ରହେ ଯାହା ଦେଖିବାକୁ ଜେଲିଫିସ୍ ପରି ଦେଖାଯାଏ। ଗୋଲ୍ ବା ହାର୍ଟ ଆକାରର ଚେହେରାରେ ଏହି ଅନୋଖା ଲୁକ୍ ଆପଣଙ୍କ ଚେହେରାକୁ ସୁନ୍ଦର କରିବ।



**ବଟରଫ୍ଲାଇ ବବ୍-**ଏହି ଷ୍ଟାଇଲ୍‌କୁ ରିଭେରା ବବ୍ ବୋଲି ମଧ୍ୟ କୁହାଯାଏ। ଏଥିରେ କେଶଗୁଡ଼ିକ ବାହାର ଆଡ଼କୁ ମୋଡ଼ି ହୋଇ ରହନ୍ତି। ଏହା ଦାମୀ ଓ ହାଇ ପ୍ରୋଫାଇଲ୍ ଲୁକ୍ ଦେଇଥାଏ। ଯଦି ଆପଣ ନବେ ଦଶକ ଫ୍ୟାସନ୍‌ର ଫ୍ୟାନ୍ ତେବେ ଏହି ଷ୍ଟାଇଲ୍ ଆପଣଙ୍କୁ ନିଶ୍ଚିତ ଭାବରେ ପସନ୍ଦ ଆସିବ।

ଏସବୁ ବ୍ୟତୀତ ବେବି ବ୍ରେଡ୍ସ ଓ ମେସି ଅପଡୋସ୍, ବଜ୍ ଓ ଅଣ୍ଡର କଟ୍, ସ୍ଲିକ୍ ବନ୍ ହେୟାର ଷ୍ଟାଇଲ୍ ରହିଛି ଯେଉଁଗୁଡ଼ିକୁ ଆଜିକାଲିର ଝିଅମାନେ ପସନ୍ଦ କରୁଛନ୍ତି।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ବ୍ୟବସାୟରେ ଲାଭ ପାଇବେ। ମନରେ ଶାନ୍ତି ଓ ପ୍ରସନ୍ନତା ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରରେ ଧାର୍ମିକ କାର୍ଯ୍ୟର ଆୟୋଜନ ହୋଇପାରେ। ଭବନର ମରାମତି ଓ ସାଜସଜ୍ଜାରେ ଖର୍ଚ୍ଚ ବଢ଼ିବ।

**ବୃଷ** - ଆଜି ଧୈର୍ଯ୍ୟ ଧରନ୍ତୁ। ନିଜ ଭାବନାକୁ ବଶରେ ରଖିବେ। କଥାବାର୍ତ୍ତା ସନ୍ତୁଳିତ ରହିଲେ ଭଲ। ଚାକିରି କ୍ଷେତ୍ରରେ ଅଫିସର୍‌ଙ୍କ ସହଯୋଗ ମିଳିବ। କୌଣସି ଅତିରିକ୍ତ ଦାୟିତ୍ୱ ମିଳିପାରେ। ପାରିବାରିକ ଜୀବନ ଆନନ୍ଦମୟ ରହିବ।

**ମିଥୁନ** - ମନରେ ଉତ୍ଥାନ-ପତନର ଭାବନା ରହିବ। ଭବନ ସୁଖ ବୃଦ୍ଧି ହେବ। ଜୀବନସାଥିର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖିବେ। ଚାକିରି କ୍ଷେତ୍ରରେ ବିଦେଶ ଯିବାର ସୁଖ ମିଳିବ। ଆର୍ଥିକ ଭାବରେ ଖର୍ଚ୍ଚ ବୃଦ୍ଧି ହେବ। ଖୁସିର ଆଗମନ ହୋଇପାରେ।

**କର୍କଟ** - ନିଜ କାମକୁ ପୂରା କରିବା ପାଇଁ ସମୟ ନିଅନ୍ତୁ। ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ଅଫିସ୍ ରାଜନୀତିରୁ ଦୂରରେ ରୁହନ୍ତୁ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ମାନସିକ ଚାପ ରହିପାରେ। ଘରେ ଖୁବ୍ ଭଲ ସମୟ ବିତେଇବେ।

**ସିଂହ** - ଆତ୍ମବିଶ୍ୱାସ ବୃଦ୍ଧି ହେବ। ପ୍ରମୋଶନ ଯୋଗ ରହିଛି। ଭାଇ ଭଉଣୀଙ୍କ ଦ୍ୱାରା ଲାଭାନ୍ୱିତ ହେବେ। ନୂଆ କାରବାର ଆରମ୍ଭ ପାଇଁ ଦିନଟି ଶୁଭ। ପରିବାରରେ କାହାକୁ ବଡ଼ ସଫଳତା ମିଳିବ।

**କନ୍ୟା** - ବଡ଼ମାନଙ୍କର ଆଶୀର୍ବାଦ ମିଳିବ। କୋର୍ଟ-କଚେରି ମାମଲାରେ ବିଜୟୀ ହେବେ। ନିଜର ପ୍ୟାସନ୍‌କୁ ନେଇ ନିୟନ୍ତ୍ରଣରେ ରୁହନ୍ତୁ। ପ୍ରେମ ଜୀବନ ବିପଦରେ ପକେଇବ। ଧାର୍ମିକ କାର୍ଯ୍ୟରେ ମନ ଲାଗିବ।

**ତୁଳା** - ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ବିବାହିତମାନେ ଖୁବ୍ ଭଲ ସମୟ ବିତେଇବେ। ଲୋକମାନେ ବାଣୀ ଦ୍ୱାରା ଆକର୍ଷିତ ହୋଇପାରନ୍ତି। ଆକର୍ଷଣ ଓ ବ୍ୟକ୍ତିତ୍ୱ ପାଇଁ କିଛି ନୂଆ ସାଙ୍ଗ ମିଳିବେ। ରଚନାତ୍ମକ କ୍ଷେତ୍ର ପାଇଁ ସଫଳତାର ଦିନ।

**ବିଛା** - ଯୋଗ ଓ ଧ୍ୟାନରୁ ମାନସିକ ଚାପ ଦୂର ହେବ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିପାରନ୍ତି। ଅଫିସ୍‌ରେ ଭଲ ଫଳାଫଳ ମିଳିବ ନାହିଁ। ଅଟକିଥିବା ଧନ ମିଳିପାରେ। ପିତାଙ୍କ ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ।

**ଧନୁ** - ଗର୍ଭବତୀ ମହିଳାମାନେ ସାବଧାନ ରହିବେ। ଆର୍ଥିକ ସ୍ତରରେ ସତର୍କ ରହିବେ। ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଧନ ଜରୁରୀ। ଖର୍ଚ୍ଚକୁ ସୀମିତ ରଖନ୍ତୁ। ଚାକିରି କ୍ଷେତ୍ରରେ ଗପସପ ଠାରୁ ଦୂରରେ ରହିଲେ ଭଲ।

**ମକର** - ରଚନାତ୍ମକ କାମ ଚାପ ଠାରୁ ଦୂରରେ ରଖିବ। ଅର୍ଥ ସହିତ ଜଡ଼ିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପିତାଙ୍କ ସାଥ୍ ମିଳିବ। କୌଣସି ସରପ୍ରାଇଜ୍ ମିଳିପାରେ। ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**କୁମ୍ଭ** - ଦୀର୍ଘ ଯାତ୍ରା ଯୋଗ ଅଛି। ବୁଦ୍ଧି ବଳରେ ଧନ ଆୟ କରିପାରିବେ। ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟକୁ ରୋକିପାରିବେ। ଜୀବନରେ କିଛି ଖାସ୍ ବ୍ୟକ୍ତି ଏଣ୍ଟ୍ରି କରିପାରନ୍ତି। ଆପଣଙ୍କ କାମ ଯୋଗୁ ପରିଚୟ ପାଇବେ।

**ମୀନ** - କୌଣସି ଆଡ୍‌ଭେଞ୍ଚର ଆକ୍ଟିଭିଟିରେ ଭାଗ ନେଇପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ସାଙ୍ଗସାଥି ଓ ପରିଜନଙ୍କ ସହିତ ମଉଜମସ୍ତିର ଅବସର ପାଇବେ। ସହକର୍ମୀଙ୍କ ଠାରୁ ସହଯୋଗ ମିଳିବ।

ନିତିଦିନ NITIDIN



## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ



**କଟକ,୪।୨/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଅବସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋରା କବର ସ୍ଥିତ ମଧୁବାବୁଙ୍କ ସମାଧୀ ପୀଠଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏଥିସହିତ ଜିଲ୍ଲାପାଳ ଗୋରା କବରଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମଧୁସୂଦନ ପାଲ ଓ କ୍ୟାଣ୍ଟେନମେର୍ଟ ରୋଡ୍‌ଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ବିଶ୍ୱ କର୍କଟ ଦିବସ




**କଟକ,୪।୨/ଏନ୍ଏନ୍ଏସ୍:** ଡ୍ରିମ୍ସ ନର୍ସିଂ ସ୍କୁଲର ସର୍ଜିକାଲ ନର୍ସିଂ ବିଭାଗ ଆନୁକୂଲ୍ୟରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷାନୁଷ୍ଠାନ ନିକଟରୁ ସଚେତନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ପଦ୍ମିନୀ କେୟାର ହସ୍‌ପିଟାଲ ପରିସରରେ ଚଳିତ ବର୍ଷର ପ୍ରସଙ୍ଗ 'ୟୁନାଇଟେଡ୍ ବାଏ ୟୁନିକ୍' ଉପରେ ବିଏସ୍‌ସି ନର୍ସିଂ ୪ର୍ଥ ସେମିଷ୍ଟର ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ। 'ଡିନ୍' ଡ. ପ୍ରଥମା ପ୍ରକାଶମ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା ପରିବର୍ତ୍ତିତ ଜୀବନ ଶୈଳୀ ଯୋଗୁଁ ବୃଦ୍ଧି ପାଉଥିବା କର୍କଟ ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । 'ପଦ୍ମିନୀ କେୟାର'ର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସହକାରୀ 'ଡିନ୍' ଏନ୍ ପ୍ରେମଲତା ଦେବୀ ଏବଂ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡର୍‌ର ଭିତ୍ତିପ୍ରସ୍ତର ସ୍ଥାପନ




**କଟକ,୪।୨/ଏନ୍ଏନ୍ଏସ୍:** ଗ୍ରାମାଞ୍ଚଳରେ ଥିବା ଆସ୍ଥାସ୍ଥଳୀଗୁଡ଼ିକୁ ବିକାଶ ସ୍ଥଳୀରେ ପରିଣତ କରାଯିବ। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ନିଆଳି ପାଇବ ସ୍ୱତନ୍ତ୍ର ସ୍ଥାନ। ଆଜି ନିଆଳି ଅଚିହ୍ନା ଖେଳପଡ଼ିଆଠାରେ ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡର୍ ପରିଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି। ଏଥି ସହିତ ପ୍ରାଚୀ ନଦୀର ପୁନରୁଦ୍ଧାର କରାଯାଇ ଏହାକୁ ଚିରସ୍ରୋତା ନଦୀରେ ପରିଣତ କରିବା ଦିଗରେ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡର୍ ପରିଯୋଜନା ଅଧୀନରେ ଅଷ୍ଟଶମ୍ଭୁ ତୋରଣ ପରିସରର ନିର୍ମାଣ, ଶ୍ରୀ ଶୋଭନେଶ୍ୱର, ଶ୍ରୀ ଅନ୍ଧକପିଳେଶ୍ୱର, ଶ୍ରୀ ଗୋକର୍ଣ୍ଣେଶ୍ୱର, ଶ୍ରୀରାମେଶ୍ୱର, ଶ୍ରୀଗ୍ରାମେଶ୍ୱର ଓ ଶ୍ରୀ ଅଙ୍ଗେଶ୍ୱର ମନ୍ଦିରର ଉନ୍ନତିକରଣ କରାଯିବ। ଏହି ଯୋଜନା ପାଇଁ ମୋଟ ୨୪କୋଟି ଟଙ୍କା ବ୍ୟୟ କରାଯିବ। ଆସନ୍ତା ୧ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଛବି ମଲ୍ଲିକ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ସଚିବ ପର୍ଯ୍ୟଟନ ବିଭାଗ ସରୋଜ ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଚେକ ପ୍ରଦାନ କରିଥିଲେ। ଶେଷରେ ଉପମୁଖମନ୍ତ୍ରୀ ନିଆଳିଠାରେ ମିଶନ୍ ଶକ୍ତି କାଫେ ଓ ରିଟେଲ ମାର୍ଟର ଉଦ୍‌ଘାଟନ କରିଥିଲେ।

# ଉତ୍କଳ ଗୌରବଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି



**କଟକ,୪।୨/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ତିରୋଧାନ ଦିବସ ଆଜି କଟକ ସହରରେ ବିଭିନ୍ନ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି। ସରକାରୀ, ବେସରକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂଗଠନ ପକ୍ଷରୁ ମଧୁବାବୁଙ୍କର ତିରୋଧାନ ଦିବସ ପାଳନ କରାଯାଇଛି। ୧୯୩୪ ମସିହା ଫେବୃଆରୀ ୪ ତାରିଖ ଦିନ ମଧୁବାବୁଙ୍କର ତିରୋଧାନ ହୋଇଥିଲା। ଆଜି ତାଙ୍କର ୯୨ତମ ତିରୋଧାନ ଦିବସ ପାଳନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତିରୋଧାନ ଦିବସ ଅବସରରେ ମଧୁବାବୁଙ୍କର ସମାଧିପୀଠରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ବ୍ୟତୀତ ମଧୁସୂଦନ ପାଲ ଓ କ୍ୟାଣ୍ଟେନମେଣ୍ଟ ରୋଡ଼ରେ ଥିବା ମଧୁବାବୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୋରା କବର ସମାଧି ପୀଠରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ମେୟର ସୁବାସ ସିଂହ, ଡ. ରବି ରଞ୍ଜନ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୈଳବାଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ସମାଧି ପୀଠରେ ମାଲ୍ୟାର୍ପଣ କରି ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହା ବ୍ୟତୀତ ତୁଳସୀପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁବାବୁଙ୍କର ସମାଧି ପୀଠରେ ମଧୁବାବୁଙ୍କର ତିରୋଧାନ ଦିବସ ଅବସରରେ ଜାତୀୟ ତ୍ୟାଗ ଦିବସ ପାଳନ କରାଯାଇଛି। ବହୁ ଆଇନଜୀବୀ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଦର କଂଗ୍ରେସର କର୍ମୀ ଓ କର୍ମକର୍ତ୍ତାଙ୍କ ସାମୂହିକ ଇସ୍ତଫା



**କଟକ,୪।୨/ଏନ୍ଏନ୍ଏସ୍:** କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ବହୁ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା କରିଛନ୍ତି। ଏହି ନିଷ୍ପତ୍ତି କଟକ ଜିଲ୍ଲା ରାଜନୀତିରେ ଏକ ପ୍ରକାର କମ୍ପନ ସୃଷ୍ଟି କରିଥିବାବେଳେ ପ୍ରଦେଶ କଂଗ୍ରେସ କମିଟିର ସଭାପତିଙ୍କ ନିକଟକୁ ଏହି ଇସ୍ତଫାପତ୍ର ପଠାଯାଇଛି। ଆଜି ସ୍ଥାନୀୟ ଧାକୁଲାଇଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ କରାଯାଇ ଏହି ସମୂହ ଇସ୍ତଫା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଆଶା ଓ ବିଚାରର ସମନ୍ୱୟରେ ଆଗାମୀ ଦିନରେ କାମ କରିବେ ବୋଲି କହିଥିଲେ। ଇସ୍ତଫା ଦେଇଥିବା ସମସ୍ତ କର୍ମକର୍ତ୍ତା ଶ୍ରୀ ମୋକିମଙ୍କ ନୂତନ ସଂଗଠନରେ ଯୋଗଦାନ ପାଇଁ ସହମତି ଜଣାଇଛନ୍ତି। ଇସ୍ତଫା ଦେଇଥିବା ନେତୃବୃନ୍ଦଙ୍କ ମଧ୍ୟରେ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଦୀପକ ପରିଡ଼ା, କଳପଡ଼ା ପଞ୍ଚାୟତ ପୂର୍ବତନ ସରପଂଚ ଅସ୍ମିତା ସାହୁ, ବରିଷ୍ଠ ନେତା ସିଦ୍ଧେଶ୍ୱର ପଟି, ଉମେଶ ମଲ୍ଲିକ, କୁନା ସାମନ୍ତରାୟ, ସରବର ଅଲ୍ଲି, ତପନ ବାରିକ, ଆସଲମ ରଗବୀ, ରାଜେଶ ହାତୀ, ପ୍ରଭାତ ବେହେରା ଓ ସଞ୍ଜୟ ପରିଡ଼ାଙ୍କ ଭଳି ପ୍ରଭାବଶାଳୀ ନେତା ସାମିଲ ଅଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୦ ବର୍ଷ ହେଲା କଟକ ସଦର ନିର୍ବାଚନ ମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ନିର୍ବାଚନ ସମୟରେ ତୃଣମୂଳ ସ୍ତରର କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମତାମତକୁ ସମ୍ପୂର୍ଣ୍ଣରୂପେ ଅଣଦେଖା କରାଯାଉଛି। ଭୁଲ ପ୍ରାର୍ଥୀ ଚୟନ ଯୋଗୁ ନିର୍ବାଚନମଣ୍ଡଳୀରେ କଂଗ୍ରେସର ଭୋଟ ସଂଖ୍ୟା ହ୍ରାସ ପାଇଛି। ବିଶେଷକରି ବର୍ତ୍ତମାନର ପିସିସି ସଭାପତି ଭକ୍ତଚରଣ ଦାସ କର୍ମୀଙ୍କ ସହ କୌଣସି ପ୍ରକାର ଆଲୋଚନା କରୁନାହାନ୍ତି, ଯାହାକୁ ନେଇ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନର ସାଂଗଠନିକ ପରିଚାଳନା ଶୈଳୀରେ ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ ଉଚିତ ସମ୍ମାନ ମିଳୁନାହିଁ। ଦଳରେ ଏଭଳି ଦିଗହୀନ କାର୍ଯ୍ୟଶୈଳୀ ଓ ନେତୃତ୍ୱର ଅବହେଳାରେ ଅତିଷ୍ଠ ହୋଇ ସେମାନେ ଏହି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି।

## ଏକତ୍ର ହେଲା ନରସିଂହପୁର ବାର୍ ଆସୋସିଏସନ୍

**କଟକ,୪।୨/ଏନ୍ଏନ୍ଏସ୍:** ରାଜ୍ୟ ବାର୍ କାଉନସିଲ୍‌ର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଡାକରାକ୍ରମେ ନରସିଂହପୁର ବାର ଆସୋସିଏସନ୍‌ର ୨ ପକ୍ଷରୁ ସଦସ୍ୟମାନେ ରାଜ୍ୟ ବାର କାଉନସିଲରେ ଉପସ୍ଥିତ ରହି ସର୍ବସମ୍ମତିକ୍ରମେ ସମସ୍ତ ବିରୋଧାଭାଷକୁ ଭୁଲି ଏକତ୍ରୀକରଣ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ଓ ରାଜ୍ୟ ବାର କାଉନସିଲ ସେଣ୍ଟ୍ରାଲ୍ କାଉନ୍‌ସିଲ୍ କମିଟିର ଅଧ୍ୟକ୍ଷ ଅରୂପାନନ୍ଦ ଦାସ ଓ ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ମାନସ ଚାନ୍ଦ, ବିଭୁ ପ୍ରସାଦ ଦାସ ଓ ଧନଞ୍ଜୟ ମୁଣ୍ଡ ଉପସ୍ଥିତ ରହି ଆଇନଜୀବୀ ମାନଙ୍କର ପେସା, ଦକ୍ଷତା, ଏକତା ଓ ସଂଘବଦ୍ଧତାକୁ ବଜାୟ ରଖିବା ପାଇଁ ନରସିଂହପୁର ବାର୍ ଆସୋସିଏସନ୍‌ର ୨ ଗୋଷ୍ଠୀର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ନରସିଂହପୁର ବାର ଆସୋସିଏସନର ସଭାପତି ନିର୍ମଳେନ୍ଦୁ ମିଶ୍ର ଓ ଉପସ୍ଥିତ ସଦସ୍ୟମାନେ ଏହାକୁ ସ୍ୱାଗତ କରି ସମସ୍ତ ମନୋମାଳିନ୍ୟକୁ ଭୁଲି ବାର ଆସୋସିଏସନର ଉନ୍ନତି କରିବା ପାଇଁ ଏକତ୍ରୀକରଣର ଆବଶ୍ୟକତାକୁ ଉପଲବ୍ଧ କରି ସର୍ବସମ୍ମତିକ୍ରମେ ଏହାକୁ ସ୍ୱାଗତ କରିଥିଲେ। ଆସନ୍ତା ମାର୍ଚ୍ଚ ମାସରେ ବାର ଆସୋସିଏସନର ନିର୍ବାଚନ ଏକାଠି ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ୧୫ ସୁଦ୍ଧା ଶିଶୁ ବାଟିକାରେ ୟୁନିଫର୍ମ ବଣ୍ଟନ ନିର୍ଦ୍ଦେଶ

**ଭୁବନେଶ୍ୱର,୪।୨/ଏନ୍ଏନ୍ଏସ୍:** ରାଜ୍ୟରେ ଥିବା ସମସ୍ତ ଶିଶୁ ବାଟିକାରେ ଆସନ୍ତା ୧୫ ତାରିଖ ସୁଦ୍ଧା ମାଗଣା ପୋଷାକ ବଣ୍ଟନ କରାଯିବ। ରାଜ୍ୟରେ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ପ୍ରଦାନ କରାଯିବ। ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଏନେଇ ଅବଗତ କରାଯାଇଛି। ପ୍ରତି ବିଦ୍ୟାର୍ଥୀଙ୍କ ପୋଷାକ ପାଇଁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଛି। ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଯେଉଁ ନିୟମ କାର୍ଯ୍ୟକାରୀ ହୋଇଥିଲା ତାହା ଶିଶୁ ବାଟିକା ପିଲାଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ କରାଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଯେଉଁ ଆର୍ଥିକ ବ୍ୟବସ୍ଥାରେ ପୋଷାକ କ୍ରୟ ହେଉଥିଲା ଅନୁରୂପ ଭାବେ ଶିଶୁ ବାଟିକାରେ ମଧ୍ୟ ସମାନ ନିୟମ କାର୍ଯ୍ୟକାରୀ ହେବ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲାସ୍ତରୀୟ କମିଟି ଏହି କାର୍ଯ୍ୟର ତଦାରଖ କରିବ। ପ୍ରଥମ ଶ୍ରେଣୀ ପିଲାଙ୍କ ପୋଷାକର ରଙ୍ଗ, ମାନ, ଲୋଗୋ ଯାହା ଥିଲା ଶିଶୁ ବାଟିକାରେ ଛାତ୍ରଛାତ୍ରୀଙ୍କ ମଧ୍ୟ ସମାନ ରହିବ। ଆସନ୍ତା ୧୫ ତାରିଖ ସୁଦ୍ଧା ୟୁନିଫର୍ମ ବଣ୍ଟନ ପ୍ରକିୟା ଶେଷ କରିବାକୁ ଓସେପା ପକ୍ଷରୁ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଫୁଟ୍‌ବଲ୍ ଖେଳାଳି ଅଶୋକ ପରିଜାଙ୍କ ପରଲୋକ

**କଟକ,୪।୨/ଏନ୍ଏନ୍ଏସ୍:** ବର୍ଷିଆନ ଫୁଟବଲ୍ ଖେଳାଳି ତଥା କୋଚ୍ ଅଶୋକ ପରିଜାଙ୍କ ଆଜି ପରଲୋକ ହୋଇଯାଇଛି। ବଡ଼ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଭଲ ଫୁଟବଲ ଖେଳାଳି ଭାବେ ପରିଚିତ ଥିଲେ। ସନ୍ତୋଷ ଟ୍ରଫି ସେ ଖେଳିଥିଲା ବେଳେ ୧୯୮୮ ମସିହାରେ କୋଲକାତାକୁ ଯାଇଥିବା ଓଡ଼ିଶା ଟିମ୍‌ର କୋଚ୍ ନିଯୁକ୍ତ ହୋଇଥିଲେ। ସେ ଜଣେ ଉଚ୍ଚକୋଟୀର କୋଚ୍ ଭାବେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। କଳିଙ୍ଗ ସ୍ପୋର୍ଟସ କ୍ଲବ୍ ଓ ଇସ୍ପାତ ସ୍ପୋର୍ଟିଂ କ୍ଲବ୍‌ର ସଦସ୍ୟମାନଙ୍କୁ କୋଚିଂ ଦେଇ ଅନେକ ଜାତୀୟ ଓ ରାଜ୍ୟ ସ୍ତରର ଖେଳାଳି ସୃଷ୍ଟି କରିଥିଲେ। ମୃତ୍ୟୁ ଖବର ପାଇ ବିଭିନ୍ନ କ୍ରୀଡ଼ା ସଂଗଠନ, କ୍ରୀଡ଼ାପ୍ରେମୀ, ବିଶେଷ କରି ଫୁଟବଲ ପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବରିଷ୍ଠ ଫୁଟବଲ ଖେଳାଳି ଡାକ୍ତର ସୁଶାନ୍ତ କୁମାର ଦଣ୍ଡରାୟ, ଆନ୍ତର୍ଜାତିକ ଫୁଟବଲ ଖେଳାଳି ଭାରତୀ ମିଶ୍ର, ବୈଦ୍ୟନାଥ ମିଶ୍ର, ବେସିଲ ତିର୍କୀ, ସଞ୍ଜୟ ବେବୁଟା, ବିଭୂତି ମହାନ୍ତି, ଭାସ୍କର ନନ୍ଦ, ମୋହନ ରାଓ ଏବଂ ସୁଶାନ୍ତ କୁମାର ମହାନ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ବିଜେଡି କାର୍ଯ୍ୟାଳୟରେ ମଧୁବାବୁଙ୍କ ତିରୋଧାନ ଦିବସ



**କଟକ,୪।୨/ଏନ୍ଏନ୍ଏସ୍:** କଟକ ଜିଲ୍ଲା ବିଜୁ ଜନତା ଦଳ ଦୋଳମୁଣ୍ଡାଇ ସ୍ଥିତ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାର ଉନ୍ନତି ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ବିଜେଡି ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା, ତାପସ ମହାନ୍ତି, ସୟଦ ଏକରାମ ହୁସେନ, ରାଜେନ୍ଦ୍ର ରଣା, ଦେବେନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ ସିଂହ, ବିଜୟ ଓଝା, ଦେବେନ୍ଦ୍ର କାହାଳି, ତନ୍ମୟା ରାୟ, ନୀଳମାଧବ ଖୁଣ୍ଟିଆ, ସୌମିତ ମିତ୍ର, ପବିତ୍ର ଭୂୟାଁ, ଜନସନ ମହାପାତ୍ର, ବିଷ୍ଣୁ ସାହୁ, ଚନ୍ଦନ ବିଶ୍ୱାଳ, ସେକ ରିୟାଜୁଲା, ଶିମନ୍ତିନି ଶତପଥି, ଯୁଧିଷ୍ଠିର ବିଶ୍ୱାଳ, ଶୈଳେନ୍ଦ୍ର ପରିଡ଼ା, ସୁକାନ୍ତ ସାହୁ, ପ୍ରତାପ ନାୟକ,ସଜ୍ଜାଦ ହୁସେନ୍, କାଳନ୍ଦୀ ଚରଣ ମଲ୍ଲିକ ଓ ରାକେଶ ଦାସ ପ୍ରମୁଖ ମଧୁବାବୁଙ୍କ ସ୍ମୃତି ଚାରଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ରେଭେନ୍ସା ଭୂଗୋଳ ଗବେଷକ ସମ୍ମିଳନୀ ଉଦ୍‌ଘାଟିତ

**କଟକ,୪।୨/ଏନ୍ଏନ୍ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଭୂଗୋଳ ଗବେଷକ ସମ୍ମିଳନୀ-୨୦୨୫ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଧର୍ମବ୍ରତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଶିବବ୍ରତ ଦାସ ଭୂଗୋଳ ଗବେଷକ ସମ୍ମିଳନୀର ପ୍ରାସଙ୍ଗିକତା ଉପରେ ବିବରଣୀ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ସଚିଦାନନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମରେ ସ୍ମାରକୀ



ବକ୍ତୃତା ପ୍ରଦାନ କରିଥିଲେ। ପ୍ରଫେସର ତ୍ରିପାଠୀ ଜଳବାୟୁ ପରିବର୍ତ୍ତନ ଓ ମାନବ ସଭ୍ୟତା ଉପରେ ଏହାର ପ୍ରଭାବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡଃ. ବିନୋଦିନୀ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡଃ ରୋଜି ମେହେର ଧନ୍ୟବାଦ୍ ଦେଇଥିଲେ। ଏହି ସମ୍ମିଳନୀରେ ୪ଟି ବୈଷୟିକ ଅଧିବେସନରେ ୨୫ରୁ ଊର୍ଦ୍ଧ୍ୱ ଗବେଷଣାପତ୍ର ପୋଷ୍ଟର୍ ତଥା ଉପସ୍ଥାପନା ଓ ଆଲୋଚନା ହୋଇଛି। ବିଭିନ୍ନ ବିଭାଗର ୨୦୦ରୁ ଅଧିକ ଶିକ୍ଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ।

## ନବୀକରଣୀୟ ଶକ୍ତି ପ୍ରଯୁକ୍ତି ବିଦ୍ୟା କ୍ଷମତା ବୃଦ୍ଧିକାରୀ କର୍ମଶାଳା

**ଭୁବନେଶ୍ୱର,୪।୨/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ସରକାରୀ ଉଦ୍ୟୋଗ ବିଭାଗର ତତ୍ତ୍ୱାବଧାନରେ ଆଜି ଗ୍ରିଡକୋ ସହାୟତାରେ 'ନବୀକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା କ୍ଷମତା ବୃଦ୍ଧିକାରୀ' କର୍ମଶାଳା ଆୟୋଜିତ ହୋଇଯାଇଛି। ଆନୁଷ୍ଠାନିକ ଦକ୍ଷତାକୁ ସୁଦୃଢ଼ କରିବା, ବୈଷୟିକ-ବାଣିଜ୍ୟିକ ବୁଝାମଣାରେ ସୁଧାର ଆଣିବା ଏବଂ ରାଜ୍ୟରେ ନବିକରଣୀୟ ଶକ୍ତିର ପ୍ରସାର ପାଇଁ ସମନ୍ୱିତ ନିଷ୍ପତ୍ତି ଗ୍ରହଣ କରିବା ନିମନ୍ତେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରମୁଖ ନବିକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବା, ଅଂଶଗ୍ରହଣକାରୀମାନଙ୍କୁ ପ୍ରଯୁକ୍ତି ବିଦ୍ୟା-ବାଣିଜ୍ୟିକ ବିଦ୍ୟା ଏବଂ ନୀତିଗତ ଢାଞ୍ଚା ସହିତ ପରିଚିତ କରାଇବା ଏବଂ ପ୍ରଭାବଶାଳୀ କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରିବା। ଓଡ଼ିଶା ନବିକରଣୀୟ ଶକ୍ତି କ୍ଷମତା ହାସଲ କରିବାକୁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି କର୍ମଶାଳାରେ ସରକାରୀ ଉଦ୍ୟୋଗ ତଥା ପ୍ରଶାସନିକ ବିଭାଗ ମାନଙ୍କ ମଧ୍ୟରେ ସମନ୍ୱୟ, ସୂଚନାଭିତ୍ତିକ ପ୍ରକଳ୍ପ ଯୋଜନା ଏବଂ ନବିକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ଓ ଏହାର କାର୍ଯ୍ୟକାରିତା ବିଷୟରେ ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀ, ପିଏସ୍‌ୟୁର ପଦାଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ଅନ୍ୟ ଅଧିକାରୀମାନଙ୍କୁ ସଚେତନ କରାଯାଇଛି। କାର୍ମଶାଳାରେ ସରକାରୀ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ନିର୍ଦ୍ଦେଶକ (ଏଫ୍ ଆଣ୍ଡ ସି ଏ) କେସି ନନ୍ଦ, ନିର୍ଦ୍ଦେଶକ (କମର୍ସିଆଲ୍) ଦେବାଶିଷ ଦାସ, ସିପିଏମ୍ ମହେଶ ପ୍ରସାଦ ଦାଶ, ଓରେଡ଼ାର ନିର୍ଦ୍ଦେଶକ (ବୈଷୟିକ) ସୌମ୍ୟରଞ୍ଜନ ଆଇଚ୍, ପ୍ରୋଗ୍ରାମ ଡାଇରେକ୍ଟର୍, ଆଇ ଫରେଷ୍ଟ ମାଣ୍ଡଭୀ ସିଂ, ସରକାରୀ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଲିପ୍ସା ଦାସ ଓ ଅତିରିକ୍ତ ଶାସନ ସଚିବ ସୁଶାନ୍ତ କୁମାର ସିଂଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମଧୁବାବୁଙ୍କ ତିରୋଧାନ ଦିବସ



**କଟକ,୪।୨/ଏନ୍ଏନ୍ଏସ୍:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ବକ୍ସିବଜାରଠାରେ ପାଳନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ମଧୁସୂଦନ ଦାସଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଦସ୍ୟମାନେ ଜୀବନୀ ଉପରେ ଆଲୋଚନା କରିଥିଲେ। ସଂଘର ଉପସଭାପତି ପିତାମ୍ବର ବେହେରା. ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ. ବେଣୁ ରାଓ, ହାଡ଼ିବନ୍ଧୁ ବେହେରା, ବାଦଲ ସାମଲ, ପ୍ରଭାକର ସାହୁ, ଅଜୟ ବେହେରା, ଶ୍ରୀନିବାସ ରେଡ୍ଡୀ, ହେମନ୍ତ ପଟ୍ଟନାୟକ ଓ ରବି ପାଲ ପ୍ରମୁଖ ଏହି ସଭାରେ ଯୋଗଦାନ କରିଥିଲେ।

# ଧାନଚାଷୀଙ୍କୁ ଡିଜିଟାଲ୍ ସଂସ୍କାର ମାଧ୍ୟମରେ ଦେୟ ପ୍ରଦାନ

**ଭୁବନେଶ୍ୱର,୪।୨/ଏନ୍ଏନ୍ଏସ୍:** ଚଳିତ ଖରିଫ ଋତୁରେ ଚାଷୀମାନଙ୍କୁ ସେମାନଙ୍କର ଧାନ ବିକ୍ରୟର ସର୍ବନିମ୍ନ ସହାୟତା ମୂଲ୍ୟ ଏବଂ ଇନ୍‌ପୁଟ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥି ପାଇଁ ସରକାର ଡିଜିଟାଲ୍ ସଂସ୍କାର ବ୍ୟବସ୍ଥାକୁ ଆପଣାଇଛନ୍ତି। ଏହି ପ୍ରାପ୍ୟ ପ୍ରଦାନରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟ ଦେୟ ପ୍ରଦାନ ନୀତି ଅନୁସରଣ କରାଯାଇଛି। ଚଳିତ ଖରିଫ୍ ଋତୁରେ ସରକାର ପ୍ରାୟ ୧୦ ଲକ୍ଷ ୫୬ ହଜାର ଚାଷୀଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ ସହାୟତା ରାଶି ବାବଦକୁ ୧୨,୭୦୩ କୋଟି ୭୪ ଲକ୍ଷ ଟଙ୍କା ପ୍ରଦାନ କରିସାରିଲେଣି। ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦେୟ ପ୍ରଦାନ ପ୍ରକ୍ରିୟା ଜାରି ରହିଥିବାବେଳେ ଏ ପର୍ଯ୍ୟନ୍ତ ମାତ୍ର ୫୫୬୨ ଆକାଉଣ୍ଟକୁ ଦେୟ ପ୍ରଦାନରେ ସାମାନ୍ୟ ସମସ୍ୟା ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଇଛି।

ସମ୍ପୃକ୍ତ ଚାଷୀମାନଙ୍କ ଆକାଉଣ୍ଟରେ ସର୍ବାଧିକ ନେଣଦେଣ, ପ୍ରାୟତଃ ଜନଧନ ଆକାଉଣ୍ଟ, ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟରେ ଦେଣନେଣ ପରିମାଣ ସୀମା ଥିବା କାରଣରୁ ଏହିସବୁ ଆକାଉଣ୍ଟକୁ ଦେୟ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଛି। ଏଥି ସହ ପଞ୍ଜିକରଣବେଳେ ନିଷ୍କ୍ରିୟ ଆକାଉଣ୍ଟ ପ୍ରଦାନ, ଆଧାର ସଂଯୋଗ ନଥିବା ଓ ଇ-କେୱାଇସି ହୋଇନଥିବା ଆକାଉଣ୍ଟକୁ ଏହି ଦେୟ ପ୍ରଦାନରେ ସମସ୍ୟା ଦେଖାଦେଉଛି। ମାତ୍ର ରାଜ୍ୟ ସରକାର ଏସବୁର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାସ୍ତରରେ କ୍ଷେତ୍ର ଅଧିକାରୀମାନେ ସମ୍ପୃକ୍ତ ଚାଷୀମାନଙ୍କ ସହ ନିରନ୍ତର ଯୋଗାଯୋଗରେ ରହିବା ସହ ସେମାନଙ୍କ ଆକାଉଣ୍ଟ ଥିବା ବ୍ୟାଙ୍କଗୁଡ଼ିକ ସହ ସଂପର୍କରେ ଅଛନ୍ତି। ଯେପରି କୌଣସି ଯୋଗ୍ୟ ଚାଷୀ ତାଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥି ପ୍ରତି ସରକାର ସଜାଗ ଅଛନ୍ତି। ଦେୟ ପ୍ରଦାନ କ୍ଷେତ୍ରରେ ଦୃଢ଼ ସ୍ୱଚ୍ଛତା ପ୍ରକ୍ରିୟା ଅବଲମ୍ବନ କରାଯାଇ ପ୍ରଥମ ଥର ପାଇଁ ଆଧାର ସଂଯୋଗ ଥିବା ଇ-କେୱାଇସି ପେମେଣ୍ଟ ବ୍ୟବସ୍ଥା ଗ୍ରହଣ କରାଯାଇଛି, ଯାହା ଦ୍ୱାରା ପି-ପାସ୍ (ପ୍ୟାଡ଼ି ପ୍ରୋକ୍ୟୁରମେଣ୍ଟ ଅଟୋମେସନ୍ ସିଷ୍ଟମ୍) ବ୍ୟବସ୍ଥା ସହ ସଂଯୋଗ ଥିବା ଆକାଉଣ୍ଟକୁ ସମ୍ପୃକ୍ତ ଚାଷୀଙ୍କ ଦେୟ ପ୍ରଦାନ କରାଯାଉଛି। ଏଥି ସହ ପ୍ରତ୍ୟେକ ଅଭିଯୋଗର ସମାଧାନ ପାଇଁ ଦେୟମୁକ୍ତ ନମ୍ବର ୧୯୬୭ ମଧ୍ୟ ଖୋଲାଯାଇଛି। ଏଠାକୁ ଆସୁଥିବା ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ସହ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରାଯାଉଛି।

## ବାରଣସତ୍ତ୍ୱେ ପାର୍କିଂସ୍ଥାନରୁ ଇଟା ଖୋଳି ଚାଲିଛି ଦୋକାନ

**କଣ୍ଟିଲୋ,୪।୨/ଏନ୍ଏନ୍ଏସ୍:** ପାର୍କିଂ ସ୍ଥାନରେ ମେଳା ଦୋକାନ ବଜାର ପାଇଁ ଗୃହ ନିର୍ମାଣ ସମୟେ କୌଣସି ଇଟା ନ ଖୋଳିବା ପାଇଁ ରସିଦ ନେଲା ବେଳେ ପ୍ରତ୍ୟେକ ଦୋକାନୀ ମାନଙ୍କୁ ଦେବୋତ୍ତର ବିଭାଗ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସ୍ଥାନୀୟ କେତେକ ବ୍ୟବସାୟୀ ନିଜ ଦୋକାନ ଗୃହ ସହିତ ବାହାର ବ୍ୟବସାୟୀମାନଙ୍କ ପାଇଁ ରସିଦ୍ ମାଧ୍ୟମରେ ସ୍ଥାନ ସଂରକ୍ଷଣ କରି ପାର୍କିଂ ସ୍ଥାନରୁ ଇଟା ଖୋଳିବା ପରେ ଅନ୍ୟ ଦୋକାନୀ ମାନେ ତାଙ୍କୁ ଦେଖି ଇଟା ଖୋଳି ଦୋକାନ କରୁଛନ୍ତି। ଆଦି ପୀଠ କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଐତିହ୍ୟ ଭୌମ ଏକାଦଶୀ ମାଘ ମେଳା ସ୍ଥାନରେ ଗାଡି ପାର୍କିଂ ନିର୍ମାଣ ହେବା ଫଳରେ ଗତ ୨୦୨୪ ଓ ୨୦୨୫ ମସିହାରେ ଶ୍ରୀଜିଉଙ୍କ ଏହି ମାଘ ମେଳା ସ୍ଥାନୀୟ ପଲଟଣ ପଡ଼ିଆରେ ଅନୁଷ୍ଠିତ ହେଉଥିଲା। ଏହି ଦୁଇ



ବର୍ଷ ମେଳାକୁ ଯେତେ ବ୍ୟବସାୟୀ ଆସିଥିଲେ ବହୁ କ୍ଷତି ସହିଲେ। ପଲଟଣ ପଡ଼ିଆରେ ଗୋଟେ ଓଳି ମେଳା ହେଉଥିବା ଯୋଗୁ ଶ୍ରୀଜିଉଙ୍କର ରାଜସ୍ୱ ମଧ୍ୟ କମ୍ ସଂଗ୍ରହ ହେଉଥିଲା। ଚଳିତ ୨୦୨୬ ଭୌମୀ ଏକାଦଶୀ ମାଘ ମେଳା ତାର ପୂର୍ବର ପୈତୃକ ସ୍ଥାନରେ ହେବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଅନୁରୋଧକ୍ରମେ ଦେବୋତ୍ତର ବିଭାଗ ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ପାର୍କିଂ ସ୍ଥାନରେ ମେଳା ଦୋକାନ ବଜାର ପାଇଁ ଗୃହ ନିର୍ମାଣ ସମୟେ କୌଣସି ଇଟା ନ ଖୋଳିବା ପାଇଁ ରସିଦ ନେଲା ବେଳେ ପ୍ରତ୍ୟେକ ଦୋକାନୀଙ୍କୁ ଦେବୋତ୍ତର ବିଭାଗ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସ୍ଥାନୀୟ କେତେକ ବ୍ୟବସାୟୀ ନିଜ ଦୋକାନ ଗୃହ ସହିତ ବାହାର ବ୍ୟବସାୟୀଙ୍କ ପାଇଁ ରସିଦ ମାଧ୍ୟମରେ ସ୍ଥାନ ସଂରକ୍ଷଣ କରି ପାର୍କିଂ ସ୍ଥାନରୁ ଇଟା ଖୋଳିବା ପରେ ଅନ୍ୟ ଦୋକାନୀମାନେ ତାଙ୍କୁ ଦେଖି ଇଟା ଖୋଳି ଦୋକାନ କରୁଛନ୍ତି। ଦେବୋତ୍ତର ବିଭାଗ କର୍ମଚାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ସର୍ଜମିନ ତଦନ୍ତ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

## ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍

# ଈଶା ସିଂହଙ୍କୁ ଡବଲ୍ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୪।୨/ଏଜେନ୍ସି:** ଅଲିମ୍ପିଆନ୍ ଈଶା ସିଂହ ବୁଧବାର ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍ (ରାଇଫଲ/ପିସ୍ତଲ)ର ପ୍ରଥମ ଦିନ ମହିଳା ୧୦ ମିଟର ପିସ୍ତଲ୍ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଭାରତକୁ ଟିମ୍ ଇଭେଣ୍ଟ୍‌ରେ ଶୀର୍ଷ ସ୍ଥାନ ହାସଲରେ ସହାୟତା କରିଛନ୍ତି। ତେବେ ବିଶ୍ୱ ଚାମ୍ପିଅନ୍ ସମ୍ରାଟ୍ ରାଣାଙ୍କୁ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

୨୧ ବର୍ଷୀୟା ଈଶା ଫାଇନାଲ୍‌ରେ ପଛେଇବା ପରେ ପ୍ରତ୍ୟାବର୍ତ୍ତନ କରି ୨୩୯.୮ ପଏଣ୍ଟ ହାସଲ କରିଥିଲେ। ସେ ଚୀନା ତାଇପେଇର ଦୁଇଜଣ ଶୁଟର୍ ଚେଙ୍ଗ୍ ୟେନ୍ ଚିଙ୍ଗ୍ (୨୩୫.୪, ରୌପ୍ୟ) ଓ ୟୁ ଏ ୱେନ୍ (୨୧୭.୭, ବ୍ରୋଞ୍ଜ୍)ଙ୍କ ବ୍ୟତୀତ ନିଜ ଦେଶର ସୁରୁଚି ସିଂହଙ୍କ କଡ଼ା ସଂଘର୍ଷକୁ ପ୍ରତିହତ କରି ସିନିୟର୍ ଏସିଆନ୍ ଚାମ୍ପିଅନ୍‌ଶିପ୍‌ରେ ନିଜର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୪ରେ ସେ ୧୯ ବର୍ଷ ବୟସରେ ଜାକାର୍ତ୍ତାରେ ନିଜର ପ୍ରଥମ ମହାଦ୍ୱୀପୀୟ ଟାଇଟଲ୍ ଜିତିଥିଲେ।

ସେହିପରି ଟିମ୍ ଇଭେଣ୍ଟ୍‌ରେ ସୁରୁଚି (୫୭୬), ମନୁ ଭାକର୍ (୫୭୫) ଏବଂ ଈଶା (୫୭୫)ଙ୍କ ଭାରତୀୟ ଟିମ୍ ମୋଟ ୧୭୨୬ ପଏଣ୍ଟ୍ ସହ ସ୍ୱର୍ଣ୍ଣ ପଦକ ଜିତିଛି। ଭିଏତ୍‌ନାମ୍ (୧୭୧୩) ଏବଂ ଚୀନା ତାଇପେଇ (୧୭୦୧) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହା ପୂର୍ବରୁ ବିଶ୍ୱ ଚାମ୍ପିଅନ୍ ସମ୍ରାଟ୍ ପୁରୁଷ ୧୦ ମିଟର ପିସ୍ତଲ୍ ଇଭେଣ୍ଟ୍ ଫାଇନାଲ୍‌ରେ ଆଶାନୁରୂପ ପ୍ରଦର୍ଶନ କରିନପାରି ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଗତବର୍ଷ କାହିରାରେ ବିଶ୍ୱ ଚାମ୍ପିଅନ୍‌ରେ ସ୍ୱର୍ଣ୍ଣ ଜିତିଥିବା ସମ୍ରାଟ୍ କ୍ୱାଲିଫାଇଙ୍ଗ୍ ରାଉଣ୍ଡ୍‌ରେ ୫୮୧ ସ୍କୋର୍ ସହ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମାତ୍ର ଫାଇନାଲ୍‌ରେ ୨୧ ବର୍ଷୀୟ ଶୁଟର୍ ୨୦.୩ ସ୍କୋର୍ କରି ଉଜ୍‌ବେକିସ୍ତାନର ଭ୍ଲାଦିମିର ସ୍ୱେଚନିକୋଭ୍ (୨୪୨.୦) ଏବଂ କଜାକିସ୍ତାନର ଭାଲେରୀ ରଖିମଜାନ୍ (୨୪୧.୦)ଙ୍କ ପଛରେ ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ଟିମ୍ ଇଭେଣ୍ଟ୍‌ରେ ଭାରତ ରୌପ୍ୟ ପଦକ ଜିତିଛି। ସମ୍ରାଟ୍ (୫୮୧), ଶ୍ରବଣ କୁମାର (୫୭୮) ଏବଂ ବିଶ୍ୱ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ବିଜେତା ବରୁଣ ତୋମର (୫୭୩) ମୋଟ ୧୭୩୨ ପଏଣ୍ଟ୍ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଜ୍‌ବେକିସ୍ତାନ ସମାନ ୧୭୩୨ ପଏଣ୍ଟ୍ ସହ ସ୍ୱର୍ଣ୍ଣ ଏବଂ କଜାକିସ୍ତାନ ୧୭୩୧ ପଏଣ୍ଟ୍ ସହ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

# ଈଶାନ୍ କିଶନ୍‌ଙ୍କ ୩୨ ସ୍ଥାନର ଲମ୍ଫ

## ଟି-୨୦ ର୍‍ୟାଙ୍କିଙ୍ଗ୍



**ଦୁବାଇ,୪।୨/ଏଜେନ୍ସି:** ଭାରତୀୟ ୱିକେଟ୍‌କିପର୍ ବ୍ୟାଟର୍ ଈଶାନ୍ ଶର୍ମା ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ୩୨ ସ୍ଥାନର ବିରାଟ ଲମ୍ଫ ପ୍ରଦାନ କରି ବୁଧବାର ଜାରି ବ୍ୟାଟିଂ ସୂଚୀର ୩୨ତମ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ରେଟିଂ ପଏଣ୍ଟ୍ ୫୮୪ ହୋଇଛି। ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ପାକିସ୍ତାନର ସଇମ୍ ଅୟୁବ୍ ଜିମ୍ବାୱେର ଅନୁଭବୀ ଖେଳାଳି ସିକନ୍ଦର ରଜାଙ୍କୁ ହଟାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଭାରତର ଶିଭମ୍ ଦୁବେଙ୍କୁ ମଧ୍ୟ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ର ଦୁଇଟି ସ୍ଥାନର ଲାଭ ହୋଇଛି ଏବଂ ସେ ୧୮୬ ରେଟିଂ ପଏଣ୍ଟ୍ ସହ ଏକାଦଶରୁ ନବମ ସ୍ଥାନକୁ ଉଠିଛନ୍ତି। ଟି-୨୦ ବ୍ୟାଟର୍‌ଙ୍କ ମଧ୍ୟରେ ଭାରତର ଅଭିଷେକ ଶର୍ମା ଶୀର୍ଷରେ ସ୍ଥିର ରହିଛନ୍ତି। ସେହିପରି ଆଘାତ କାରଣରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଟିଏ ବି ମ୍ୟାଚ୍ ଖେଳିନଥିବା ତିଳକ ବର୍ମା ଗୋଟିଏ ସ୍ଥାନର କ୍ଷତି ସହ ଚତୁର୍ଥ ସ୍ଥାନକୁ ଖସିଆସିଛନ୍ତି। ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ (୭୨୮) ସୂଚୀର ଷଷ୍ଠ ସ୍ଥାନରେ ରହିଛନ୍ତି। ଈଶାନ୍ କିଶନ୍ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ସହ ୨୧୫ ରନ୍ କରିଥିଲେ। ପାଞ୍ଚ ମ୍ୟାଚ୍‌ର ସିରିଜ୍‌ରେ ସେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହୋଇଥିଲେ।

ଟି-୨୦ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ପାକିସ୍ତାନୀ ସ୍ପିନର୍ ଅବରାର୍ ଅହମଦ ଦୁଇଟି ସ୍ଥାନର ସୁଧାର ସହ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ସେ ଭାରତର ବରୁଣ ଚକ୍ରବର୍ତ୍ତୀଙ୍କ ଠାରୁ ମାତ୍ର ୨୮ ରେଟିଂ ପଏଣ୍ଟ୍ ପଛରେ ରହିଛନ୍ତି। ସେହିପରି ବାମହାତୀ ସ୍ପିନର୍ ମହମ୍ମଦ ନୱାଜ୍ ମଧ୍ୟ ବଡ଼ ଲମ୍ଫ ପ୍ରଦାନ କରିଛନ୍ତି। ସେ ୮ ସ୍ଥାନ ଉପରକୁ ଉଠି ୭ ନମ୍ବରରେ ପହଞ୍ଚିଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ୍‌ରେ ସଇମ୍ ଅୟୁବ ୧୧୯ ରନ୍ କରିବା ସହିତ ତିନି ୱିକେଟ୍ ନେଇଛନ୍ତି। ଏହି ପ୍ରଦର୍ଶନ ବଳରେ ସେ ଗୋଟିଏ ସ୍ଥାନର ସୁଧାର କରି ଅଲ୍‌ରାଉଣ୍ଡର୍ ସୂଚୀର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କ ପରେ ୨୮୯ ରେଟିଂ ପଏଣ୍ଟ୍ ସହ ସିକନ୍ଦର ରଜା ଦ୍ୱିତୀୟ ଏବଂ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୨୪୭ ପଏଣ୍ଟ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି। ପାକିସ୍ତାନର ମହମ୍ମଦ ନୱାଜ୍ ଚତୁର୍ଥ ଓ ୱେଷ୍ଟଇଣ୍ଡିଜ୍‌ର ରୋଷ୍ଟନ୍ ଚେଜ୍ ପଞ୍ଚମ ସ୍ଥାନରେ ରହିଛନ୍ତି।

## ଅଣ୍ଡର-୧୯ ବିଶ୍ୱକପ୍: ଆଫଗାନିସ୍ତାନ ୭ ୱିକେଟ୍‌ରେ ପରାଜିତ

# ଲଗାତାର ୬ଷ୍ଠ ଫାଇନାଲ୍‌ରେ ଭାରତ

## ଆରୋନ୍ ଜର୍ଜଙ୍କ ଶତକ, ସୂର୍ଯ୍ୟବଂଶୀ ଓ ମହାତ୍ରେଙ୍କ ଅର୍ଦ୍ଧଶତକ



**ହରାରେ,୪।୨/ଏଜେନ୍ସି:** ଭାରତ୍ ଲଗାତାର ୬ଷ୍ଠ ଥର ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଛି। ବୁଧବାର ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଟିମ୍ ଇଣ୍ଡିଆ ୭ ୱିକେଟ୍‌ରେ ଆଫଗାନିସ୍ତାନକୁ ହରାଇ ଦେଇଛି। ଫାଇନାଲ୍‌ରେ ଭାରତ ଶୁକ୍ରବାର ଏହି ଗ୍ରାଉଣ୍ଡ୍‌ରେ ଇଂଲଣ୍ଡକୁ ଭେଟିବ। ଆଫଗାନିସ୍ତାନ ୩୧୧ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା, ଯାହାକୁ ଭାରତ ୪୧.୧ ଓଭର୍‌ରେ ହାସଲ କରିନେଇଛି। ଅଣ୍ଡର-୧୯ ବିଶ୍ୱକପ୍‌ରେ ଏତେ ବଡ଼ ଲକ୍ଷ୍ୟ ସଫଳତାର ସହ ପିଛା କରିବା ଏହା ପ୍ରଥମ ଘଟଣା। ଭାରତୀୟ ଟିମ୍‌ର ବିଜୟରେ ଓପ୍ନର୍ ଆରୋନ୍ ଜର୍ଜ ୧୧୫ ରନ୍‌ର ଇନିଂସ୍ ଖେଳି ପ୍ରମୁଖ ଭୂମିକା ତୁଲାଇଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ଏହା ୧୬ଶ ସଂସ୍କରଣ ହୋଇଥିବା ବେଳେ ଭାରତ ବର୍ତ୍ତମାନ ସୁଦ୍ଧା ୧୦ ଥର ଫାଇନାଲ୍‌ରେ ପ୍ରବେଶ କରିଛି।

ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଟିମ୍‌କୁ ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ୍ ଜର୍ଜ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୯୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହି ଅବସରରେ ବୈଭବ ୭ ଚୌକା ଓ ତିନି ଛକା ସହାୟତାରେ ମାତ୍ର ୨୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଅବଶ୍ୟ ଏହାପରେ ସେ ବେଶୀ ସମୟ କ୍ରିଜ୍‌ରେ ତିଷ୍ଠିପାରି ନଥିଲେ ଏବଂ ୩୩ ବଲ୍‌ରେ ୬୮ ରନ୍ କରି ବିଦାୟ ନେଇଥିଲେ। ଏହା ମଧ୍ୟରେ ୯ ଚୌକା ଓ ୪ ଛକା ସାମିଲ ଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ଆଉଟ୍ ପରେ ଆରୋନ୍ ଜର୍ଜଙ୍କ ସହ କ୍ୟାପ୍‌ଟେନ୍ ଆୟୁଷ ମହାତ୍ରେ ଇନିଂସ୍ ସମ୍ଭାଳିଥିଲେ। ଦୁହେଁ ଦ୍ୱିତୀୟ ୱିକେଟ୍ ପାଇଁ ୧୧୪ ରନ୍ ଯୋଡ଼ି ମ୍ୟାଚ୍ ଏକତରଫା କରିଦେଇଥିଲେ। ଆୟୁଷ ୫ ଚୌକା ଏବଂ ୪ ଛକା ସହାୟତାରେ ୫୯ ବଲ୍‌ରେ ୬୨ ରନ୍‌ର ଇନିଂସ୍ ଖେଳିଥିଲେ। ଆୟୁଷ ମହାତ୍ରେଙ୍କ ଆଉଟ୍ ପରେ ମଧ୍ୟ ଆରୋନ୍ ଜର୍ଜ କ୍ରିଜ୍‌ରେ ତିଷ୍ଠି ରହି ଭାଇସ୍ କ୍ୟାପ୍‌ଟେନ୍ ବିହାନ୍ ମାଲ୍‌ହୋତ୍ରାଙ୍କ ସହ ତୃତୀୟ ୱିକେଟ୍ ପାଇଁ ୯୬ ରନ୍ ଯୋଡ଼ି ଭାରତକୁ ବିଜୟ ନିକଟତର କରିଥିଲେ। ଜର୍ଜ ୧୫ ଚୌକା ଓ ଦୁଇ ଛକା ସହାୟତାରେ ୧୦୪ ବଲ୍‌ରେ ୧୧୫ ରନ୍ କରି ଆଉଟ୍ ହୋଇଥିବା ବେଳେ ବିହାନ୍ ୩୮ ରନ୍‌ରେ ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ ନୁରିସ୍ତାନୀ ସଭରଜାଇ ୨ଟି ଏବଂ ୱାହିଦୁଲ୍ଲାହ ଜାଦ୍ରାନ୍ ଗୋଟିଏ ୱିକେଟ୍ ପାଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଆଫଗାନିସ୍ତାନ ୪ ୱିକେଟ୍‌ରେ ୩୧୦ ରନ୍ କରିଥିଲା। ଓସ୍ମାନ୍ ସାଦାତ୍ ଓ ଖାଲିଦ୍ ଅହମଦଜଇ ପ୍ରଥମ ୱିକେଟ୍ ପାଇଁ ୫୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ଖାଲିଦ୍ (୩୧ ରନ୍)ଙ୍କୁ ଆଉଟ୍ କରି ଦୀପେଶ ଦେବେନ୍ଦ୍ରନ୍ ଏହି ପାର୍ଟନରଶିପ୍‌ର ଅନ୍ତ ଘଟାଇଥିଲେ। ପରେ ଓସ୍ମାନ୍ ସାଦାତ୍ ଓ ଫୈସଲ୍ ଶିନୋଜଦାଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୬୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଓସ୍ମାନ୍ (୩୯)ଙ୍କୁ କନିଷ୍କ ଚୌହାନ୍ ନିଜ ସ୍ପିନ୍‌ରେ ଫସାଇ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଫୈସଲ୍ ଶିନୋଜାଦା ଓ ଉଜୈରୁଲ୍ଲାହ ନିୟାଜଇ ଭାରତୀୟ ବୋଲର୍‌ଙ୍କୁ ବହୁ ପିଟିଥିଲେ। ଦୁହିଁଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୧୪୮ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଶିନୋଜାଦା ୯୧ ବଲ୍‌ରେ ୧୫ ଚୌକା ବଳରେ ୧୧୦ ରନ୍ କରିଥିଲେ। ସେହିପରି ଉଜୈରୁଲ୍ଲାହ ୧୨ ଚୌକା ଓ ଦୁଇ ଛକା ସହାୟତାରେ ୮୬ ବଲ୍‌ରେ ୧୦୧ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ଭାରତ ପକ୍ଷରୁ କନିଷ୍କ ଚୌହାନ୍ ଓ ଦୀପେଶ ଦେବେନ୍ଦ୍ରନ୍ ୨-୨ ୱିକେଟ୍ ବାଣ୍ଟି ନେଇଥିଲେ।

# ୩ଟି ଜାତୀୟ ରେକର୍ଡ ଭାଙ୍ଗିଲେ ମୀରାବାଈ ଚାନୁ



**ନୂଆଦିଲ୍ଲୀ,୪।୨/ଏଜେନ୍ସି:** ଅଲିମ୍ପିକ୍ ରୌପ୍ୟ ପଦକ ବିଜୟିନୀ ମୀରାବାଈ ଚାନୁ ଉତ୍ତର ପ୍ରଦେଶର ମୋଦୀନଗରରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିଅନ୍‌ଶିପ୍‌ରେ ବୁଧବାର ତିନିଟି ଜାତୀୟ ରକର୍ଡ ଭଙ୍ଗ କରିଛନ୍ତି। ୪୮ କିଲୋଗ୍ରାମ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୧ ବର୍ଷୀୟା ଚାନୁ ସ୍ନାଚ୍‌ରେ ୮୯ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୬ କିଲୋଗ୍ରାମର ସର୍ବୋତ୍ତମ ଭାର ଉତ୍ତୋଳନ ରେକର୍ଡ କରିଛନ୍ତି। ମୋଟ ୨୦୫ କିଲୋଗ୍ରାମର ଭାରତ ଉଠାଇ ସେ ଶୀର୍ଷସ୍ଥାନ ହାସଲ କରିଛନ୍ତି। ରାଧା ସୋନି ଏବଂ କୋମଲ କୋହର ଯଥାକ୍ରମେ ରୌପ୍ୟ ଏବଂ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଅଲିମ୍ପିକ୍ ଓଜନ ବର୍ଗରେ ପରିବର୍ତ୍ତନ ପରେ ମୀରାବାଈ ଚାନୁ ୨୦୨୫ରେ ୪୯ କିଲୋଗ୍ରାମ ବିଭାଗରୁ ୪୮ କିଲୋଗ୍ରାମ ବର୍ଗକୁ ଫେରିଥିଲେ। ୪୯ କିଲୋଗ୍ରାମ ବର୍ଗରେ ମୀରାବାଈଙ୍କ ମୋଟ ବ୍ୟକ୍ତିଗତ ସର୍ବୋତ୍ତମ ୨୦୫ କିଲୋଗ୍ରାମ (୮୬ + ୧୧୯) ଥିଲା, ଯାହା ସେ ୨୦୨୧ ଏସୀୟ ଚାମ୍ପିଅନସିପ୍‌ରେ ହାସଲ କରିଥିଲେ। ୩୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ତିନୋଟି ବିଭାଗୀୟ ବୋର୍ଡର ପ୍ରାୟ ୭୯୦ ଜଣ ଖେଳାଳି ଚାମ୍ପିଅନ୍‌ଶପ୍‌ରେ ୧୨ ଦିନ ଧରି ପ୍ରତିଦ୍ୱନ୍ଦ୍ୱିତା କରିବେ।

# ଦେଶ ବିଦେଶ

## ଚାପୁଡ଼ା ମାରିବାରୁ ଶ୍ରବଣ ଶକ୍ତି ହରାଇଥିଲେ ଛାତ୍ରୀ

# ଅଭିଯୁକ୍ତା ଶିକ୍ଷୟିତ୍ରୀଙ୍କୁ ୩୯ ମାସ ଜେଲ୍‌ଦଣ୍ଡ

**ଗାନ୍ଧୀନଗର, ୪।୨/ଏଜେନ୍ସି:** ଗୁଜରାଟର ଗାନ୍ଧୀନଗର ସ୍ଥିତ ଏକ ଘରୋଇ ସ୍କୁଲରେ ନିଯୁକ୍ତ ଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ଅମାନବୀୟ ଆଚରଣ ପାଇଁ ୩୯ ମାସର ଜେଲ୍‌ଦଣ୍ଡ ଭୋଗ କରିବାକୁ ହେବ। ରିପୋର୍ଟ ଅନୁସାରେ ଗାନ୍ଧୀନଗର ସେକ୍ଟର ୨୮ରେ ଥିବା ଏହି ଘରୋଇ ସ୍କୁଲର ଅଭିଯୁକ୍ତା ଶିକ୍ଷୟିତ୍ରୀଜଣକ ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ (୧୪ ବର୍ଷ)ଙ୍କ ଉପରେ ଭୀଷଣ ରାଗିଯାଇଥିଲେ। ଛାତ୍ରୀଜଣକ ହୋମୱାର୍କ କରିନଥିବାରୁ ଶିକ୍ଷୟିତ୍ରୀ ତାଙ୍କୁ ଶକ୍ତ ଚାପୁଡ଼ା ମାରିଥିଲେ। ତେବେ ଏହି ଚାପୁଡା ମାଡ଼ରେ ଉକ୍ତ ଛାତ୍ରୀଙ୍କ ଗୋଟିଏ ପଟ କାନ କ୍ଷତିଗ୍ରସ୍ତ ହୋଇଥିଲା। ରକ୍ତ ବାହାରିବାରୁ ତାଙ୍କୁ ହସ୍ପିଟାଲ୍ ନିଆଯାଇଥିଲା। ଡାକ୍ତରୀ ଦଳ କିଶୋରୀଙ୍କ କାନ ପରୀକ୍ଷା କରିବାରୁ ସେ ସବୁଦିନ ପାଇଁ ନିଜ ଶ୍ରବଣ ଶକ୍ତି ହରାଇଥିବା ଜଣାପଡ଼ିଥିଲା। ଶିକ୍ଷୟିତ୍ରୀଙ୍କ ଚାପୁଡା ମାଡ଼ରେ ଛାତ୍ରୀଙ୍କ କାନ ପରଦା ହିଁ ନଷ୍ଟ ହୋଇଥିବା ପ୍ରମାଣିତ ହେବା ପରେ ଏହି ମାମଲା ଗାନ୍ଧୀନଗରର ଏକ କୋର୍ଟକୁ ଯାଇଥିଲା। ଅନ୍ୟପକ୍ଷେ କୋର୍ଟ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତା ଶିକ୍ଷୟିତ୍ରୀଙ୍କୁ ୩୯ ମାସ (୩ ବର୍ଷ ୩ ମାସ) ଜେଲ୍‌ଦଣ୍ଡ ପ୍ରଦାନ କରିବା ସହ ୫୦,୦୦୦ ଟଙ୍କାର ଜୋରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି। ୨୦୨୦ରେ ଘଟିଥିବା ଏହି ଘଟଣା ଉପରେ କୋର୍ଟ ଶୁଣାଣି ଗତ ୫ ବର୍ଷ ଧରି ଜାରି ରହିଥିବା ବେଳେ ଏବେ ରାୟ ଆସିଛି।

## ଦୁଇ ଜୈଶ୍ ଆତଙ୍କୀ ନିହତ

# ସର୍ଚ୍ଚ ଅପରେସନ୍ ସମୟରେ ଏନ୍‌କାଉଣ୍ଟର୍

**ଉଦ୍ଧମପୁର,୪।୨/ଏଜେନ୍ସି:** ଜମ୍ମୁ-କାଶ୍ମୀରର ଉଦ୍ଧମପୁର ଜିଲ୍ଲାର ପାର୍ବତ୍ୟ ତଥା ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବାହିନୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଜିଲ୍ଲାରେ ସୁରକ୍ଷା ବାହିନୀ ପକ୍ଷରୁ ଦୁଇ ଦିନ ଧରି ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ମଧ୍ୟ ଅବ୍ୟାହତ ରହିଛି। ତେବେ ବୁଧବାର ଏଠାରେ ଜୈସ-ଏ-ମହମ୍ମଦ ଆତଙ୍କୀ ସଂଗଠନର ଦୁଇ ଆତଙ୍କବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁଯାୟୀ, ଜିଲ୍ଲାର ରାମନଗର ଓ ବସନ୍ତଗଡ଼ ମଧ୍ୟରେ ଥିବା ଏକ ଦୁର୍ଗମଅଞ୍ଚଳ ଚିଗଲା ବାଲୋଟାରେ ସନ୍ଦିଗ୍ଧ ଆତଙ୍କବାଦୀ ଗତିବିଧି ବିଷୟରେ ସୁରକ୍ଷା ବାହିନୀ ସୂଚନା ପାଇଥିଲେ। ଏହାପରେ, ସେନା, ସିଆର୍‌ପିଏଫ୍ ଓ ଜମ୍ମୁ-କାଶ୍ମୀର ପୁଲିସ ପକ୍ଷରୁ ମିଳିତ ଅପରେସନ୍ "ଅପରେସନ୍ କକେୟା" ଆରମ୍ଭ ହୋଇଥିଲା। ତେବେ ଜାଗ୍ରେଡା ଅଞ୍ଚଳର ଘନ ଜଙ୍ଗଲରେ ଲୁଚି ରହିଥିବା ଏହି ଆତଙ୍କବାଦୀମାନେ ପ୍ରଥମେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚାଳନା କରିବାରୁ ଜବାବରେ ସୁରକ୍ଷା ବାହିନୀ ମଧ୍ୟ ପାଲଟା ଗୁଳିମାଡ଼ କରିଥିଲା। ଅଧିକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହରେ ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଘୋଷଣା କରାଯାଇଛି। ଅତିରିକ୍ତ ସୁରକ୍ଷା ବାହିନୀକୁ ଘଟଣାସ୍ଥଳକୁ ଡକାଯାଇଛି। ବରିଷ୍ଠ ପୁଲିସ ଓ ସେନା ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ଅଭିଯାନ ଉପରେ ନଜର ରଖିଛନ୍ତି। ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳିଚାଳନା ଏବେ ବି ଜାରି ରହିଥିବା ଜଣାପଡିଛି।

## ସଂସଦ ବାହାରେ ହାଇ ଭୋଲ୍‌ଟେଜ୍ ଡ୍ରାମା

# କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ 'ବିଶ୍ୱାସଘାତକ' କହିଲେ ରାହୁଲ

## ଜବାବରେ 'ଦେଶଦ୍ରୋହୀ' ବୋଲି ଶୁଣାଇଲେ ରଭନୀତ୍



**ଚଣ୍ଡିଗଡ଼,ନୂଆଦିଲ୍ଲୀ, ୪।୨/ଏଜେନ୍ସି:** ସଂସଦରେ ସମ୍ପ୍ରତି ବଜେଟ୍ ଅଧିବେଶନ ଉପରେ ଆଗତ ରାଷ୍ଟ୍ରପତିଙ୍କ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଜାରି ରହିଛି। କିନ୍ତୁ ବିରୋଧୀ ଦଳର ସାଂସଦମାନେ ବିଭିନ୍ନ ଦାବି ନେଇ ଗୃହକାର୍ଯ୍ୟକୁ ବାରମ୍ବାର ପ୍ରଭାବିତ କରୁଛନ୍ତି। ଏଭଳି ସ୍ଥିତିରେ ଶାସକ ଓ ବିରୋଧୀ ଦଳର ସାଂସଦଙ୍କ ମଧ୍ୟରେ ଏକପ୍ରକାର ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟ ସୃଷ୍ଟି ହୋଇଛି। ତେବେ ସ୍ଥିତି ଏତେମାତ୍ରାରେ ବିଗିଡିଯାଇଛି ଯେ ଏହାର ଏକ ଜ୍ୱଳନ୍ତ ପ୍ରମାଣ ମଧ୍ୟ ଆଜି ସାମ୍ନାକୁ ଆସିଛି।

ରିପୋର୍ଟ ଅନୁସାରେ ଆଜି ବଜେଟ୍ ଅଧିବେଶନର ୪ର୍ଥ କାର୍ଯ୍ୟ ଦିବସ ଥିବା ବେଳେ ବିରୋଧୀ ସାଂସଦମାନେ ଗୃହ ବାହାରେ ବସି ପ୍ରତିବାଦ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ବିଜେପି ସାଂସଦ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରଭନୀତ୍ ବିଟ୍ଟୁ ସେହି ବାଟ ଦେଇ ଯାଉଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କୁ ହ୍ୟାଣ୍ଡସେକ୍ କରିବା ପାଇଁ ହାତ ବଢ଼ାଇଥିଲେ ଏବଂ 'ହ୍ୟାଲେ ମାଇ ଟ୍ରେଟର ଫ୍ରେଣ୍ଡ' ବୋଲି ସମ୍ବୋଧନ କରିଥିଲେ। ଏହାର ଅର୍ଥ ରାହୁଲ ରଭନୀତ୍‌ଙ୍କୁ ଗଦ୍ଦାର ବା ବିଶ୍ୱାସଘାତକ ବୋଲି କହିଥିଲେ କାରଣ ପୂର୍ବରୁ ରଭନୀତ୍ କଂଗ୍ରେସରେ ଥିବା ବେଳେ ସମ୍ପ୍ରତି ସେ ବିଜେପିରେ ସାମିଲ ହୋଇଛନ୍ତି। ଏହାକୁ ନେଇ ରଭନୀତ୍ ସାମାନ୍ୟ ଉତ୍‌କ୍ଷିପ୍ତ ହୋଇପଡିଥିଲେ ଏବଂ ହାତ ନ ମିଳାଇ ରାହୁଲଙ୍କୁ ଜବାବ ଦେଇ କହିଥିଲେ ଯେ, ସେ (ନିଜେ ରଭନୀତ୍) ଗଦ୍ଦାର ନୁହଁନ୍ତି। ଓଲଟା ସେ ରାହୁଲ୍‌ଙ୍କୁ ଦେଶଦ୍ରୋହୀ ବୋଲି ସମ୍ବୋଧିତ କରିଥିଲେ। ଦୁଇ ସାଂସଦଙ୍କ ମଧ୍ୟରେ ଏପ୍ରକାର କଥା କଟାକଟି ଉପସ୍ଥିତ ସାଂସଦଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲେ ମଧ୍ୟ ପରିସ୍ଥିତି ସାମାନ୍ୟ ଅସହଜ ତଥା ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା। ଏହି ସମୟରେ ରାହୁଲ, ରଭନୀତ୍‌ଙ୍କୁ କହିଥିଲେ ଯେ, ବ୍ୟସ୍ତ ହେବାର କିଛି ନାହିଁ, ଖୁବ୍‌ଶୀଘ୍ର ଆପଣ ପୁଣିଥରେ କଂଗ୍ରେସ୍‌କୁ ଫେରିବାକୁ ଯାଉଛନ୍ତି। ରାହୁଲଙ୍କ ଏପ୍ରକାର ବିବୃତି ଉପରେ ପୁନଃ ପ୍ରତିକ୍ରିୟା ଦେଇ ରଭନୀତ୍ କହିଥିଲେ ଯେ, ଏପରି କିଛି ହେବ ନାହିଁ।

ନୂଆ ସଂସଦ ଭବନ ବା କର୍ତ୍ତବ୍ୟ ଭବନର ମକର ଦ୍ୱାର ସମ୍ମୁଖରେ ସଂସଦ ବାହାରେ ବିରୋଧୀ ସାଂସଦଙ୍କ ପ୍ରତିବାଦ ସମୟରେ ଏପ୍ରକାର ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ସାମ୍ନାକୁ ଆସିଛି। ଏହି ସମୟରେ ସେଠାରେ ଲୁଧିଆନାର ସାଂସଦ ଅମରିନ୍ଦର ସିଂହ ରାଜା ୱାରିଂ, ଗୁରୁଦାସପୁରର ସାଂସଦ ସୁଖଜିନ୍ଦର ରନ୍ଧାୱା ଏବଂ ଅମୃତସରର ସାଂସଦ ଗୁରଜିତ ଆଉଜଲା ମଧ୍ୟ ଉପସ୍ଥିତ ଥିଲେ। ବିଟ୍ଟୁ ଅଭିଯୋଗ କରିଥିଲେ ଯେ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରାଯାଇଥିଲା। ତେବେ ଏହି ସମ୍ପୂର୍ଣ୍ଣ ଘଟଣା ସଂସଦ ଭିତରେ ଏବଂ ବାହାରେ ରାଜନୈତିକ ପରିବେଶକୁ ଉଷ୍ମ କରିଦେଇଛି।

**ଲୋକସଭାରେ ବିରୋଧୀଙ୍କ ହଙ୍ଗାମା ଜାରି**
**ସ୍ଥଗିତ ରହିଲା ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ଅଭିଭାଷଣ**

ରିପୋର୍ଟ ଅନୁସାରେ ଆଜି ଦିନରେ ମଧ୍ୟ ବାରମ୍ବାର ଗୃହ ମୁଲତବୀ ହେବା କାରଣରୁ ଲୋକସଭାରେ ସନ୍ଧ୍ୟା ୫ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଧନ୍ୟବାଦ ଭାଷଣକୁ ଆସନ୍ତା କାଲି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପୂର୍ବତନ ସେନାମୁଖ୍ୟ ଏମଏମ୍ ନରଭାଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ ପୁସ୍ତକରେ ଲିଖିତ କେତେକ ବିଷୟବସ୍ତୁ ଉପରେ କହିବାପାଇଁ ଅନୁମତି ଦିଆଯାଉନଥିବାରୁ ବିରୋଧୀ ଦଳର ସାଂସଦମାନେ ଉତ୍‌କ୍ଷିପ୍ତ ହୋଇପଡ଼ିଛନ୍ତି। ଆଜି ଦିନତମାମ ଏହି ପ୍ରସଙ୍ଗ ଏବଂ ଗତକାଲି ଲୋକସଭାରେ ୮ କଂଗ୍ରେସ ସାଂସଦଙ୍କ ନିଲମ୍ବନ କରାଯିବାକୁ ବିରୋଧ କରି ଗୃହରେ ବିରୋଧୀ ଦଳର ସାଂସଦମାନେ ହୋହାଲ୍ଲା ଏବଂ ହଟ୍ଟଗୋଳ ଜାରି ରଖିଥିଲେ। ଫଳରେ ବାରମ୍ବାର ଏବଂ ଶେଷରେ ଆସନ୍ତା କାଲି ପର୍ଯ୍ୟନ୍ତ ଗୃହକୁ ଗୃହକୁ ମୁଲତବୀ ରଖିବାକୁ ପଡ଼ିଛି। ଏପରିକି ଅନ୍ୟପକ୍ଷେ ବାଚସ୍ପତିଙ୍କ ଅଫିସ୍‌ରେ ବିରୋଧୀ-ବିଜେପି ସାଂସଦ ମୁହାଁମୁହିଁ ହୋଇଥିବା ନେଇ ମଧ୍ୟ ସୂଚନା ମିଳିଛି।

# 'ଆମେରିକା ବାଣିଜ୍ୟ ଚୁକ୍ତିରେ କୃଷି, ଦୁଗ୍ଧ କ୍ଷେତ୍ରକୁ ସୁରକ୍ଷା ଦିଆଯାଇଛି'



**ନୂଆଦିଲ୍ଲୀ, ୪।୨/ଏଜେନ୍ସି:** ବିରୋଧୀ ଦଳ ସାଂସଦମାନଙ୍କ ହଟ୍ଟଗୋଳ ମଧ୍ୟରେ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଆମେରିକା ସହିତ ସମ୍ପ୍ରତି ବାଣିଜ୍ୟ ଚୁକ୍ତି ଉପରେ ଲୋକସଭାରେ ବୁଧବାର ଏକ ବିବୃତ୍ତି ଜାରି କରିଛନ୍ତି। ଗୋୟଲ କହିଛନ୍ତି ଯେ ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ଭାରତ କୃଷି ଏବଂ ଦୁଗ୍ଧ ଭଳି ସମ୍ବେଦନଶୀଳ କ୍ଷେତ୍ରରେ ନିଜର ସ୍ୱାର୍ଥକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇଛି। ସେ କହିଛନ୍ତି ଯେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବିକଶିତ ଭାରତ ଏବଂ ଆତ୍ମନିର୍ଭର ଭାରତ ପଦକ୍ଷେପକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଗୋୟଲଙ୍କ କହିବାନୁସାରେ ଉଭୟ ପକ୍ଷ ସହମତି ଭିତ୍ତିରେ ଏକ ଚୂଡାନ୍ତ ନିଷ୍କର୍ଷରେ ପହଞ୍ଚିବାକୁ ପ୍ରାୟ ୧ ବର୍ଷ ସମୟ ନେଇଛନ୍ତି ସତ କିନ୍ତୁ ନିଶ୍ଚିତ କରିଥିଲେ ଯେ ଭାରତୀୟ ଚାଷୀଙ୍କ ସହ ଜଡ଼ିତ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଅଣଦେଖା କରାଯିବ ନାହିଁ। ଆଲୋଚନା ସମୟରେ ଭାରତୀୟ ପକ୍ଷ ଏହାର ସମ୍ବେଦନଶୀଳ କ୍ଷେତ୍ର, ବିଶେଷ କରି କୃଷି ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ସ୍ୱାର୍ଥ ରକ୍ଷା କରିବାରେ ସଫଳ ହୋଇଥିଲା। ଏକ ବର୍ଷର ଆଲୋଚନା ପରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ବିଭିନ୍ନ କ୍ଷେତ୍ରକୁ ଚୂଡ଼ାନ୍ତ ରୂପ ଦେବାରେ ସଫଳ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୋମବାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଘୋଷଣା କରି କହିଥିଲେ ଯେ ସେ ଭାରତ ଉପରେ ପାରସ୍ପରିକ ଶୁଳ୍କ ୨୫%ରୁ ୧୮%କୁ ଜରୁରିକାଳୀନ ପ୍ରଭାବ ଅନ୍ତର୍ଗତ ହ୍ରାସ କରାଯାଇଛି। ସେହିପରି ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଅନ୍ତର୍ଗତ କୃଷିଜାତ ସାମଗ୍ରୀ ସମେତ ୫୦୦ ବିଲିୟନ ଡଲାରରୁ ଅଧିକ ଆମେରିକୀୟ ଉତ୍ପାଦ କିଣିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ଟ୍ରମ୍ପ୍ କହିଥିଲେ। ଏହାକୁ ନେଇ ବିରୋଧୀ ଶିବିରରୁ ତୀବ୍ର ସମାଲୋଚନା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ବିକିଦେଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଆସୁଛନ୍ତି। ବିରୋଧୀଙ୍କ ଅଭିଯୋଗ ଉପରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗତ ଦୁଇ ଦିନ ଧରି ସ୍ପଷ୍ଟୀକରଣ ଦେବାର ଦେଖିବାକୁ ମିଳୁଛି।

## ବ୍ରାଜିଲ୍‌ରେ ଭୟଙ୍କର ବସ୍ ଦୁର୍ଘଟଣା

# ୪ ଶିଶୁ ସମେତ ୧୫ ମୃତ

**ସାଓ ଜୋସ୍, ୪।୨/ଏଜେନ୍ସି:** ବ୍ରାଜିଲରେ ଏକ ଧାର୍ମିକ ଉତ୍ସବରୁ ଶ୍ରଦ୍ଧାଳୁଙ୍କୁ ନେଇ ଫେରୁଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୪ ଶିଶୁଙ୍କ ସମେତ ପ୍ରାୟ ୧୫ଜଣଙ୍କ ପ୍ରାଣହାନୀ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ବସ୍‌ଟି ୬୦ରୁ ଅଧିକ ଲୋକଙ୍କୁ ନେଇ ଫେରୁଥିବାବେଳେ ଉତ୍ତର-ପୂର୍ବ ବ୍ରାଜିଲର ଅଲାଗୋଆସ୍ ଷ୍ଟେଟର ଗ୍ରାମୀଣ ରାସ୍ତାରେ ଏକ ବୁଲାଣିରେ ଭାରସାମ୍ୟ ହରାଇଥିଲା। ବସ୍‌ଓଲଟି ପଡ଼ିବାରୁ କିଛି ଲୋକ ବସ୍ ବାହାରକୁ ଛିଟିକି ପଡ଼ିଥିଲେ ଏବଂ ବସ୍ ତଳେ ଚାପି ହୋଇଯାଇଥିଲେ। ବସ୍‌ଟିକୁ କ୍ରେନ୍ ସାହାଯ୍ୟରେ ସିଧା କରି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ନିଆଯାଇଥିଲା। ମୃତକଙ୍କ ମଧ୍ୟରେ ସାତଜଣ ମହିଳା, ପାଞ୍ଚ ଜଣ ପୁରୁଷ ଓ ଚାରି ଜଣ ଶିଶୁ ଥିବା ଅଲାଗୋଆସ୍ ଆଞ୍ଚଳିକ ସରକାର ସୂଚନା ଦେଇଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଅଲାଗୋଆସ୍ ରାଜ୍ୟରେ ତିନିଦିନିଆ ଶୋକ ଘୋଷଣା କରାଯାଇଛି। ଗର୍ଭନର ପାଓଲୋ ଡାଣ୍ଟାସ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ବ୍ରାଜିଲରେ ୨୦୨୪ ସଡ଼କ ଦୁର୍ଘଟଣାରେ ୧୦,୦୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra